

ଓଁ ନମୋ ଭଗବତେ ଯଦୁନନ୍ଦନାୟ ସୁକାନ୍ତିସୁତାୟ କେଶବଚନ୍ଦ୍ରାୟଃ

# ଚରମ


❁ ତୃତୀୟ ପୁଷ୍ପ ❁ ପଞ୍ଚମ ପାଖୁଡ଼ା ❁ ଦ୍ୱାଦଶ ସଂଖ୍ୟା ❁

ସଂପାଦକ : ଶ୍ରୀ କେଶବଦାସ ବୃନ୍ଦାବନ ।

ପ୍ରକାଶକ : ସାଧାରଣ ସଂପାଦକ,
ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍,
ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ

ମୁଦ୍ରକ ଓ ଅକ୍ଷରସଜ୍ଜା : ରସଦ୍ ଆଡ୍ ଏଜେନ୍ସି, ମହତାବ ରୋଡ୍,
କଟକ, ଫୋନ- ୦୬୭୧-୨୩୧୧୪୩୧

## କାର୍ଯ୍ୟାଳୟ ଓ ପ୍ରାପ୍ତିସ୍ଥାନ

ଚରମ ପ୍ରକାଶନ ସଂସ୍ଥା, ସାହିତ୍ୟ ସଂସଦ,
ମାର୍ଫତ୍ : ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍ କାର୍ଯ୍ୟାଳୟ,
ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ, ଓଡ଼ିଶା
ପିନ୍ - ୭୫୪୨୦୬
ଫୋନ୍ - (୦୬୭୧) ୨୭୬୭୨୦୧

ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦର ଅନ୍ୟତମ ଅଙ୍ଗ ସାହିତ୍ୟ ସଂସଦ ତରଫରୁ ଚରମ ପ୍ରକାଶନ ସଂସ୍ଥା, କ୍ଷିତିଜ୍ୟୋତିଃ ଆଶ୍ରମ, ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, ଜି: କଟକଙ୍କ ଦ୍ୱାରା ପ୍ରକାଶିତ ଏବଂ ଇନ୍ ପ୍ରିଣ୍ଟ, କଟକଙ୍କ ଦ୍ୱାରା ମୁଦ୍ରିତ ।

ପ୍ରକାଶକଙ୍କ କର୍ତ୍ତୃକ ସର୍ବସ୍ୱତ୍ୱ ସଂରକ୍ଷିତ ।

❁ ଭକ୍ତି ପ୍ରେମାଞ୍ଜଳି : ପ୍ରତି ଖଣ୍ଡ : ପନ୍ଦର ମୁଦ୍ରାଞ୍ଜଳି ❁

❋ କେଶବାବ୍ଦ : ଏକଚତ୍ୱାରିଂଶତ୍ ❋ ଅଗ୍ନ୍ୟୁତ୍ସବ ମାସ ❋ ମାଘ ପୂର୍ଣ୍ଣିମା ❋

# ପ୍ରବେଶ ପରିଚିତି

❋ ତୃତୀୟ ପୁଷ୍ପ ❋
ପଞ୍ଚମ ପାଖୁଡ଼ା
ଦ୍ୱାଦଶ ସଂଖ୍ୟା

ବିଶାଳ ବିଶ୍ୱସ୍ୟ ନିଦାନ ବୀଜମ୍ — ବସୁନ୍ଧରା ବାରି ବିମାନ ବହ୍ନିଃ
ବରଂ ବରେଣ୍ୟଂ ବିଧିବିଷ୍ଣୁ ସର୍ବେ — ବାୟୁ ସ୍ୱରୂପଂ ପ୍ରଣବଂ ବିବନ୍ଦେ ।।

ଦ୍ୱିତୀୟ ମହକ, କେଶବାବ୍ଦ-୫୫, ଭାଦ୍ର ପୂର୍ଣ୍ଣିମା, ସେପ୍ଟେମ୍ବର,୨୦୦୯


| ବିଷୟ | ପୃଷ୍ଠାଙ୍କ |
|---|---|
| **ସିଂହଦ୍ୱାର** | |
| ମଙ୍ଗଳାଚରଣ | ୧ |
| ବନ୍ଦନା | ୧ |
| **ମୁଖଶାଳା** | |
| ସଂପାଦକୀୟ | ୨ |
| ଭଜନ | ୩ |
| **ଶ୍ରୀମନ୍ଦିର** | |
| ଆମର ଲକ୍ଷ୍ୟ ଚରମ ପ୍ରାପ୍ତି : | ୪ |
| ବନ୍ଦେ ମହାପୁରୁଷ ! ତେ ଚରଣାରବିନ୍ଦମ୍ | ୧୦ |
| ଶ୍ରୀଶ୍ରୀଠାକୁରଙ୍କ ଦର୍ଶନରୁ : ମୋହ | ୧୧ |
| ପୁରାଣ ପୃଷ୍ଠାରୁ ଗଳ୍ପାଂଶ ଓ ମୀମାଂସାଖଣ୍ଡ | ୧୪ |
| **ରତ୍ନବେଦୀ** | |
| ସମ୍ଭବାମି ଯୁଗେ ଯୁଗେ | ୧୮ |
| କଲ୍ୟାଣ ଦେଲି ତୋତେ | ୨୧ |
| କେଶବ କୈବଲ୍ୟ କଣିକା | ୨୮ |
| କଳ୍କୀଭବିଷ୍ୟତଗୀତାରୁ ଉଦ୍ଧୃତାଂଶର ବ୍ୟାଖ୍ୟା | ୩୦ |
| ପୁରାଣରୁ ଗଳ୍ପାଂଶର ମୀମାଂସା | ୩୪ |
| **ନୀଳଚକ୍ର** | |
| ଚରମର ସଙ୍କେତ | ୩୭ |


## ପତ୍ରିକା ବ୍ୟବହାର ବିଧି

୧. ଶ୍ରଦ୍ଧା ଭକ୍ତି ଓ ନିଷ୍ଠାର ସହିତ ପାଠ କରନ୍ତୁ ।

୨. ନିଜେ ପଢ଼ିବା ସହିତ ପରିବାରର ଅନ୍ୟ ସମସ୍ତଙ୍କୁ ପଢ଼ିବାକୁ ପ୍ରବର୍ତ୍ତନା ଦିଅନ୍ତୁ/କ୍ଷେତ୍ର ବିଶେଷରେ ନିଜେ ପଢ଼ି ପରିବାରର ଅନ୍ୟ ସମସ୍ତଙ୍କୁ ଶୁଣାନ୍ତୁ ।

୩. ପାଖ ପଡ଼ିଶାକୁ ପଢ଼ିବାକୁ ସୁଯୋଗ ଦିଅନ୍ତୁ/ପଢ଼ି ଶୁଣାଇ ଦିଅନ୍ତୁ/ପତ୍ରିକା ନିୟମିତ କିଣିବା ପାଇଁ ଉତ୍ସାହିତ କରନ୍ତୁ ।

୪. ପତ୍ରିକାରୁ ବିଗ୍ରହ ଛିଣ୍ଡାଇ ନିଅନ୍ତୁ ନାହିଁ । ଏହା ଦ୍ୱାରା ପତ୍ରିକାର ଅଙ୍ଗହାନି ହେବ ।

୫. ପୂତ ପବିତ୍ରତା ସହିତ ପତ୍ରିକା ବ୍ୟବହାର କରନ୍ତୁ ଓ ସାଇତି ରଖନ୍ତୁ ।

୬. ପତ୍ରିକାର ପୁରୁଣା ସଂଖ୍ୟାମାନ ସଂଗ୍ରହ କରି ପଢନ୍ତୁ ଓ ସାଇତି ରଖନ୍ତୁ ।

– ସଂପାଦକ, 'ଚରମ' ।।




ମୂଳାଧାର କର୍ଣ୍ଣଧାର ସ୍ୱାଧୀଷ୍ଠାନେ ସ୍ୱାଧୀନ ।
ମଣିପୁର ପୁରୋହିତ ଅନାହତ ପ୍ରବୀଣ ।।
ବିଶୁଦ୍ଧରେ ଶୁଦ୍ଧଚିର ଆଜ୍ଞାଚକ୍ର ଅନୁଜ୍ଞା ।
ସହସ୍ରାର ସାର ଏକା ବ୍ରହ୍ମରନ୍ଧ୍ରର ପ୍ରଜ୍ଞା ।।




## ମଙ୍ଗଳା ଚରଣ

ଓଁ କେଶବଚନ୍ଦ୍ରାୟ ନମଃ
ଦିବ୍ୟେନ୍ଦୁ କାନ୍ତି କମଳାୟତାକ୍ଷଃ
ସୁହାସ୍ୟତାସ୍ୟଂ ମଧୁରଂ ଗୀରନ୍ତେ
ଆରକ୍ତତୋଷ୍ଠମମଳେନ୍ଦୁ ସୁଖମ୍
ପାହିକରତୋନଃ ମହାପୁରୁଷ !



## ବନ୍ଦନା

ବନ୍ଦଇ ଚରମ ପୁରୁଷ ।
ବନ୍ଦଇ ପୁରାଣ ବିଶେଷ ।।୧।।
ବନ୍ଦଇ ଦେବ ନରହରି ।
ବନ୍ଦଇ ଦୁଷ୍କୃତ ଅରି ।।୨।।
ବନ୍ଦଇ ସୁକାନ୍ତି ନନ୍ଦନ ।
ବନ୍ଦଇ ହୃଦୟ ଚନ୍ଦନ ।।୩।।
ବନ୍ଦଇ ଯଦୁନାଥ ସୁତ ।
ବନ୍ଦଇ ଦେବ ପଞ୍ଚଭୂତ ।।୪।।
ବନ୍ଦଇ କମଳ ଚରଣ ।
ବନ୍ଦଇ କୁମୁଦ ନୟନ ।।୫।।
ବନ୍ଦଇ ଚରଣ କମଳ ।
ବନ୍ଦଇ ଦେବ ମହାକାଳ ।।୬।।
ବନ୍ଦଇ ଭକତ ବସଳ ।
ବନ୍ଦଇ ପ୍ରଭୁ ମହାବଳ ।।୭।।
ବନ୍ଦଇ ତ୍ରିଗୁଣ ରହିତ ।
ବନ୍ଦଇ ଦେବ କୃପାପିତ ।।୮।।
ବନ୍ଦଇ ତ୍ରିକାଳ ଦେବତା ।
ବନ୍ଦଇ ତିନିକାଳ ଜ୍ଞାତା ।।୯।।
ବନ୍ଦଇ ପ୍ରତ୍ୟେକ୍ଷ ଗୋସାଇଁ ।
ବନ୍ଦଇ ଭକ୍ତ ପ୍ରାଣସାଇଁ ।।୧୦।।



ବନ୍ଦଇ ଜଗତର ନାଥ ।
ବନ୍ଦଇ ଅନାଥର ନାଥ ।।୧୧।।
ବନ୍ଦଇ ଦେବ ଗୁରୁସ୍ୱାମୀ ।
ବନ୍ଦଇ ପ୍ରଭୁ ଅନ୍ତର୍ଯ୍ୟାମୀ ।।୧୨।।
ବନ୍ଦଇ ପ୍ରଭୁପାଦ ଦେବ ।
ବନ୍ଦଇ ଦେବ ମହାଦେବ ।।୧୩।।
ବନ୍ଦଇ ବ୍ରହ୍ମା ବିଷ୍ଣୁ ଶିବ ।
ବନ୍ଦଇ ଲକ୍ଷ୍ମୀଦେବୀଧବ ।।୧୪।।
ବନ୍ଦଇ କରୁଣା ସାଗର ।
ବନ୍ଦଇ କୃପା ପାରାବାର ।।୧୫।।
ବନ୍ଦଇ ପ୍ରଭୁ ଭାବଗ୍ରାହୀ ।
ବନ୍ଦଇ ଭକ୍ତ ଅନୁଗ୍ରାହୀ ।।୧୬।।
ବନ୍ଦଇ ବଳୀୟାର ଭୁଜ ।
ବନ୍ଦଇ ସର୍ବୋତ୍ତମ ଦ୍ୱିଜ ।।୧୭।।
ବନ୍ଦଇ ସ୍ୱର୍ଣ୍ଣକ୍ଷେତ୍ରଧିଶ ।
ବନ୍ଦଇ ସର୍ବଲୋକଈଶ ।।୧୮।।
ବନ୍ଦଇ ଅନାଥର ନାଥ ।
ବନ୍ଦଇ ଦେବ ଜଗନ୍ନାଥ ।।୧୯।।
ବନ୍ଦଇ ନର ନାରାୟଣ ।
ବନ୍ଦଇ ଭକ୍ତ ପରାୟଣ ।।୨୦।।

ବନ୍ଦଇ ପ୍ରଭୁ ଶ୍ରୀ କେଶବ ।
ବନ୍ଦଇ ସର୍ବ ବଇଭବ ।।୨୧।।

❖❖❖

# ମୁଖଶାଳା

## ସମ୍ପାଦକୀୟ

**ଓଁ ନମୋ ଭଗବତେ କେଶବଚନ୍ଦ୍ରାୟ !!!**

ଉତ୍କର୍ଷ ସାଧନ ନିମନ୍ତେ ଉତ୍ତମପୁରୁଷ (ପୁରୁଷୋତ୍ତମ)ଙ୍କର ଶ୍ରୀଚରଣାଶ୍ରିତ ହେବାକୁ ହୁଏ । ସକଳ ଉତ୍କଣ୍ଠା ଓ ଉଦ୍‌ବେଗକୁ ଦୂରେଇଦେଇ ପାରିଲେ ହିଁ ସାଧନମାର୍ଗ ସ୍ୱଚ୍ଛ ଓ ସଳଖସୁନ୍ଦର ହୋଇଥାଏ । ଉତାଲା ବା ଅସ୍ଥିର ହେଲେ ଲୟ ସ୍ଥିର ହୁଏନା, ଲୟ ସ୍ଥିର ନ ହେଲେ ଜପଧ୍ୟାନାଦି ଆଧ୍ୟାତ୍ମିକ କର୍ମ ତାତ୍ପର୍ଯ୍ୟପୂର୍ଣ୍ଣ ହୋଇପାରେନା । ଉଚ୍ଛୃଙ୍ଖଳ ଜୀବନଚର୍ଯ୍ୟାରେ ଜପଧ୍ୟାନାଦି ଆତ୍ମୋନ୍ନୟନର ପଥରୁଦ୍ଧ ହୁଏ । ବାହ୍ୟମତରେ ଯେତେ ଆଚରଣ ଦେଖାଇଲେ ବି ତେର ଗଭୀରକୁ ଭେଦିଯାଏନା, ଯାଇପାରେନା, ଫଳତଃ ଫଳ କିଛିବି ମିଳେନା । ପାଣିରେ ଗାର କାଟିବା ସାରହୁଏ ।

ଉଗ୍ରତା ପରିତ୍ୟାଗ କରି ଉଚିତ୍ ମାର୍ଗରେ ଧାପେ ଧାପେ ପାଦ ପକାଇ ଆଗେଇବାକୁ ହିଁ ହେବ । ଉଚ୍ଚାରଣ କରିବା ପୂର୍ବରୁ ଆଚରଣରେ ଫୁଟାଇ ଦେଖାଇଦେବାକୁ ହେବ । ଉଚ୍ଚାରିତ ବାକ୍ୟର ସତ୍ୟତା ନିଜ ଠେଇଁ ପରୀକ୍ଷା କରି ନେବାକୁ ହେବ । ନିଜେ ଦୋଷଦୁଷ୍ଟ ହୋଇ ଅନ୍ୟକୁ ଉପଦେଶ ବାଣୀ ଶୁଣାଇବା ଭଳି ଗର୍ହିତ ଓ ଲଜ୍ଜ୍ୟାଜନକ ବିଷୟ ଆଉ କ'ଣ ଅଛି !!

ଉଚ୍ଛୃଙ୍ଖଳ ସ୍ୱେଚ୍ଛାଚାରିତା, ଅନିୟମିତତା ଓ ଉଚ୍ଛୃଙ୍ଖଳତା ଆଧ୍ୟାତ୍ମିକ ଜୀବନଚର୍ଯ୍ୟାରେ ଶୋଭାପାଏନା । ମନମୁଖୀ ହେଲେ କଦାପି କସ୍ମିନ୍‌କାଳେ ଗୁରୁମୁଖୀ/ଏକମୁଖୀ ହୋଇପାରିବ ନାହିଁ । ଏକମୁଖୀ ନହେଲେ ସଂହତି ରକ୍ଷା ଅସମ୍ଭବ । ସୁସଂହତନହେଲେ ସଂଘୀୟ ଜୀବନ ନିଶ୍ଚୟ ବିପର୍ଯ୍ୟସ୍ତ ହେବ ହିଁ ହେବ । ଉଦ୍ୟମ ଅବ୍ୟାହତ ରଖ । ଉତ୍ତାଳ ସମୟ ଉପଗତ । ଉପସର୍ଗ ସକଳ ଉପସଂହାର ନିମନ୍ତେ କ୍ରିୟାଶୀଳ । ଉପାସନାହିଁ ଏହାର ଏକମାତ୍ର ଉପଶମନର ପଥ । ଉପଯୁକ୍ତ ମାର୍ଗରେ ଉପାସନା ଅବ୍ୟାହତ ରଖି ନିଖିଳ ବିଶ୍ୱକଲ୍ୟାଣ ନିମନ୍ତେ ଉତ୍ତାଳ ଉପସର୍ଗ ସକଳର ଉଚ୍ଛେଦ କରିବା ହିଁ ପ୍ରକୃତ ସାଧୁ, ସାଧକ, ସିଦ୍ଧ ମାନଙ୍କର ଆଜିର କର୍ତ୍ତବ୍ୟ । ଏହା ଉଚିତ୍ ମାର୍ଗରେ ପାଳନ କରିବା ପାଇଁ ନିରଳସ ନିଃସ୍ୱାର୍ଥପର କର୍ତ୍ତବ୍ୟପରାୟଣ ହୁଅ ।

ଉତ୍ତୁଙ୍ଗ ଆଦର୍ଶ ସମ୍ମୁଖରେ ବିରାଜମାନ । ଉପ୍ରକ୍ଷ୍ମ ଦୃଷ୍ଟି ଦିଅ । ଦେଖ ଆକାରରେ ନିରାକାରଙ୍କୁ, ନାମରେ ଅନାମଙ୍କୁ, ରୂପରେ ଅରୂପଙ୍କୁ, ନରତନୁରେ ନାରାୟଣଙ୍କୁ । ଉଦୟକାଳ ସମାଗତ । ଉତ୍ଥାନପତନ ମଧ୍ୟରେ ସାଧନା ଅବ୍ୟାହତ ରହୁ । ଉତ୍ତ୍ୟକ୍ତ ହୁଅନାହିଁ, ଉତ୍ତ୍ୟକ୍ତ ହେବାର ଅଭିନୟ କର – 'କୁ' ର ଧ୍ୱଂସ ସାଧନ ପାଇଁ, ଦୁଷ୍କୃତିର ବିନାଶ ପାଇଁ, ଦୁଷ୍ଟବୁଦ୍ଧିର ସଂଶୋଧନ ପାଇଁ, ଉଦ୍ଦୀପିତ, ଉତ୍ତେଜିତ ନ ହୋଇ ଉତ୍ସାହିତ ହୁଅ । ନିଶ୍ଚୟଭାବରେ ଲକ୍ଷଭେଦ ହେବ ହିଁ ହେବ ।

ଉତ୍ତୀର୍ଣ୍ଣ ହେବା ପାଇଁ ଉତ୍ତରୋତ୍ତର ଉଦ୍ୟମଶୀଳ ହେବାକୁ ପଡ଼ିବ । ଉନ୍ମାଦ କିମ୍ବା ଉନ୍ମନା ହେଲେ ହିଁ ସର୍ବନାଶ । ଉତ୍ସୁକତାର ସହିତ ଉତ୍ତୁଙ୍ଗ ଆଦର୍ଶ ଉତ୍ତମପୁରୁଷଙ୍କର ଅନୁଗାମୀ ହେବାକୁ ହେବ । ଉନ୍ମୁକ୍ତ ହୁଅ । ଉନ୍ମାର୍ଗ ସର୍ବାଦୌ ପରିତ୍ୟାଗ କର । ଉପଲବ୍ଧି କର ଏବଂ ଉପଲବ୍ଧକୁ ବିଶ୍ୱକଲ୍ୟାଣରେ ଉପଯୋଗ କର । ଉପଯୁକ୍ତ ସାଧନ ମାର୍ଗରେ ଉପାଦେୟ ଇପ୍ସିତ ଅବଶ୍ୟ ପ୍ରାପ୍ତ ହେବ ।

**ଅଳମତି ବିସ୍ତରଣ ।**

**ନମସ୍କାରାନ୍ତେ**

***କେଶବଦାସ ବୃନ୍ଦାବନ***

ଭଜନ

# ଲକ୍ଷ୍ୟ ତୋ ଚରମପ୍ରାପ୍ତିକି

ଭୁଲାମନକି,
ଭୁଲି ଯାଉଛୁ ଶ୍ରୀପଦ କାହିଁକି ??
ଅସାର ସଂସାର ସାରତୁ ମଣୁଛୁ ପାଦପଦ୍ମ ଛାଡ଼ିଦେଇକି ??? (ଘୋଷା)

ଭକ୍ତବନ୍ଧୁ ଯଦୁନନ୍ଦନ କେଶବ
ଦିବ୍ୟରୂପ କାନ୍ତି ଚାହିଁକି,
ଆଖିଯେବେ ତୋର ଲାଖି ନ ରହିଲା
ଫୁଟାଇ ଦେଉନୁ କାହିଁକି ? ।।୧।।

ରସନା ତୋ ଷଡ଼ରସରେ ମାତିଛି
ରସ ସାଗରଙ୍କୁ ଛାଡ଼ିକି;
ନାମାମୃତେ ଯେବେ ନରସିଲୁ ମନ
କିହେବ ରସନା ଥାଇକି ? ।।୨।।

ସତସଙ୍ଗେ ବସି ନଶୁଣିଲୁ ଦିନେ
ଚରମ ବିଷୟ କାହିଁକି ?
କି ଲୋଡା ସେ କର୍ଣ୍ଣେ ହୋଇଯା ବଧିର
କି ଲାଭଟି ବଞ୍ଚି ରହିକି ?? ।।୩।।

ପଶୁ ପରି ତୁଚ୍ଛ ଜୀବନ କାଟିଲୁ
ଭୋଗରେ ତୁ ହେଲୁ ବାଇକି,
ମୋହିନୀ ରୂପକୁ ଧ୍ୟାନ କରିଲୁ
ଗୁରୁ ମନ୍ତ୍ର ଛାଡ଼ି ଦେଇକି ।।୪।।

ପ୍ରଭୁ ପାଇଁ ଯେବେ ନ ହୋଇଲୁ ବାୟା
କାହିଁକି ଆସିଛୁ ମହୀକି ?
ଧିକ ଧିକ ଶତ ଧିକ ତୋ ଜନମ
ବେଗେ ପଳା ପିଣ୍ଡ ଛାଡ଼ିକି ।।୫।।

ଧାରା ଧରି ଅର୍ଘ୍ୟ ଫଳ ତୁ ବହିଛୁ
ସତସଙ୍ଗ ଯାଉ ନାହିଁକି;
ପ୍ରେମ ଗଦଗଦେ ଲୋଟିଯା ସେ ପଦେ
ଲକ୍ଷ୍ୟ ତୋ ଚରମ ପ୍ରାପ୍ତିକି ।।୬।।

◆❖◆

# ଆମର ଲକ୍ଷ୍ୟ : ଚରମ ପ୍ରାପ୍ତି

*ଆମେ ସାଧାରଣ ମନୁଷ୍ୟମାନେ ଜୀବଧର୍ମକୁ ଆଶ୍ରୟ କରି ପ୍ରତିନିୟତ ଜଗତରେ ପ୍ରକୃତି ଓ ବିଷୟକୁ ଆଧାର କରି ଆତଯାତ ହେଉଛୁ, ଏହା ସତ୍ୟ । ଷଡେନ୍ଦ୍ରିୟ ଦ୍ୱାରା ଷଡ଼ବିଷୟକୁ ଆହାର ସ୍ୱରୂପ ଗ୍ରହଣ କରି ଏବଂ ଇନ୍ଦ୍ରିୟଗଣର ପରିତୃପ୍ତି ପାଇଁ ନାନାଦି ପ୍ରପଞ୍ଚରେ ମାତି ଯାଉଛୁ, ଏହା ମଧ୍ୟ ସତ୍ୟ । ସାଧାରଣ ମନୁଷ୍ୟ ଜନ୍ମ ଓ ଜୀବନ ଲାଭ କରି ଜୀବ ଜଡ଼ ଚେତନ ମଧ୍ୟରେ ସଂସାରରେ ଗତାଗତ କରିବା ଅବସ୍ଥାରେ ଯାହା ତାହାର ରୁଚିକର ଏବଂ ଇନ୍ଦ୍ରିୟଗ୍ରାହ୍ୟ ତାହାକୁ ହିଁ ଗ୍ରହଣ କରିନେଇଥାଏ, ଏ କଥା ସତ୍ୟ । ମାତ୍ର ଜଡ଼ ଚେତନ ଜୀବର ଜଡ଼ତା କିନ୍ତୁ ଚୈତନ୍ୟ ସ୍ୱରୂପ ନୁହେଁ, ଏହା ଜଡ଼ ବା ଅଜ୍ଞତାର ସ୍ୱରୂପ । ଏହି ଅଜ୍ଞାନତାରୂପକ ଘୋର ଅନ୍ଧକାରରୁ ମୁକ୍ତ ହୋଇ ଜ୍ଞାନ ଆଲୋକର ବଳୟ ମଧ୍ୟକୁ ପ୍ରବେଶ ନ କରିବା ପର୍ଯ୍ୟନ୍ତ ଜୀବ କଦାପି ଭକ୍ତ ହୋଇ ନ ପାରେ । କପିଳଙ୍କ ସାଂଖ୍ୟ ଦର୍ଶନ ମତରେ ପ୍ରଥମେ ମୁକ୍ତି ଓ ତତ୍‌ପରେ ଭକ୍ତି । ଯେ ମୁକ୍ତ, ସେହିଁ କେବଳ ଭକ୍ତ ପଦବାଚ୍ୟ । ଏହା ଏକ ଉଚ୍ଚସ୍ତରର ଦର୍ଶନତତ୍ତ୍ୱ । ଜଣେ ବ୍ୟକ୍ତିର ବାହ୍ୟ ଆଚରଣ, ବଚନ, ପୂଜନ, ଧ୍ୟାନ, ଧାରଣରୁ ତାହାକୁ ବିଚାର କରିବା ଜଡ଼ଚେତନ ବା ଜଡ଼ବୁଦ୍ଧି । ବ୍ୟକ୍ତିର ଅନ୍ତଃକରଣ, ବିଚାରଧାରା, ବିଶ୍ୱପ୍ରେମ, ବିଭୁପ୍ରେମ, ମୁକ୍ତ ଅବସ୍ଥାକୁ ଲକ୍ଷ୍ୟକରି ସିଦ୍ଧପୁରୁଷମାନେ ହିଁ ମୁକ୍ତଜୀବ ଓ ଭକ୍ତ ନିର୍ବାଚନ କରିଥାଆନ୍ତି । ମହାପ୍ରଭୁ ଶ୍ରୀଶ୍ରୀଶ୍ରୀଠାକୁର ସ୍ୱୟଂ ଖୋଜିଲୋଡ଼ି ତାଙ୍କର ଲୀଳାସଂଗୀ ମୁକ୍ତ ଓ ଭକ୍ତଗଣଙ୍କୁ ଜଗତ କଲ୍ୟାଣର କର୍ମରେ ନିୟୋଜିତ କରିଥାଆନ୍ତି ।*

*'ଚରମ ପ୍ରାପ୍ତି' ହିଁ 'ଆମର ଲକ୍ଷ୍ୟ' । ଏହି ଲକ୍ଷ୍ୟ ଭେଦ କରି 'ଚରମ' ଲାଭ ନିମନ୍ତେ ଦିବ୍ୟଜ୍ଞାନର ଆବଶ୍ୟକତା ଅପରିହାର୍ଯ୍ୟ ଓ ଅନସ୍ୱୀକାର୍ଯ୍ୟ । ଏଥି ନିମନ୍ତେ ଯୁଗୋପଯୋଗୀ ସାଧନାର ଆବଶ୍ୟକତା ରହିଛି । ଏହି ଯୁଗୋପଯୋଗୀ ସାଧନାର ଏକ ବିଶେଷ ଅଂଗ ହେଉଛି ସାଷ୍ଟାଙ୍ଗ ପ୍ରଣାମ । ସାଷ୍ଟାଙ୍ଗ ପ୍ରଣାମ ବିଧି ଅନୁସାରେ ପ୍ରତିଦିନ ସଂଜେ, ସକାଳେ, ଦ୍ୱିପ୍ରହର ଏବଂ ମଧ୍ୟରାତ୍ରରେ ନିୟମିତ ନିବେଦନ କରୁଥିଲେ, କର୍ମାନୁସାରୀ ଫଳ ସ୍ୱରୂପ ଦୈବୀକୃପା ଅବଶ୍ୟ ପ୍ରାପ୍ତ ହୁଏ, ହେବୁବା ନୁହେଁ ।।*

*ଏହି ମର୍ମରେ ଏ ସଂଖ୍ୟାରେ ଆସନ୍ତୁ ଅନୁଶୀଳନ ଓ ଅନୁସରଣ କରିବା ଯୁଗୋପଯୋଗୀ ଆଧ୍ୟାତ୍ମିକ ପ୍ରବନ୍ଧ :*

## ଯୁଗୋପଯୋଗୀ ସାଧନା ଓ ସାଷ୍ଟାଙ୍ଗ ପ୍ରଣାମର ମହାତ୍ମ୍ୟ

"ଅନ୍ନ ବିହୁନେ ହଂସ ହାନି
ଯୋଗ ସାଧିବ କାହା ଘେନି ।"

ଉକ୍ତ ବାଦାନୁଯାୟୀ ସୃଷ୍ଟିରେ ସମସ୍ତ ଜୀବ ବିଷୟରୂପୀ ଅନ୍ନକୁ ଗ୍ରହଣ କରି ଜୀବନ ଧାରଣ କରିଛନ୍ତି ତା ଏହି ବିଷୟ ଭୋଗ ପ୍ରତ୍ୟେକ ଜୀବର ନିଜ ନିଜ ସ୍ୱଭାବକୁ ନେଇ ସଂପାଦିତ ହୋଇଥାଏ । ଅନ୍ନରୂପି ବିଷୟକୁ ଛାଡ଼ି କୌଣସି ଜୀବ ଜୀବନ ଧାରଣ କରିବା ସଂପୂର୍ଣ୍ଣ ଅସମ୍ଭବ । ଏଣୁ ଜୀବନ ଧାରଣ କରିବାକୁ ହେଲେ ବିଷୟ ରୂପୀ ଅନ୍ନ ନିତ୍ୟାନ୍ତ ପ୍ରୟୋଜନ ଏବଂ ଏହି ବିଷୟ ହେଉଛି ପ୍ରତ୍ୟେକ ଜୀବର ଧର୍ମ, ଯାହା ଜୀବକୁ ଧରି ରଖି ଜୀବନୀ ଶକ୍ତି ଓ ପ୍ରାଣ ଶକ୍ତିକୁ ଗ୍ରହଣ କରିବାର କ୍ଷମତା ଓ ଶକ୍ତି ଯୋଗାଇଥାଏ । ଏହି ଇନ୍ଦ୍ରିୟ ଓ ପ୍ରକୃତିମାନଙ୍କ ଦ୍ୱାରା ଭକ୍ଷିତ ହୋଇ ମଳ ଓ ବଳ ଯୋଗାଇଥାଏ । ଉକ୍ତ ଅନ୍ନ କୌଣସି ନା କୌଣସି ବିଷୟ ଉପରେ ଆଧାରିତ । ସୁତରାଂ ବିଷୟ ରୂପି ଅନ୍ନକୁ ଛାଡ଼ି କୌଣସି ଜୀବ ଜୀବନ ଧାରଣ କରିପାରିବ ନାହିଁ । ଶାସ୍ତ୍ରିୟ ପ୍ରଣାମ ଅନୁଯାୟୀ ଛପନକୋଟି ଜୀବଜନ୍ତୁ ଭିନଭିନ ଯୋନିରୁ ଜନ୍ମ ହୋଇ ନିଜର ସିଦ୍ଧ୍ୟ ଗୃହୀତ ସ୍ୱଭାବରୁ ଭିନ୍ନ ଭିନ୍ନ ବିଷୟ ଗୁଡ଼ିକୁ ଅନନ ରୂପରେ ଗ୍ରହଣ କରିଥାଆନ୍ତି । କିନ୍ତୁ ଛପନକୋଟି ଜୀବଜନ୍ତୁ ମଧ୍ୟରୁ ମନୁଷ୍ୟ ହେଉଛି ଅନ୍ୟତମ । ଏଥିପାଇଁ ଶ୍ରୀମଦ୍‌ଭାଗବତରେ କୁହାଯାଇଅଛି,

''ମନୁଷ୍ୟ ଦେହେ ଦିବ୍ୟଜ୍ଞାନ
ଦେଖି ସନ୍ତୋଷ ଭଗବାନ ।''

ସମସ୍ତ ଜୀବ ଜଡ଼ଚେତନ ଭିତରେ ରହି କାଳର ଗତିରେ ଗତାଗତ କରନ୍ତି, କିନ୍ତୁ ମନୁଷ୍ୟ ଶ୍ରେଷ୍ଠ ଓ ସ୍ୱତନ୍ତ୍ର ହେବାର କାରଣ ଏହି ଯେ ଜଡ଼ ଚେତନ ହେଲେ ମଧ୍ୟ ତାର ଦେହରେ ଦିବ୍ୟଜ୍ଞାନର ଆଧାର ଅଛି । ଯଥା :- ପାଞ୍ଚମନ, ପଚିଶ ପ୍ରକୃତି, ଷଡ଼ରିପୁ, ଚତୁର୍ବିଂଶତି ତତ୍ତ୍ୱ, ଚେତନା, ଧୃତି, ପ୍ରଜ୍ଞା ଓ ବୋଧ ଇତ୍ୟାଦି । ଏଗୁଡ଼ିକ ଶରୀରରେ ରହି ଦିବ୍ୟଜ୍ଞାନକୁ ସାକାର ରୂପଦେଇ ସ୍ୱରୂପ ପ୍ରକାଶ କରିବାରେ ସହଯୋଗ କରିଥାଏ । କିନ୍ତୁ ଅନ୍ୟ କୌଣସି ଜୀବଠାରେ ଦିବ୍ୟଜ୍ଞାନର ସମସ୍ତ ଆଧାର ରୂପି କୋଷ ତନ୍ତ୍ରି, ସ୍ନାୟୁ ଓ ଗ୍ରନ୍ଥିମାନ ପ୍ରକାଶିତ ହୋଇ ବିକଶିତ ହୋଇପାରେ ନାହିଁ । ଏଣୁ ମନୁଷ୍ୟ ଦେହ ସମସ୍ତ ଦିବ୍ୟଜ୍ଞାନର ଆଧାର ରୂପି ଧାରକ ହୋଇ ସୃଷ୍ଟିରେ ମାନବଲୀଳା କରୁଅଛି । କିନ୍ତୁ କୌଣସି ଏକ କାରଣ ବଶତଃ ଦିବ୍ୟଜ୍ଞାନର ଶରୀର ଧାରି ମାନବ, ମାନବଲୀଳା ପରିବର୍ତ୍ତେ ପାଶବିକ ବା ମର୍କଟ ଲୀଳାର ବଶବର୍ତ୍ତୀ ହୋଇ ଦିବ୍ୟ ବୋଧଜ୍ଞାନକୁ ହରାଇ ଅଜ୍ଞାନ ହୋଇଯାଇଛି । ଦିବ୍ୟଜ୍ଞାନର ନରଦେହ ଅଜ୍ଞାନ ହେବାର କାରଣକୁ ଜାଣିବା ପାଇଁ କେତେ ମନିଷୀ ଗବେଷଣା କରିଯାଇଛନ୍ତି । ଏହି ଗବେଷକ ବା ଦାର୍ଶନିକମାନଙ୍କ ଦର୍ଶନ ତତ୍ତ୍ୱକୁ ନେଇ ବିଚାର କଲେ ଜଣାଯାଏ ଯେ, ଦେହ ଜଡ଼ ଓ ଚେତନର ଉପାଦାନରୁ ସୃଷ୍ଟି ହୋଇ ଜଡ଼ଚେତନ ଭାବରେ ସ୍ୱଭାବ ପ୍ରକାଶ କରିଥାଏ । ଜଡ଼ (ପ୍ରକୃତି) ଓ ଚେତନ (ପୁରୁଷ)ର ସଂଘାତ ବିଘାତରୁ ଚେତନା ସୃଷ୍ଟି ହୋଇ ଜୀବ ଅନନ୍ତ ଜ୍ଞାନ ଗର୍ଭ ଅର୍ଥାତ୍ ଅଜ୍ଞାନ ଭୂମିକୁ ଆକର୍ଷିତ ହୋଇ ଗତିକରିଥାଏ । କିନ୍ତୁ ଭିତରେ ଦିବ୍ୟଚୈତନ୍ୟ ଜ୍ଞାନ, ଗୁପ୍ତ ହୋଇ ତତ୍ତ୍ୱ ତଥା ଜୀବରୂପରେ ରହିଥାଏ । ଯେଉଁଭଳି ଦିଆସିଲିରେ ନିଆଁ, ଜଳରେ ରସ, ମଞ୍ଜିରେ ଗଛ, ରୂପରେ ଅରୂପ ଓ ନିତ୍ୟରେ ଅନିତ୍ୟ ନିତ୍ୟ ସ୍ୱରୂପ ଧରି ଗୁପ୍ତରେ ରହିଥାଏ । କର୍ଷଣ ହୋଇ ବିକଶିତ ହେବାର ପରିବେଶ ନ ପାଇଲେ ସ୍ୱରୂପ ପ୍ରକାଶ ହୋଇପାରେ ନାହିଁ । ଯେପରି ଦିଆସିଲିକୁ ଘର୍ଷଣ ନ କଲେ ନିଆଁ ବାହାରେ ନାହିଁ, ମଞ୍ଜି ପାଣିର ସଂସ୍ପର୍ଶରେ ନ ଆସିଲେ ଗଛ ଉଠେ ନାହିଁ ଠିକ୍ ସେହିପରି ଦିବ୍ୟ ଚୈତନ୍ୟର ବୋଧଜ୍ଞାନ ବିନା କର୍ଷଣରେ ଶରୀରରେ ସ୍ୱରୂପ ପ୍ରକାଶ କରିପାରେ ନାହିଁ । ଦହିକୁ ମନ୍ଥନ କରି ଯେପରି ଲହୁଣି ଓ ଘୃତ ବାହାର କରାଯାଏ ସେହିପରି ଉପଯୁକ୍ତ କର୍ଷଣ ଓ ଶିକ୍ଷାଦ୍ୱାରା ମନୁଷ୍ୟ ଭିତରେ ଗୁପ୍ତ ଥିବା ଦିବ୍ୟଚୈତନ୍ୟ ଓ ବୋଧଜ୍ଞାନ ସ୍ଥୂଳ ଚେତନାକୁ ଅଣାଯାଇ ଶରୀରରେ ସ୍ୱରୂପ ପ୍ରକାଶ କରାଯାଇପାରେ । ଯଦି ଚୈତନ୍ୟ ପ୍ରାପ୍ତିର କର୍ଷଣ କରାନଯାଏ ତାହା ହେଲେ ମନୁଷ୍ୟ ଚୈତନ୍ୟ ଓ ବୋଧଜ୍ଞାନ ବା ଦିବ୍ୟଜ୍ଞାନ ପରିବର୍ତ୍ତେ ଜଡ଼ ଓ ଚେତନ ତତ୍ତ୍ୱର ସଂଯୋଗ ବିୟୋଗରୁ ଅଜ୍ଞାନତା ସୃଷ୍ଟିହୋଇ ମାନବଲୀଳା ପରିବର୍ତ୍ତେ ପାଶବିକ ଲୀଳା ବା ମର୍କଟଲୀଳା କରିଥାଏ । ଏହି କାରଣରୁ ଦିବ୍ୟଜ୍ଞାନର ଅଧିକୃତ ମନୁଷ୍ୟ ଦେହ ଅଜ୍ଞାନ ଦ୍ୱାରା ଆଚ୍ଛନ୍ନ ହୋଇ ବିଷୟରୂପୀ ଅନ୍ନକୁ ଗ୍ରହଣ କରିବାରୁ ଦିବ୍ୟଚୈତନ୍ୟର ବୋଧଜ୍ଞାନକୁ ହରାଇ ନିଜକୁ ଦୁଃଖୀ, ଶୋକି ଓ ସୁଖିର ଭାବରେ ମଜି ରହି ନିଜର ପ୍ରକୃତ ସ୍ୱରୂପକୁ ଭୁଲି ସ୍ୱାର୍ଥ, ଈର୍ଷା, ହିଂସା, ଦ୍ୱନ୍ଦ୍ୱ, କପଟ ଓ ନଷ୍ଟଭ୍ରଷ୍ଟର ଅଧିକାରୀ ହୋଇ ସାରା ଜୀବନକୁ ଅସାର କରିଦିଏ । ମନୁଷ୍ୟ ଦେହରେ ଗୁପ୍ତରେ ଥିବା ଚୈତନ୍ୟ ଜ୍ଞାନକୁ ଉଦ୍‌ଭାସିତ କରି ଜୀବର କଲ୍ୟାଣ ଓ ଜଗତ କଲ୍ୟାଣ ନିମିତ୍ତ କେତେକ ଦିବ୍ୟଦ୍ରଷ୍ଟା ପୁରୁଷ ଦିବ୍ୟଚୈତନ୍ୟର ସନ୍ଧାନ କରିଅଛନ୍ତି । ଏହି ସିଦ୍ଧ ମହତ ପୁରୁଷମାନେ ତାଙ୍କର ଦର୍ଶନତତ୍ତ୍ୱକୁ ସମଗ୍ର ମାନବ ସମାଜ ପାଇଁ ଶାସ୍ତ୍ର ଆକାରରେ ଲିପିବଦ୍ଧ କରିଯାଇ ଅଛନ୍ତି । ''ସୃଷ୍ଟିଚକ୍ର କାଳର ଗତିରେ ଗତିଶୀଳ ହୋଇ ସର୍ବଦା ନୂତନତା ସୃଷ୍ଟି କରୁଅଛି ।'' ସମୟର ସ୍ରୋତରେ ନୂତନ ପୁରାତନ ହୋଇ କାଳର ଅନନ୍ତ ଅତୀତ ଗର୍ଭରେ ଲୀନ ହେଉଅଛି । ପର୍ଯ୍ୟାୟ ପରେ ପର୍ଯ୍ୟାୟ ଓ କ୍ରମର ପରିବର୍ତ୍ତନ ହୋଇ ସର୍ବଦା ନୂତନତା ସୃଷ୍ଟି ହେଉଅଛି । ସୁତରାଂ ଏହି ନୂତନତାକୁ ପରିପ୍ରକାଶ କରିବା ପାଇଁ ଦ୍ରଷ୍ଟାପୁରୁଷ, ଜନ୍ମସିଦ୍ଧ ଗୁରୁଅଙ୍ଗମାନେ ଧରାପୃଷ୍ଠକୁ ଆସି ନୂତନ ସନ୍ଦେଶ ଓ ବାର୍ତ୍ତାମାନ ମାନବ କଲ୍ୟାଣ ନିମନ୍ତେ

ବିତରଣ କରୁଅଛନ୍ତି । ପର୍ଯ୍ୟାୟର ପରିବର୍ତ୍ତନ ଓ କ୍ରମର ବିକାଶ ସୃଷ୍ଟି ଚକ୍ରର ନିୟମରେ ହୋଇଥିବାରୁ, ''ବେଙ୍ଗୁଲି ଲୋ ପୃଥୀ କ୍ଷଣ କ୍ଷଣକେ ଆନ'' ଏହି ମର୍ମରେ ଯେ ଦେଶ ଯାଇ ସେ ଫଳ ଖାଇ । ଯେଉଁ ସମୟରେ ଯେଉଁମାନେ ଜନ୍ମ ନେଇଛନ୍ତି ସେହି ସମୟରେ ଥିବା ଜୀବନ୍ତ ଗୁରୁଙ୍କଠାରୁ ଜୀବନ୍ତ ସମୟୋପଯୋଗୀ ସାଧନ ସୂତ୍ରକୁ ଧରି ଅଭ୍ୟାସ ଦ୍ୱାରା କର୍ଷଣ କରିପାରିଲେ ଦିବ୍ୟଚୈତନ୍ୟ ବୋଧଜ୍ଞାନକୁ ପାଇ ଜୀବନକୁ ଧନ୍ୟ କରିପାରିବ ।

## ଗୁରୁଜ୍ଞାନ

ଦିବ୍ୟ ଚୈତନ୍ୟ-ବେଦର ସମସ୍ତ ଆଧାରରେ ଭୂଷିତ ଶରୀର ଯୋନି ଜନ୍ମହୋଇ ମାତୃ କଳାଦ୍ୱାରା ଆବୃତ୍ତ ହୋଇଅଛି ଏବଂ ତାର ତା ଭିତରେ ଥିବା ଦିବ୍ୟ ଚୈତନ୍ୟ ମାୟାଚ୍ଛନ୍ନ ହୋଇ ନିଜର ସ୍ୱରୂପକୁ ଭୁଲି ଯାଇଅଛି । ମାତୃଶକ୍ତି ବା ମାୟା ଅର୍ଥାତ୍ ପ୍ରକୃତି-ଉତ୍ପତ୍ତି, ସ୍ଥିତି ଓ ସଂହାରର ତ୍ରିଶକ୍ତିକୁ ଧାରଣ କରି ଏକ ଶକ୍ତି ତ୍ରିଶକ୍ତିରେ ବିଭାଜନ ହୋଇ ପୁନଶ୍ଚ ସେହି ତ୍ରିଶକ୍ତି ସତ୍ତ୍ୱ, ରଜ ଓ ତମକୁ ଆଧାର କରି ଆଠଗୋଟି ଅଙ୍ଗ ସୃଷ୍ଟି କରିଅଛି । ଗଠିତ ଅଷ୍ଟ ଅଙ୍ଗରେ ତ୍ରିଗୁଣ ଗୁଣିତ ହୋଇ ୮ X ୩ = ୨୪ ଗୋଟି ବୃତ୍ତିର ତତ୍ତ୍ୱ ବା ଚତୁର୍ବିଂଶ ତତ୍ତ୍ୱ ଉତ୍ପତ୍ତି ହୋଇଅଛି ।

**ଏକ ଶକ୍ତି ଯହୁଁ ହୋଇଲା ତିନି**
**ସୃଷ୍ଟି କରିଲା ଏ ମେଦା ମେଦିନୀ ।।**
**ଏକ ଶକ୍ତି ଦୁଇ ଭାଗ ହୋଇଲା**
**ଏକ ଭାଗ ଏକ ହୋଇ ରହିଲା ।।**
**ଆଉ ଏକ ଭାଗ ହୋଇଲା ତିନି**
**ସତ୍ତ୍ୱ ରଜ ତମ ଗୁଣକୁ ଘେନି ।।**
**ତିନିଗୁଣ ଯାଣ ଆଠଟି ଅଂଗ**
**ଆଠ ଅଙ୍ଗେ ତିନିଗୁଣର ଯୋଗ ।।**
**ଆଠ ତିରି ଏଣୁ ଚବିଶ ହେଲା**
**ଚତୁର୍ବିଂଶ ତତ୍ତ୍ୱ ତହୁଁ ଜନ୍ମିଲା ।।**

ଆଠଟି ଅଙ୍ଗରୁ ଚବିଶ ଗୋଟି ତତ୍ତ୍ୱ ଜନ୍ମନେଇ ଚବିଶ ଗୋଟି କ୍ଷୁଧା, ତୃଷା, ଆଶା, ସଂକଳ୍ପ ଓ ବାସନା ସୃଷ୍ଟି କରି ମନୁଷ୍ୟକୁ ମୋହାଚ୍ଛନ୍ନ କରିଅଛି । ଏକ ଭାଗ ପ୍ରକୃତି ତିନିଭାଗ ହୋଇ ଅଷ୍ଟ ଅଙ୍ଗ ଯଥା ଶ୍ରବଣେନ୍ଦ୍ରିୟ, ଘ୍ରାଣେନ୍ଦ୍ରିୟ, ଦର୍ଶନେନ୍ଦ୍ରିୟ, ରସନାନ୍ଦ୍ରିୟ ସ୍ପର୍ଶନେନ୍ଦ୍ରିୟ ଓ ମନ, ବୁଦ୍ଧି, ଅହଂ ଏହି ଆଠଟି ଅଙ୍ଗ ବା ଅନ୍ତର୍ବାହକ ଦ୍ୱାରା ଶରୀରର ସମସ୍ତ କ୍ରିୟାମାନ ସଂପାଦିତ କରିଥାଏ । ସମସ୍ତ ବିଷୟଗୁଡ଼ିକୁ ଏହି ଆଠଟି ଅଙ୍ଗ ଦ୍ୱାରା ଭୋଗ ହୋଇ ତ୍ରିବିଧ ଫଳ ଯଥା, ବଳ (ରକ୍ତ) ମଳ ଓ ସ୍ୱାଦ ବାହାରି ଶରୀରର ବଳଦ୍ୱାରା ଶକ୍ତି ଓ ସମ୍ବର୍ଦ୍ଧନା, ମଳରୁ ଦୁର୍ଗନ୍ଧ ଓ ବିକାର, ସ୍ୱାଦରୁ ଆଶକ୍ତି ଓ ଆଶକ୍ତିରୁ ଆଶା ସୃଷ୍ଟି ହୋଇ ଜୀବନକୁ ବନ୍ଧନ କରିଅଛି । ଏହି ତ୍ରିବିଧ ଫଳ ହେଉଛି ଜୀବନର ''ମମତା'' ଯାହାକି ଜନ୍ମ ମୃତ୍ୟୁ ଚକ୍ରରେ ପକାଇ ମାତୃକଳା ଦ୍ୱାରା ଦିବ୍ୟ ଚୈତନ୍ୟକୁ ଆଚ୍ଛନ୍ନ କରୁଅଛି । ଜୀବନରେ ମମତା ସୃଷ୍ଟି କରୁଥିବା ପ୍ରକୃତିର ଆଠଗୋଟି ଅଂଗକୁ ଯଦି ସାଧନା ଦ୍ୱାରା ନିୟନ୍ତ୍ରିତ କରାଯାଇପାରିବ, ତା ହେଲେ ସେହି ଆଠଗୋଟି ଅଂଗରେ ମଣିଷ ଦେହରେ ଦିବ୍ୟଚୈତନ୍ୟକୁ ଉପଲବ୍ଧି ଓ ଅନୁଭବ କରାଯାଇପାରିବ ।

ଏହି ତତ୍ତ୍ୱକୁ ଜାଣିବା ପାଇଁ ଆମର ଶାସ୍ତ୍ରକାର ତଥା ଈଶ୍ୱରଙ୍କର ଜ୍ଞାନିପୁତ୍ର, ପ୍ରେରିତ ପୁତ୍ର, ଜନ୍ମସିଦ୍ଧ ପୁତ୍ରମାନଙ୍କ ମାଧ୍ୟମରେ ଆମ୍ଭମାନଙ୍କୁ ଜଣାଇ ଦିଆଯାଇଛି । ସେଥିପାଇଁ ସମସ୍ତ ଶାସ୍ତ୍ର, ସମସ୍ତ ଦର୍ଶନ, ସମସ୍ତ ପୁରାଣ ଓ ସମସ୍ତ ବେଦବେଦାନ୍ତରେ ଗୋଟିଏ ନିର୍ଯ୍ୟାସ ରହିଅଛି; ଯାହାର ନାମ **''ଅଷ୍ଟାଙ୍ଗ ଯୋଗ''** ଅଟେ ।

ଆଠଗୋଟି ଅଙ୍ଗଦ୍ୱାରା ସଂପାଦିତ ହେଉଥିବା ସମସ୍ତ କ୍ରିୟାକୁ ନିୟନ୍ତ୍ରଣ କରିବା ପାଇଁ ଆଠଗୋଟି ଯୋଗର ସାଧନା ପଦ୍ଧତି ନିର୍ଣ୍ଣୟ କରାଯାଇଛି । ଏହି ଆଠଗୋଟି ଅଙ୍ଗ ପାଇଁ ଯମ, ନିୟମ, ଆସନ, ପ୍ରାଣାୟାମ, ପ୍ରତ୍ୟାହାର, ଧାରଣା, ଧ୍ୟାନ ଓ ସମାଧି ଆଠଗୋଟି **ଅସ୍ତ୍ର** ସ୍ୱରୂପ ଅଟେ । ଏହି ଆଠଗୋଟି ଅସ୍ତ୍ରଦ୍ୱାରା ସଂପାଦିତ ହେଉଥିବା ଯୋଗ, **''ଅଷ୍ଟାଙ୍ଗ ଯୋଗ''** ବ୍ୟତିରେକ **ଅଷ୍ଟ** ଅଙ୍ଗକୁ ସାଧନ କରିବାର ଅନ୍ୟ କୌଣସି ଉପାୟ ନାହିଁ । ଏଣୁ ସବୁ ଦର୍ଶନ ତତ୍ତ୍ୱର ସାର ନିର୍ଯ୍ୟାସ ଏହି **''ଅଷ୍ଟାଙ୍ଗ ଯୋଗ''** ମନୁଷ୍ୟ ଦେହରେ ଦିବ୍ୟଚୈତନ୍ୟକୁ ଉପଲବ୍ଧ ଓ ଅନୁଭବ କରିବା ପାଇଁ ଅତୀବ ପ୍ରୟୋଜନ ।

ଅଷ୍ଟାଙ୍ଗ ଯୋଗର ପ୍ରଥମ ଅଂଗ ହେଉଛି **'ଯମ'** ଏହି ଯମକୁ ପ୍ରଥମେ ସହଜ ସୂତ୍ରରେ ସାଧନ କରିବା ପାଇଁ ପଡ଼ିବ । **'ଯମ'** ସାଧନ ଦ୍ରୁତଗାମୀ ଗାଡ଼ିର ବ୍ରେକ୍ ଭଳି ମନୁଷ୍ୟ ଶରୀରରେ ପ୍ରକୃତିର ଅଷ୍ଟଅଙ୍ଗକୁ ନିୟନ୍ତ୍ରଣ କରିଥାଏ । ଯୋଗର ପ୍ରଥମ ଏହି ''ଯମ ସାଧନ'' ସମ୍ପୂର୍ଣ୍ଣ ଶରୀର ଉପରେ କାର୍ଯ୍ୟକରିଥାଏ । ବର୍ତ୍ତମାନ ଏହା ଶରୀର ଉପରେ କିପରି କାର୍ଯ୍ୟ କରିଥାଏ ଏହା ଆଲୋଚନାର ବିଷୟ ।

ପ୍ରାଥମିକ ପର୍ଯ୍ୟାୟରେ **ଅଷ୍ଟ** ପ୍ରକୃତିର **ଅଷ୍ଟ** ଅଙ୍ଗରୁ **ଅଷ୍ଟ** ବିକାରୀୟ କୋଷର ସ୍ନାୟୁତନ୍ତ୍ରୀଗୁଡ଼ିକୁ ସଂପୂର୍ଣ୍ଣ ରୂପେ ନିୟନ୍ତ୍ରଣ କରିଥାଏ । ଅଷ୍ଟପ୍ରକୃତି ସ୍ୱଭକ୍ଷିତ ବିଷୟ ଭକ୍ଷଣ କରି ଶରୀରରେ ଜୀବନ ଓ ପ୍ରାଣକୁ ଧରିରଖି ସକଳ ବିଷୟର ଅନୁଭବ ଓ ଅନୁଭୂତି ଆଣିଥାଏ । କିନ୍ତୁ ଏହି ବିଷୟ ଭୋଗର ବାଧା ହେତୁ ବିକାର ସୃଷ୍ଟି ହୋଇ ବିକାରୀୟ ସୃଜନ କୋଷମାନ ତିଆରି ହୋଇଥାଏ । ଏହି ସୃଜନ ବିକାରୀୟ କୋଷଗୁଡ଼ିକ ଶରୀରରେ ସୁସଜ୍ଜିତ ହୋଇ ବିଷୟ ଭୋଗର ପୂର୍ବରୁ ସ୍ମୃତିରୁ ସ୍ମରଣକୁ ଆଣି ଶରୀରରେ ଏକ ସ୍ନାୟୁବିୟ ପ୍ରବାହ ସୃଷ୍ଟି କରି ଦେହକୁ ଉତ୍ତେଜିତ କରିଥାଏ ତତ୍ ସଂଗେ ସଂଗେ ଦେହ ଏହି ଉତ୍ତେଜନାର ବଶବର୍ତ୍ତୀ ହୋଇ ଅସ୍ଥିର ଓ ଅଥୟ ହୋଇଯାଏ । ହ୍ରଦ ଭିତରକୁ ପଥର ଖଣ୍ଡେ ନିକ୍ଷେପ କଲେ ଯେପରି ବୃହତ୍ତ ତରଙ୍ଗମାଳା ସୃଷ୍ଟି ହୋଇଥାଏ ଠିକ୍ ସେହିପରି ଚିତ୍ତହ୍ରଦର ମାନସଜଗତ ତରଙ୍ଗାୟିତ ହୋଇଥାଏ । ଯେପରି ତରଙ୍ଗାୟିତ ହ୍ରଦରେ ଆକାଶରେ ଥିବା ସ୍ଥିର ଚନ୍ଦ୍ରର ପ୍ରତିବିମ୍ବ ତରଙ୍ଗାୟିତ ହୋଇ ନିର୍ମଳ ସ୍ଥିର ଚୈତନ୍ୟର ପ୍ରତିବିମ୍ବକୁ ତରଙ୍ଗାୟିତ କରି ଘନ କୁହୁଡ଼ିର ଛାୟା ସୃଷ୍ଟି କରିଥାଏ । ଏଣୁ ଶରୀରର **ଅଷ୍ଟ** ପ୍ରକୃତିର ସୃଜନ କୋଷ ଓ ତାର ସ୍ନାୟୁତନ୍ତ୍ରୀଗୁଡ଼ିକୁ ସହଜ ସୂତ୍ରରେ ନିୟନ୍ତ୍ରଣ କରାଯାଇ ଘନ କୁହୁଡ଼ିର ଛାୟାକୁ ଅପସାରଣ କରାଯାଇ ପାରିଲେ ଯୋଗର ଅନ୍ୟ ଅଙ୍ଗଗୁଡ଼ିକ ଦିବ୍ୟ ଚୈତନ୍ୟର ଆଲୋକରେ ଆଲୋକିତ ହୋଇ ଆପେ ଆପଣାଛାଏଁ ମନୁଷ୍ୟର ଆଚରଣ ମଧ୍ୟକୁ ଆସିଯାଇଥାଏ । ଯମ ସାଧନ ପରେ ଶରୀର ଶୁଦ୍ଧ ହୋଇ ଦିବ୍ୟ ଚୈତନ୍ୟର ସମସ୍ତ ବିଷୟକୁ ଉପଲବ୍ଧ କରି ଅନୁଭୂତି ଜ୍ଞାନ ଅର୍ଜନ କରି ଧନ୍ୟ ହୋଇଥାଏ ।

ଏହି ଯମର ସାଧନ ଯୁଗାନୁବାଦରେ, ଜୀବନୀ ଶକ୍ତି ଓ ପ୍ରାଣ କେନ୍ଦ୍ରକୁ ନେଇ ସାଧନ ପଦ୍ଧତି ଓ ସୂତ୍ରମାନ ଗୁରୁଅଙ୍ଗମାନଙ୍କ ଦ୍ୱାରା ପ୍ରଚଳନ ହୋଇଥାଏ । ସତ୍ୟଯୁଗରେ ମନୁଷ୍ୟର ପ୍ରାଣଶକ୍ତି ଓ ଜୀବନ ବୀର୍ଯ୍ୟଗତ ହୋଇଥିବାରୁ ଦୀର୍ଘାୟୁ ଥିଲା ଏବଂ ଏହି ଯୁଗ ବ୍ରାହ୍ମଣ ପ୍ରାବଲ୍ୟ ହୋଇଥିବାରୁ ବ୍ରହ୍ମଦର୍ଶୀ ବ୍ରାହ୍ମଣମାନେ ବେଦଗାନ ଓ ବେଦଶ୍ରବଣ, ''ଶ୍ରୋତାବକ୍ତା ଯେ ପଚାରି, ଏ ତିନିହେଁ ଯାନ୍ତି ତରି'' । ବିଧିପୂର୍ବକ ସତ୍‌ସଂଗ ମାଧ୍ୟମରେ ଦିବ୍ୟ ଚୈତନ୍ୟ ପ୍ରାପ୍ତ ହେଉଥିଲେ । ତା ପରେ ଆସିଲା ତ୍ରେତୟା ଯୁଗ, ତ୍ରେତୟା ଯୁଗରେ ପ୍ରାଣ ଓ ଜୀବନୀ ଶକ୍ତି ମଜ୍ଜାଗତ ହୋଇଥିବାରୁ ଏମାନଙ୍କର ଆୟୁଷ ସତ୍ୟଯୁଗର ମନୁଷ୍ୟଙ୍କଠାରୁ କମ୍ ହେଲା ଏବଂ ବ୍ରାହ୍ମଣ ପ୍ରାବଲ୍ୟ ସମାଜର ପରିବର୍ତ୍ତନ ହୋଇ କ୍ଷତ୍ରିୟ ପ୍ରାବଲ୍ୟ ସମାଜ ହେଲା । ତ୍ରେତୟା ଯୁଗର ମନୁଷ୍ୟମାନେ ବାହୁରେ ଅସୀମ ବଳକୁ ଧାରଣ କରି ତପଯଜ୍ଞ ଦ୍ୱାରା ଯମକୁ ସାଧନ କରିଥିଲେ । ସେହିପରି ତା ପର ଯୁଗ ଦ୍ୱାପର ଯୁଗରେ ମନୁଷ୍ୟର ପ୍ରାଣ ଓ ଜୀବନୀ ଶକ୍ତି

ଅସ୍ଥିଗତ ହୋଇଥିବାରୁ କ୍ଷତ୍ରିୟ ପରିବର୍ତ୍ତେ ବୈଶ୍ୟମାନଙ୍କର ଉତ୍‌ଥାନ ହେଲା, ତତ୍ ସଂଗେ ସଂଗେ ତପଯଜ୍ଞ ପରିବର୍ତ୍ତନ ହୋଇ ଘୃତଯଜ୍ଞ ଦ୍ୱାରା ଅଷ୍ଟାଙ୍ଗ ଯୋଗର ଯମକୁ ସାଧନ କରି ମୁକ୍ତ ହୋଇଥିଲେ । ବର୍ତ୍ତମାନ କଳିଯୁଗ । ଏହି କଳିଯୁଗରେ ରକ୍ତ, ମାଂସ, ଚର୍ମରେ ପ୍ରାଣ ରହିଥିବାରୁ ଆୟୁଷ ପୂର୍ବଯୁଗ ତୁଳନାରେ ବହୁତ କମିଯାଇ ଅଳ୍ପାୟୁଷ ଯଥା ୧୨୦ବର୍ଷ ରହିଲା । ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟମାନଙ୍କର ପତନ ହୋଇ ଶୁଦ୍ରମାନଙ୍କର ଉତ୍‌ଥାନ ହେଲା ଏବଂ ଶୁଦ୍ରନିତୀ ଦ୍ୱାରା ସମାଜ ଆଛନ୍ନ ହୋଇ ଶୁଦ୍ରନିତୀ ପ୍ରଚଳନ କଲା । ବର୍ତ୍ତମାନକୁ ବିଚାର କଲେ ଜଣାଯାଏ ଯେ, ଚାରୋଟି ବର୍ଣ୍ଣ ଯଥା ବିପ୍ର, କ୍ଷତ୍ରିୟ, ବୈଶ୍ୟ ଓ ଶୁଦ୍ର ଏକାକାର ହୋଇ ଶୁଦ୍ର ପ୍ରାବଲ୍ୟ ହୋଇଅଛି । ଚତୁଃବର୍ଣ୍ଣ ଶୁଦ୍ରନିତୀରେ ଏକାକାର ହୋଇଥିବାରୁ ବେଦଗାନ, ତପଯଜ୍ଞ, ଘୃତଯଜ୍ଞ ଓ କଳିର ନାମଯଜ୍ଞ କରିବା ଅସମ୍ଭବ, କାହିଁକି ନା – ଶୁଦ୍ରଯୁଗ, ଶୁଦ୍ରନିତୀ, ଶୁଦ୍ରସମାଜ, ବେଦ, ତପସ୍ୟା, ଯଜ୍ଞ, ବାରବ୍ରତ, ଉପାସନା କରିବା ଅସମ୍ଭବ । କଳିର ଅନ୍ତିମ ସମୟରେ –

*"ସର୍ବେ ହୋଇବେ ଏକାକାର*
*ନ ଥିବ ବେଦର ବିଚାର ।"*

ଶୁଦ୍ରନିତୀ ମ୍ଳେଚ୍ଛ ଗତିରେ ସମାଜ ଚାଲୁଥିବାରୁ ସମସ୍ତେ ଏକାକାର ହୋଇ ପରସ୍ପରର ସ୍ୱଦତ୍ତ ବୃତ୍ତିକୁ ହରଣ କରିବାରୁ ନିତୀ ନିୟମର ଅପଭ୍ରଂଶ ହୋଇଅଛି । ଏହିପରି ଏକ ଯୁଗର ଘଡ଼ିସନ୍ଧି ସମୟର ମୂହୁର୍ତ୍ତ ଭୋଗରେ ଥିବା ମଣିଷ –

*"ଯାଗ ଯଜ୍ଞ ତପସ୍ୟା କି କରିବ ସାଧନ,*
*ଯୁଗ ଯାଏ ଯୁଗ ଆସେ ଯୁଗ ଆନ ଆନ ।।*
*ଅନ୍ତ କଳିରେ ଅନ୍ତିମ ସମୟ ମୂହୁର୍ତ୍ତ,*
*ସବୁରି ଭିତରେ ଦେଖ ବିଷୟର ଆର୍ତ୍ତ ।।*
*ବିଷୟ ଜଞ୍ଜାଳେ ପଡ଼ି ହୋଇଛ ଜଞ୍ଜାଳି,*
*ଧର୍ମଦାଣ୍ଡେ ଯାଏ ଯଦି ଉପୁଜଇଁ କଳି ।।*

ହେ ଦିବ୍ୟାତ୍ମା ବିଶ୍ୱବାସୀଗଣ ଆପଣମାନଙ୍କ ପାଇଁ ବିଶ୍ୱଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦର ପ୍ରତିଷ୍ଠାତା ପୂଜ୍ୟ ଗୁରୁସ୍ୱାମୀ ଆଣିଛନ୍ତି ଯୁଗର ଯୁଗାନ୍ତକାରୀ ନିର୍ଯ୍ୟାସ –

*"ସର୍ବବିଧି ପୂଜାଶେଷେ କରହେ ପ୍ରଣାମ ।*
*ଶରଣ ନିଅହେ ସର୍ବେ କଳିର ଅନ୍ତିମ ।।*
*ଅଷ୍ଟ ଅଂଗ ଲଗାଇତୁ ପ୍ରଣାମ କରିବୁ ।*
*ସହଜ ସୂତରେ ଏହୁ କଳିକି ତରିବୁ ।।"*

ବର୍ତ୍ତମାନର ସମାଜ ବିଧିବିଧାନ ଛାଡ଼ି ଏକାକାର ହୋଇଥିବାରୁ ସମସ୍ତ ଧର୍ମକର୍ମ ଶେଷ ହୋଇଅଛି । ସମସ୍ତ ଧର୍ମକର୍ମ ଶେଷରେ ଶେଷ ବିଧିରୂପେ ପ୍ରଣାମ କରାଯାଇ କର୍ମ ସମାପନ କରାଯାଇଥାଏ । ଆସନ୍ତୁ ବର୍ତ୍ତମାନର ଏହି ଅନ୍ତିମ ସମୟରେ ଅନ୍ତିମ ଶାନ୍ତି ଘୋଷଣା କରି ପ୍ରଣାମ ବିଧି ଶେଷ କରିବା ।

*"ପ୍ରଣାମ ବିଧିକୁ ଧରି ଯାଉ ଏ ଜୀବନ ।*
*ପ୍ରାଣ ଥିବା ଯାଏଁ ସ୍ୱାମୀ ରଖନ୍ତୁ ଶରଣ ।।"*

## ସାଷ୍ଟାଙ୍ଗ ପ୍ରଣାମର ମାହାତ୍ମ୍ୟ

*"ସାଷ୍ଟାଙ୍ଗ ପ୍ରଣାମ ସୂତ୍ର ସାଧନ ।*
*ହେତୁରେ ଚେତନ ଆସିବ ଜ୍ଞାନ ।।"*

ଅର୍ଥାତ୍-ମନୁଷ୍ୟ ଭିତରେ ଗୁପ୍ତରେ ଥିବା ଚୈତନ୍ୟ ସାଷ୍ଟାଙ୍ଗ ପ୍ରଣାମ ଅଭ୍ୟାସ ଓ ସାଧନ ଦ୍ୱାରା ଶରୀରର ଦିବ୍ୟ ଚୈତନ୍ୟର ବୋଧଜ୍ଞାନ ଜାଗ୍ରତ ହୋଇପାରିବ ।

*"ଚୈତନ୍ୟ ଚେତନା ଦୁଆରେ ଉଭା ।*
*କୁଣ୍ଡଳିନୀ ଜାଗେ ଭାଙ୍ଗଇ ସଭା ।।"*

ଆମ୍ଭମାନଙ୍କର ଚୈତନ୍ୟ ଯଥା ସମୟରେ ଜାଗ୍ରତ ନ ହୋଇ କୌଣସି ଘଟଣା ଘଟିଯିବା ପରେ ଘଟଣାର ଫଳାଫଳ ଚେତନାକୁ ଆସିଥାଏ । କିନ୍ତୁ ଘଟଣା ଘଟିଯିବା ପୂର୍ବରୁ କାରଣ ଉପସ୍ଥିତ ହେଲେ ଆମ୍ଭେ ଅଜ୍ଞାନ ବଶତଃ କାରଣ ସହିତ ସଂଯୋଗ ହୋଇ କାରଣ ହୋଇଯାଇଥାଉ । ଏହି ସାଷ୍ଟାଙ୍ଗ ପ୍ରଣାମ ବିଧାନର ବିଧିପୂର୍ବକ ଅଭ୍ୟାସ ଓ ସାଧନ ଦ୍ୱାରା, ଶୁଭ ଓ ଅଶୁଭର କାରଣ ଯେତେବେଳେ ଆମ୍ଭ ନିକଟରେ ଉପସ୍ଥିତ ହେବ ଠିକ୍ ସେତିକି ବେଳେ ଅର୍ଥାତ୍ କାରଣ ସହିତ ସଂଯୋଗ ନ ହେବା ପୂର୍ବରୁ ଆମ୍ଭେ କାରଣର ଜ୍ଞାନ ଓ ଚେତନା ପାଇ ତା ଠାରୁ ସାବଧାନ ହୋଇ ସ୍ଥିର ରହିପାରିବା । ତଦ୍ ସହିତ ମନୁଷ୍ୟ ଭିତରେ ଥିବା ସୁପ୍ତ କୁଣ୍ଡଳିନୀ ସାଷ୍ଟାଙ୍ଗ ପ୍ରଣାମର ପ୍ରାଣାୟାମ ସୂତ୍ର ସାଧନ ଦ୍ୱାରା ଜାଗ୍ରତ ହୋଇ ଶୁଦ୍ଧ ଦିବ୍ୟ ଚୈତନ୍ୟ ବୋଧ ଯୋଗାଇଥାଏ । ଯାହାଦ୍ୱାରା ଶରୀରରେ ପଚିଶ ଗୋଟି ପ୍ରକୃତିର ବିକାରୀୟ ସଭା ବା ଗତିକୁ ନିୟନ୍ତ୍ରଣ କରି ଷଡ଼ରିପୁ ଓ ଗଣ ଅଇରୀମାନଙ୍କୁ ନିଜର ବଶରେ ବଶିଭୂତ କରି ରଖିଥାଏ ।

*"ଅଷ୍ଟାଙ୍ଗ ଯୋଗକୁ ସାଷ୍ଟାଙ୍ଗେ ସାଧି ।*
*ଅଷ୍ଟ ପ୍ରକୃତିର ଭାବ ସମାଧି ।।"*

(-କ୍ରମଶଃ)

◆❖◆

## ଘୋଷଣା

କେତେକ ଅନିବାର୍ଯ୍ୟ କାରଣରୁ 'ଚରମ'ର ତୃତୀୟପୁଷ୍ପ : ପଞ୍ଚମ ପାଖୁଡ଼ା (ଦ୍ୱାଦଶ ସଂଖ୍ୟା) ଯଥା ସମୟରେ ପ୍ରକାଶ ପାଇପାରିଲା ନାହିଁ । ସହୃଦୟ ଗ୍ରାହକ/ଗ୍ରାହିକା, ପାଠକ/ପାଠିକା ସଦାତ୍ମା ଭାଇଭଉଣୀମାନଙ୍କୁ ଆମର ଏହି ଅନିଚ୍ଛାକୃତ ଅବହେଳା ନିମନ୍ତେ ଆମ ସହିତ ଧୈର୍ଯ୍ୟଧରି ସହିନେବାକୁ ବିନମ୍ର ଅନୁରୋଧ ଜଣାଇ କ୍ଷମାଭିକ୍ଷାକରିନ୍ତୁ ।"ଇତି"

ସଂପାଦକ

ଚରମ ପ୍ରକାଶନ ସଂସ୍ଥା, ସ୍ୱର୍ଣ୍ଣକ୍ଷେତ୍ର

## ବନ୍ଦେ ମହାପୁରୁଷ ! ତେ ଚରଣାରବିନ୍ଦମ୍ !!!

**ଅଚ୍ୟୁତଙ୍କ ଲେଖନୀରୁ :**

**କଳ୍କୀ ଭବିଷ୍ୟତ ଗୀତା – ଦ୍ୱିତୀୟ ଭାଗ – ରୁ ଉଦ୍ଧୃତାଂଶ ।।**

ଗୁରୁବାକ୍ୟ କର୍ଣ୍ଣଧାର, ଅବାଡ଼ ଫିଟାଇ ମିଶ ନାମର ହେ ।
ସାଧୁଜନେ, ତହିଁମଧେ ଅଣାକାର ହେ ।।୧।।
ମନ୍ତ୍ର, ଯନ୍ତ୍ର, ତହିଁ ନାହିଁ, ଶୁଚି ପବିତ୍ର ଯେ ମିଛ ଅଟଇ ହେ ।
ସାଧୁଜନେ, ସାଧନା ପଣରେ ନାହିଁ ହେ ।।୨।।
ତ୍ରିକାଳ ଶଉଚ ଜାଣ, ଯଜ୍ଞ, ହୋମ, ଜପ ଆଦରି ପୁଣ ହେ ।
ସାଧୁଜନେ, ଅସତ୍ୟ ସଂଗେ, ପ୍ରମାଣ ହେ ।।୩।।
ଗୁରୁବାକ୍ୟ ନିଷ୍ଠା କରି, ଦର୍ଶନ ପାଇବୁ କୁଞ୍ଜ ବିହାରୀ ହେ ।
ସାଧୁଜନେ, ଭବୁ ତେବେ ହେବୁ ପାରି ।।୪।।
କର୍ମକ୍ଷେତ୍ରେ ହୁଅ ରତ, ମନର ସୂତ୍ରକୁ କର ନିୟତ ହେ ।
ସାଧୁଜନେ, ପାଇବ ବ୍ରହ୍ମାଣ୍ଡ ନାଥ ।।୫।।
ବସିବା, ଚାଲିବାଠାରେ, ଜାଗ୍ରତେ ଶୟନେ କର୍ମକ୍ଷେତ୍ରରେ ହେ ।
ସାଧୁଜନେ, ମନସୂତ୍ର ଅକର୍ମରେ ।।୬।।
କାମନାକୁ କର ଦୂର, ହସ୍ତୀକି ଗଳାଅ ସୂକ୍ଷ୍ମ ରନ୍ଧ୍ରର ହେ ।
ସାଧୁଜନେ, ପାଇବୁ ଶ୍ୟାମସୁନ୍ଦର ।।୭।।
ଛାୟା, ଅବାଡ଼, ଯେ ଜ୍ୟୋତି, ଥୋକେ ନୀରବରେ କରନ୍ତି ପ୍ରୀତି ହେ ।
ସାଧୁଜନେ, ନ ହୁଏ ବ୍ରହ୍ମରେ ସ୍ଥିତି ।।୮।।
ଯନ୍ତ୍ର ଆଦି ଅଣାକ୍ଷର, ଏକାକ୍ଷର ମନ୍ତ୍ର ଯେତେ ପ୍ରକାର ହେ ।
ସାଧୁଜନେ, ସବୁ କୁହୁକ ପ୍ରକାର ।।୯।।
ଭାବରେ ଭାବକୁ କର, ନିଷ୍କାମ ଭାବକୁ ସୂତ୍ରରେ ଧର ହେ ।
ସାଧୁଜନେ, ହୋଇବୁ ଅଜରାମର ।।୧୦।।
ପ୍ରେମକୁ ପ୍ରେମରେ ମଜ୍ଜ, ଯିବା ଆସିବାଟି ଅତି ସହଜ ହେ ।
ସାଧୁଜନେ, ହୋଇବ ହଜ ସହଜ ।।୧୧।।
ଉର୍ମ, ଧୂର୍ମ, ଜ୍ୟୋତି, ଜ୍ୱାଳା, ନୀଳରୂପରେ ସେ କରନ୍ତି ଖେଳା ହେ ।
ସାଧୁଜନେ, ଅଖଣ୍ଡ ଆକାର ଗୋଲା ।।୧୨।।।
ତହିଁ ମଧେ ସୂକ୍ଷ୍ମ ଜ୍ୟୋତି, ଝଟକ ବିଜୁଳି ହୀରାର କାନ୍ତି ହେ ।
ସାଧୁଜନେ, ନୀଳମଧେ ବିରାଜନ୍ତି ।।୧୩।।
ତନ୍ମୀଭୂତ ଯେ ହୋଇବ, ନୀଳ ଆକାଶରେ ଚାନ୍ଦ ଉଇଁବ ହେ ।
ସାଧୁଜନେ, ମନଚୈତନ୍ୟ ରଖିବ ।।୧୪।।
ଚେତନାକୁ ରଖିଥିବୁ, ମନର ସୂତ୍ରରେ ତହିଁ ପଶିବୁ ହେ ।
ସାଧୁଜନେ, ନିତ୍ୟ ରାହାସ ଦେଖିବୁ ।।୧୫।।

* ଉଦ୍ଧୃତାଂଶର ବ୍ୟାଖ୍ୟା 'ରତ୍ନବେଦୀ'ରେ ପ୍ରୟାଂଶରେ ପଢ଼ିବାକୁ ପାଇବେ ।। ସଂପାଦନା ।।

# ଶ୍ରୀଶ୍ରୀଶ୍ରୀ ଠାକୁରଙ୍କ ଦର୍ଶନରୁ

# ମୋହ



ପ୍ରଭୁପାଦ ଗୁରୁସ୍ୱାମୀ ଶ୍ରୀଶ୍ରୀଶ୍ରୀଠାକୁରଙ୍କ ଦର୍ଶନ ସମ୍ବନ୍ଧରେ ଅଧିକରୁ ଅଧିକ ଜାଣିବା ନିମନ୍ତେ ବିଶ୍ୱ ବିଦ୍ୟାଳୟରୁ ଉଚ୍ଚଶିକ୍ଷା ପ୍ରାପ୍ତ ଯୁବକ ଯୁବତୀ/ପୌଢ଼ ପୌଢ଼ା ଏପରିକି ଅଧ୍ୟୟନରତ ଛାତ୍ର ଛାତ୍ରୀ ମାନଙ୍କର ଅଧିକରୁ ଅଧିକ ଆଗ୍ରହ ପ୍ରକାଶ ପାଉଛି । ଏହା ଏକ ଶୁଭ ଲକ୍ଷଣ । 'ଚରମ'ର ଆଧ୍ୟାତ୍ମିକ ବିପ୍ଳବରେ ଅଧିକରୁ ଅଧିକ ସଂଖ୍ୟାରେ ଯୋଗ ଦେଇ ସଂଯୋଗ ବଶତଃ ଶ୍ରୀ ପ୍ରଭୁଙ୍କର ଧର୍ମ ଦର୍ଶନ ଜାଣିବା ନିମନ୍ତେ ଅନୁସନ୍ଧିତ୍ସୁ ହେବା ନିଶ୍ଚିତ ଏକ ଶୁଭ ସଂକେତ । ଜିଜ୍ଞାସୁ, ଅନିସନ୍ଧିତ୍ସୁ ଦିବ୍ୟାତ୍ମାଗଣଙ୍କର ନିଷ୍ଠା ଓ ଆନ୍ତରିକତାରେ ପ୍ରୀତ ହୋଇ ଭକ୍ତବତ୍ସଳ ଭାବଗ୍ରାହୀ ଶ୍ରୀଶ୍ରୀଶ୍ରୀ ଠାକୁର 'ଚରମ' ପୃଷ୍ଠାରେ 'ଶ୍ରୀଶ୍ରୀଶ୍ରୀ ଠାକୁରଙ୍କ ଦର୍ଶନରୁ' ଶୀର୍ଷକରେ 'ଚରମ'ର ତୃତୀୟ ସଂଖ୍ୟା (ପ୍ରଥମ ପୁଷ୍ପ:ତୃତୀୟ ପାଖୁଡ଼ା)ରୁ ଏ ଯାବତ୍ 'ମୋହ' ସମ୍ପର୍କରେ ଧାରାବାହିକ ଆଲୋଚନା ପତ୍ରସ୍ଥ ହୋଇ ଆସିବାର ସୁବ୍ୟବସ୍ଥା କରି ଦେଇଛନ୍ତି । ଏହା ନିୟମିତ ପରିବେଷିତ ହେଉଛି । ଏହି ପରିବେଷଣର ପୂର୍ବାନୁସ୍ମୃତିରୁ ଏଥର ଆସନ୍ତୁ ପଢ଼ିବା:

## ଦ୍ରବ୍ୟସାତ୍ତ୍ୱିକ ମୋହ

ଏ ସଂପର୍କରେ ସତ୍ୟଯୁଗରେ ଘଟିଥିବା ଏକ ପୌରାଣିକ ଘଟଣା କହୁଛି ଶୁଣ, ଏହା ଶୁଣିଲେ **ଦ୍ରବ୍ୟସାତ୍ତ୍ୱିକ** ମୋହ ବିଷୟରେ ନିର୍ଭୁଲ ଧାରଣା ହେବ ଓ ସନ୍ତୋଷ ଲାଭ କରିବ । ଏକଦା ସତ୍ୟଯୁଗରେ ନୈମିଷା ଅରଣ୍ୟରେ **ଏରଣ୍ଡକ** ନାମରେ ଜଣେ ଋଷି ଆଶ୍ରମ କରି ରହୁଥିଲେ । ନିଜର ଗୁରୁକୁଳ ଆଶ୍ରମରେ ଶିଷ୍ୟ ଗ୍ରହଣ କରି ସେ ସେମାନଙ୍କୁ ବେଦବିଦ୍ୟା ଶିକ୍ଷା ଦେଉଥିଲେ । ଆଶ୍ରମରେ ଅନ୍ୟ ଶିଷ୍ୟମାନଙ୍କ ମେଳରେ **ହଳଗ୍ରୀବ** ଏବଂ **ସୁଗ୍ରୀଗ୍ରୀବ** ନାମରେ ଦୁଇ ଭାଇ ରହି ଋଷିଙ୍କ ଠାରୁ ଯଥାବିଧି ବିଦ୍ୟାଶିକ୍ଷା କରୁଥିଲେ । ଗୁରୁ ସେମାନଙ୍କୁ ଅନ୍ୟ ଶିଷ୍ୟମାନଙ୍କ ପରି ଗୁରୁକୁଳ ଆଶ୍ରମରେ ଶିଷ୍ୟ ରୂପେ ଗ୍ରହଣ କରି ଶିକ୍ଷାଦାନ ପରେ କର୍ମଯୋଗ ଶିକ୍ଷା ଦେଉଥାନ୍ତି । କିଛିଦିନ ଅନ୍ତେ ଋଷି ସେ ଦୁଇଭାଇ **ହଳଗ୍ରୀବ** ଏବଂ **ସୁଗ୍ରୀଗ୍ରୀବଙ୍କୁ** ସମାଜରେ ଧର୍ମ ପ୍ରଚାର କରି, ଭିକ୍ଷା ସଂଗ୍ରହ କରି ଗୁରୁ ଏବଂ ଗୁରୁକୁଳ ପାଇଁ ଅର୍ଥ ଧରି ଫେରିଆସିବା ନିମନ୍ତେ ଆଜ୍ଞା ଏବଂ ଆଦେଶ ଦେଲେ । ସେମାନଙ୍କୁ ବିଦାୟ ଦେବା ସମୟରେ ଋଷି ପୁନର୍ବାର ସ୍ମରଣ କରାଇ ଦେଲେ ଯେ, ସେମାନେ ଯେପରି ଭିକ୍ଷାଲବ୍ଧ ଧନ ବ୍ୟୟ ବା ଭୋଗ ନ କରି, ଅନର୍ଥରେ ନ ମାଡି ଗୁରୁ ସେବା ନିମିତ୍ତ ସଂଗୃହୀତ ଧନ ଧରି ଯଥା ସମୟରେ ଆଶ୍ରମକୁ ବାହୁଡ଼ି ଆସିବେ ।

ଶ୍ରୀଗୁରୁଙ୍କର ଆଦେଶ ଅନୁଯାୟୀ ଦୁଇଭାଇ ଶିଷ୍ୟ **ହଳଗ୍ରୀବ** ଏବଂ **ସୁଗ୍ରୀଗ୍ରୀବ** ଗୁରୁ ସେବା ନିମନ୍ତେ ଭିକ୍ଷା କରି ଅର୍ଥ ସଂଗ୍ରହ ନିମନ୍ତେ ଆଶ୍ରମରୁ ବାହାରି ଗଲେ । **ସୁଗ୍ରୀଗ୍ରୀବ** ଯେଉଁ ଭିକ୍ଷା ପାଏ, ତାହାକୁ ଯତ୍ନର ସହିତ ଗୁରୁସେବା ନିମନ୍ତେ ସଂଚୟ କରି ରଖେ । ନିଜେ ଗଛର ଫଳ, ମୂଳ, ପତ୍ର ଏବଂ ଝରଣାର ଜଳ ପିଇ ଜୀବନ ବଞ୍ଚାଇ ରଖେ । ତହିଁରେ ସେ ଅପାର ଆନନ୍ଦ ଲାଭ କରେ, କାରଣ ସେ ଅନ୍ତଃକରଣରେ ଏହି ଭାବ ପୋଷଣ କରି ରଖିଥାଏ ଯେ, ସଂଗୃହୀତ ଧନ ଆଶ୍ରମ ସଂଗଠନ ନିମନ୍ତେ, ଗୁରୁସେବା ନିମନ୍ତେ ଗୁରୁଙ୍କ ପଦ୍ମପାଦ ପୀଠରେ

ସମର୍ପଣ କରିବ; ଗୁରୁଗୋବିନ୍ଦଙ୍କୁ ସନ୍ତୁଷ୍ଟ କରିବ । ଗୁରୁଜୀ ସନ୍ତୁଷ୍ଟ ହେଲେ ସର୍ବ ଦେବଦେବୀ ସ୍ୱତଃ ସନ୍ତୁଷ୍ଟ ହେବେ । ତା'ର ଧର୍ମ ପ୍ରଚାର ମାଧ୍ୟମରେ ଗୁରୁ ଓ ଗୁରୁକୁଳ ପାଇଁ ଭିକ୍ଷା ଦ୍ୱାରା ସଂଗୃହୀତ ଅର୍ଥର ଯଥାର୍ଥ ସଦ୍‌ବିନିଯୋଗ ହେବ । ଏହି ଭାବରେ **ସୁଗ୍ରୀଗ୍ରୀବ** ମହାନନ୍ଦରେ ଦିନ ବିତାଉଥାଏ ।

ଅନ୍ୟପକ୍ଷରେ **ହଳଗ୍ରୀବ** ଯେଉଁ ଧନ ଭିକ୍ଷା ଦ୍ୱାରା ସଂଗ୍ରହ କରେ ଅତ୍ୟଧିକ ଲୋଭ ହେତୁ ତାହାକୁ ଆପଣା ବିଚାର ବୁଦ୍ଧିରେ ନିଜ ପାଇଁ ବ୍ୟୟ କରେ, ଦୈବାତ୍ କିଛି ବଳକା ରହିଲେ, ତାହା ଗୁରୁଙ୍କ ନିମନ୍ତେ ସଞ୍ଚୟ କରି ରଖେ । ପୁଣି କେବେ ଭିକ୍ଷା ପରିମାଣ ହ୍ରାସ ପାଇଲେ, ଗୁରୁଙ୍କ ଉଦ୍ଦେଶ୍ୟରେ ସଞ୍ଚିତ ଧନରୁ କିଛି କିଛି ଆତ୍ମସ୍ୱାର୍ଥ ଉଦ୍ଦେଶ୍ୟରେ ନେଇ ବ୍ୟୟ କରେ । ଗୁରୁଙ୍କ ଆଜ୍ଞା ଓ ଆଦେଶ ଶିରୋଧାର୍ଯ୍ୟ କରି ଧର୍ମ ପ୍ରଚାର ମାଧ୍ୟମରେ ଗୁରୁ ଓ ଗୁରୁକୁଳ ପାଇଁ ଭିକ୍ଷା ଦ୍ୱାରା ସଂଗୃହୀତ ଅର୍ଥ ଦ୍ରବ୍ୟସାତ୍ତ୍ୱିକ ମୋହ ବଶରୁ ଅତ୍ୟଧିକ ଲୋଭ ହେତୁ ଆତ୍ମସାତ୍ କରିବା କାରଣରୁ **ହଳଗ୍ରୀବ** ଅଭିଶପ୍ତ ହୋଇ ତ୍ରିକୌଦଣ୍ଡରେ ଗ୍ରସ୍ତ ହେଲା । ତାର ଇହ ଜନ୍ମ ଭ୍ରଷ୍ଟ ହେଲା ଓ ମୃତ୍ୟୁ ପରେ ପରଜନ୍ମରେ ନରକ ଯନ୍ତ୍ରଣା ଭୋଗ କରି ବାରବାର ତିନିଜନ୍ମ ପାଇଁ ତ୍ରିକୌଦଣ୍ଡ ଭୋଗକଲା । ତ୍ରିକୌଦଣ୍ଡ ଭୋଗଫଳରୁ ତିନିଜନ୍ମ ପାଇଁ ସେ ଅନ୍ନ, ବସ୍ତ୍ର, ବାସହୀନ ଓ ଜ୍ଞାତିକୁଟୁମ୍ବଶୂନ୍ୟ ହୋଇ ଅଶେଷ ଦୁଃଖ, ରିଷ୍ଟ ଏବଂ ନରକ କଷ୍ଟ ଭୋଗ କଲା ।

**ସୁଗ୍ରୀଗ୍ରୀବ** ଗୁରୁଦେବଙ୍କର ଆଜ୍ଞା ଓ ଆଦେଶକୁ ନାନାଦି ଦୁଃଖକଷ୍ଟ ଯନ୍ତ୍ରଣା ମଧ୍ୟରେ ହୃଷ୍ଟ ଚିତ୍ତରେ ଆନନ୍ଦ ମନରେ ଅକ୍ଷରେ ଅକ୍ଷରେ ପାଳନ କରିଥିବାରୁ କର୍ମଯୋଗ ସାଧନା ପଥରେ କ୍ରମୋନ୍ନତି ଲାଭ କରି ପରମାର୍ଥ ମାର୍ଗରେ ସୋପାନ ପରେ ସୋପାନ ଆରୋହଣ କରି ଆପଣା ପୁରୁଷାର୍ଥ, ଧୈର୍ଯ୍ୟ, ସ୍ଥୈର୍ଯ୍ୟ ଓ ଶରଣାଗତି ଫଳରୁ ଚରମରେ ବ୍ରହ୍ମତ୍ତ୍ୱକୁ ପ୍ରାପ୍ତ ହେଲା । ପୁରୁଷାର୍ଥ ହିଁ **ସୁଗ୍ରୀଗ୍ରୀବ** ପାଇଁ ଦୈବୀକୃପା ଆଣି ଦେଇଥିଲା ।

ସର୍ବଦା ସ୍ମରଣ ରଖିବା ଉଚିତ୍ ଯେ, ଜଗତରେ ପ୍ରାଣୀ ପ୍ରକୃତି ଓ ପ୍ରବୃତ୍ତିର ତାଡ଼ନାରୁ ଚତୁର୍ବିଂଶ ତତ୍ତ୍ୱନେଇ ଲୀଳା ଖେଳା କରିଥାଏ । କ୍ରମଶଃ ଇନ୍ଦ୍ରିୟଗଣଙ୍କର ପରିତୃପ୍ତି ନିମନ୍ତେ ରୂପ, ରସ, ଗନ୍ଧ, ଶବ୍ଦ ଓ ସ୍ପର୍ଶ ଭଳି ବିଷୟ ଭୋଗରେ ପ୍ରମତ୍ତ ହୋଇ ଆପଣାର ଉପ ପୁରୁଷଙ୍କୁ ପାଶୋରି ପକାଏ । ବିଷୟ ଜଞ୍ଜାଳଗ୍ରସ୍ତ ହୋଇଯାଇଥିବାରୁ ସେ ଆତ୍ମିକ ଉନ୍ନତି, ପରମାର୍ଥ ଜୀବନ ଏବଂ ଆଧ୍ୟାତ୍ମିକ ଚିନ୍ତନ ଓ କର୍ମଯୋଗଠାରୁ ବିଯୁକ୍ତ ହୋଇଯାଏ । ଏହି ବିଯୁକ୍ତ ଜୀବନଚର୍ଯ୍ୟା ଫଳରୁ ତା'ର ବୁଦ୍ଧି ଭ୍ରଷ୍ଟ ହୁଏ, ଦିବ୍ୟଭାବ ସମୂହ ତାର ହୃଦୟରେ କସ୍ମିନ୍‌କାଳେ ଉଦୟ ହୁଏ ନାହିଁ । ଭାବର ଅଭାବରୁ ସେ ସର୍ବଦା ଅଶାନ୍ତି ହିଁ ପ୍ରାପ୍ତ ହୁଏ ଏବଂ ଅଶାନ୍ତ ଆତ୍ମା କଦାପି ସୁଖ ବା ଆନନ୍ଦ ଉପଭୋଗ କରି ନ ପାରି ହତାଶ ହୋଇଥାଏ । ହତାଶାର ଘନ ଅନ୍ଧକାର ମଧ୍ୟରେ ମାନବ ଜୀବନ ଧରିଥିବା ପ୍ରାଣୀସକଳ ସଦା ସର୍ବଦା ନାନାଦି ଦୁଃଖ ଦୁର୍ବିପାକର ଘୂର୍ଣ୍ଣି ମଧ୍ୟରେ ଘୂର୍ଣ୍ଣାୟମାନ ହୋଇ ଦିବାନିଶି ଅହରହ ମାନସିକ ସନ୍ତୁଳନ, ଅସ୍ଥିରତା, ଅଧୈର୍ଯ୍ୟ ଅବସ୍ଥାରେ କାଳାତିପାତ କରୁଥାଆନ୍ତି । ଗୋଟିଏ ପଟେ ଇନ୍ଦ୍ରିୟ ତାଡ଼ନା ଜନିତ ବିଷୟ ଭୋଗରେ କ୍ଷଣିକ ସୁଖ, ପୁଣି ଏହି କ୍ଷଣିକ ସୁଖର ଅନ୍ତରାଳରେ ଅଶେଷ ମାନସିକ ଓ ଶାରୀରିକ ଦୁଃଖଯାତନାର ବିକଟାଳ ଅଟ୍ଟହାସ୍ୟ । ପ୍ରାଣୀ ସୃଷ୍ଟିର ଏହି ନିଗୂଢ଼ ତତ୍ତ୍ୱ ଉପଲବ୍ଧ କରି ନ ପାରିବା ହେତୁରୁ ପ୍ରକୃତ ମାର୍ଗ ମଧ ନିର୍ବାଚନ କରିପାରେ ନାହିଁ ତେଣୁ ଭୁଲ୍ ବାଟରେ ସେ ପାଦ ଦେଇ ବହୁ ଦୂର ଆଗେଇଯାଏ, ଯେଉଁଠାରୁ ତା'କୁ ପୁଣିଥରେ ଠିକ୍ ବାଟକୁ ଫେରାଇ ଆଣିବା କାଠିକର ପାଠ ହୁଏ । 'ବୁଡ଼ିଗଲା ଲୋକର ପାଦ ତଳକୁ ତଳକୁ' ପରି କ୍ରମଶଃ ନଷ୍ଟ ପଥର ପଥିକ ହୁଏ । ଅନ୍ତର୍ନିହିତ ସକଳ ସୁଗୁଣାବଳୀ ତାର ନଷ୍ଟ ହୋଇଯାଏ । ବାରମ୍ବାର ଗୁରୁଙ୍କ ସମ୍ପଦ ଭୋଗକରେ, ପୁଣି ଦୁଃଖ ଲଭେ, ଦୁଃଖ ଅପନୋଦନ ନିମନ୍ତେ ପୁଣି ବିଷୟଭୋଗ କରିବାକୁ ବାଧ୍ୟ ହୁଏ,

ପୁଣି ମାତ୍ରାଧିକ ଦୁଃଖକଷ୍ଟ ଭୋଗିବାକୁ ପଡ଼ିଥାଏ । ଏହିପରି ଏକ ଭୋଗ ଓ ଦୁଃଖର ଚକ୍ରରେ ଚକ୍ରକାରରେ ପ୍ରାଣୀ ଘୂରିବୁଲେ ।

ଫଳତଃ ଇନ୍ଦ୍ରିୟପରାୟଣତାର ମାତ୍ରାଧିକ୍ୟରୁ ତା'କୁ ଆଧିଦୈବିକ, ଆଧାତ୍ମିକ ଓ ଆଧିଭୌତିକ—ଏହି ତ୍ରିତାପର ଦାହ ବାରମ୍ବାର ସହ୍ୟ କରିବାକୁ ପଡ଼ିଥାଏ । ତ୍ରିତାପର ଅସହ୍ୟ ଦହନର ଦାହରେ ଉତ୍ପୀଡିତ ହେଉଥିଲେ ମଧ୍ୟ ପ୍ରାଣୀ ମୋହବଶରୁ ଆତ୍ମ ସମୀକ୍ଷା କରି ନ ପାରି ଅଜ୍ଞାନ ଅନ୍ଧକାର ମଧ୍ୟରେ ହିଁ ଲୀନ ହୁଏ ।

ମାତ୍ର ଯେଉଁମାନେ ପୂର୍ବଜନ୍ମ ବା ଜନ୍ମ ଜନ୍ମାନ୍ତରର ପ୍ରାରବ୍ଧରୁ ଶ୍ରୀଗୁରୁଙ୍କ ଶ୍ରୀଚରଣରେ ଶରଣାପନ୍ନ ହୋଇ ଧର୍ମଧାରା ନେଇ ମଧ୍ୟ କର୍ମଯୋଗ ସାଧନ କରୁନଥାନ୍ତି, କର୍ମ ନ କରି ଫଳ ଭୋଗର କାମନା କରନ୍ତି, ଗୁରୁଙ୍କ ସନ୍ନିଧାନରେ ବାରମ୍ବାର ବିଷୟ ଜଞ୍ଜାଳର ସମସ୍ୟା ଉତ୍ଥାପନ କରି ସମାଧାନ ଲୋଡ଼ନ୍ତି, ତ୍ୟାଗ, ନିଷ୍ଠା, ସେବା, ଦାନ, ଧର୍ମରେ ନିୟମିତତା ବା ଆନ୍ତରିକାତ ରଖିପାରନ୍ତି ନାହିଁ, ଗୁରୁଙ୍କ ନିମନ୍ତେ ସଂଗୃହୀତ ଦ୍ରବ୍ୟାଦି ଓ ଅର୍ଥ ଆତ୍ମସାତ୍ ବା ଉପଭୋଗ କରନ୍ତି, ସେମାନେ ଚରମରେ ଅଶେଷ ଯମ ଯାତନା ଭୋଗନ୍ତି ଏବଂ ତିନି ଜନ୍ମ ପର୍ଯ୍ୟନ୍ତ ତ୍ରିଲୌଦଣ୍ଡ ଭୋଗ କରିବାକୁ ବାଧ୍ୟ ହୁଅନ୍ତି ।

ପୁଣି ଯେଉଁମାନେ ନିଷ୍ଠାର ସହିତ ଧାରା ଅନୁସାରେ ନିତ୍ୟ ଅଭ୍ୟାସ ଯୋଗ ସାଧନା ଆନ୍ତରିକ ଭାବରେ କରିଚାଲନ୍ତି, ଏକମାତ୍ର ଆତ୍ମୋନ୍ନୟନ ଓ ଈଶ୍ୱରୋପଲବ୍ଧି ଲକ୍ଷ୍ୟରେ ଗୁରୁଙ୍କ ପଦ୍ମପାଦରେ ଲୟ ସ୍ଥିର କରି କୌଣସି ସାଂସାରିକ ବିଷୟ ଜଞ୍ଜାଳର ପ୍ରଶ୍ନ ବା ସମସ୍ୟା ଗୁରୁସନ୍ନିଧାନରେ କଦାପି ଉତ୍ଥାପନ କରନ୍ତି ନାହିଁ । ସବୁ ଅବସ୍ଥାରେ ସନ୍ତୁଷ୍ଟ ରହି ଗୁରୁଙ୍କର କୃପା ଅନ୍ତସ୍ଥଳରେ ଉପଲବ୍ଧି କରନ୍ତି, ସେମାନଙ୍କର ଏତାଦୃଶ ପୁରୁଷାର୍ଥରେ ଶ୍ରୀଗୁରୁସ୍ୱାମୀ ସନ୍ତୁଷ୍ଟ ହୋଇ ଦୈବୀ କୃପାରୂପକ ଆଶିଷ ପ୍ରଦାନ କରନ୍ତି । ଚରମରେ ସେମାନେ ବ୍ରହ୍ମତ୍ୱ ପ୍ରାପ୍ତ ହୁଅନ୍ତି ।


◆❖◆



କୂଟକପଟତା ଅହଙ୍କାର ହୋଲେ ।
ଅହଙ୍କାର ରୂପକ ଅଗ୍ନି ଦେହକୁ ଜାଳେ ।।



କୂଟନୀତି କରି ବୁଢ଼ା ହେଲୁ ।
ଗୁରୁନୀତି କଥା ଭୁଲିଗଲୁ ।।



# ପୁରାଣ ପୃଷ୍ଠାରୁ

## ଗଳ୍ପାଂଶ

*ସମଗ୍ର ପୁରାଣ ସାହିତ୍ୟରେ ଓଡ଼ିଆ ପୋଥିପୁରାଣ ଗୁଣାତ୍ମକ ଓ ପରିମାଣାତ୍ମକ ଉଭୟ ଦୃଷ୍ଟିକୋଣରୁ ଅଶେଷ ବୈଚିତ୍ର୍ୟ ବହନ କରିଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ଓଡ଼ିଆ ଭାଷାର ପୋଥିପୁରାଣ ରଚନାରେ ଜଣେ ଜଣେ ସ୍ରଷ୍ଟା ଗୋଟିଏ ଗୋଟିଏ କୃତିର ଅଧିକାରୀ । ଭାରତର ଅନ୍ୟାନ୍ୟ ଭାଷା ସାହିତ୍ୟର ପୁରାଣ ପରିଶୀଳନରେ ଏତାଦୃଶ ଗୌରବ ଖୁବ୍ କମ୍ ଲୋକଙ୍କୁ ମିଳିଛି । ତେଲୁଗୁ ମହାଭାରତ ତିନିଜଣ ସ୍ରଷ୍ଟାଙ୍କ ଦ୍ୱାରା ପୂର୍ଣ୍ଣାଙ୍ଗ ରୂପ ପରିଗ୍ରହ କରିଥିବା ବେଳେ ଓଡ଼ିଆ ମହାଭାରତର କବି କିନ୍ତୁ ଜଣେ । ସେହିପରି ଅସମୀୟା ଭାଷାର ଭାଗବତ ନଅଜଣ କବିଙ୍କ ଦ୍ୱାରା ସମାପ୍ତ ହୋଇଛି । କହିବା ବାହୁଲ୍ୟ ଯେ, ଦୀର୍ଘ ଦୁଇଶହ ବର୍ଷ ବ୍ୟାପୀ ଓଡ଼ିଆ ପୁରାଣ ଶୈଳୀର ପ୍ରଭାବ ଅପ୍ରତିହତ ରହି ଉଭୟ ଗୁଣାତ୍ମକ ଓ ପରିମାଣାତ୍ମକ ବୈଶିଷ୍ଟ୍ୟ ଏ ସାହିତ୍ୟ ପାଇଁ ସୃଷ୍ଟି କରିବାରେ ସମର୍ଥ ହୋଇପାରିଛି ।*

*ଓଡ଼ିଆ ପୁରାଣ ସାହିତ୍ୟର ଗଳ୍ପାଂଶ ଯେପରି ସାବଲୀଳ ଓ କମନୀୟ, ପ୍ରତ୍ୟେକ ଗଳ୍ପାଂଶର ପ୍ରଚ୍ଛନ୍ନରେ ରହିଥିବା ତତ୍ତ୍ୱ ମୀମାଂସା ମଧ୍ୟ ସେହିପରି ଶିକ୍ଷଣୀୟ ଓ ଅନୁସରଣୀୟ । 'ଚରମ' ପୃଷ୍ଠାରେ ଉଭୟ ଗଳ୍ପାଂଶ ଓ ତତ୍ତ୍ୱ ମୀମାଂସାକୁ ସମଦୃଷ୍ଟିରେ ସମାନ ଗୁରୁତ୍ୱ ଦିଆଯାଇ ସୁଧୀ ପାଠକ/ପାଠିକାଙ୍କ ପ୍ରୀତି ଅର୍ଥେ ପରିବେଷଣ କରାଯାଉଛି ।*

## ଗୌତମ ଋଷିଙ୍କ ଅହଲ୍ୟାଙ୍କୁ ଶାପ ଓ ହନୁମାନ ଜନ୍ମ ବିବରଣ

ମନୁ ରାଜା ଅଗସ୍ତିମୁନୀଙ୍କୁ ପ୍ରଶ୍ନ କଲେ, ''ହେ ତପୋବନ୍ତ, ହନୁମନ୍ତର ଜନ୍ମ ବୃତ୍ତାନ୍ତ ଶୁଣିବାକୁ ମୋର ଇଚ୍ଛା ବଳିଅଛି । ହନୁମନ୍ତ ବାନର ହୋଇ ବଳିଷ୍ଠ ହେଲା କିପରି ? ଏହା ମୋ ମନରେ ସନ୍ଦେହ ଉପୁଜାଇଛି । ସମସ୍ତ ବିଷୟ କହି ମୋ ମନରୁ ସନ୍ଦେହ ଦୂର କରନ୍ତୁ ।'' ମନୁ ରାଜାଙ୍କର ପ୍ରଶ୍ନ ଶୁଣି ହୃଷ୍ଟ ଚିତ୍ତରେ ଅଗସ୍ତିମୁନୀ କହିଲେ, ''ତୋ ଆଗେ ହନୁମନ୍ତ ବିବରଣ କହୁଛି, ରାଜା; ତୁ ଏକାଗ୍ର ମନରେ ଏହା ଶ୍ରବଣ କର ।'' ଏହାପରେ ଅଗସ୍ତିମୁନୀ ନିମ୍ନମତେ ହନୁମନ୍ତର ଜନ୍ମ ବିବରଣ ବର୍ଣ୍ଣନା କଲେ -

''ଇନ୍ଦ୍ର ଏବଂ ସୂର୍ଯ୍ୟ କପଟ ଭାବରେ ଗୌତମ ଋଷିଙ୍କର ସ୍ତ୍ରୀ ଅହଲ୍ୟାଙ୍କର ସତୀତ୍ୱ ହରଣ କଲେ । ଫଳରେ ଅହଲ୍ୟାଙ୍କ ଗର୍ଭରୁ ଦୁଇ ପୁତ୍ର ସୋମଶୀଳ ଓ ଯବଶୀଳ ଜନ୍ମଗ୍ରହଣ କଲେ । ପୂର୍ବରୁ ଗୌତମଙ୍କର ଅଞ୍ଜନା ନାମ୍ନୀ ତିନିବର୍ଷର କନ୍ୟାଟିଏ ଥିଲା । ସୋମଶୀଳ ଓ ଯବଶୀଳର ସାତ ସାତ ବର୍ଷ ଏବଂ କନ୍ୟା ଅଞ୍ଜନାଙ୍କର ଦଶବର୍ଷ ବୟସ ସମୟରେ ଦିନେ ଗୌତମ ସମୁଦ୍ରସ୍ନାନ ଉଦ୍ଦେଶ୍ୟରେ ବାହାରିଲେ । ସେଦିନ ବୈଶାଖ ମାସ, ଶୁକ୍ଳପକ୍ଷ, ତୃତୀୟା ତିଥି (ଅକ୍ଷୟତୃତୀୟା), ରୋହିଣୀ ନକ୍ଷତ୍ର, ଗୁରୁବାର, ତୈତିଳ ନାମେ କରଣ ଯୋଗଭୋଗ ତିଥି । ଗୌତମ ଦୁଇ ପୁତ୍ର ଓ ଅଞ୍ଜନା କନ୍ୟାକୁ ସଙ୍ଗରେ ନେଇ ଚନ୍ଦ୍ରଭାଗା ତୀର୍ଥକୁ ସ୍ନାନ କରିବା ପାଇଁ ଗଲେ । ସ୍ନାନ ଏବଂ ସ୍ନାନାନ୍ତେ ଧ୍ୟାନ ସମୀପନ କରି ବେଳ ସାତ ଘଡ଼ି ଅବସାନ ହେବାପରେ ଋଷି ସ୍ୱସ୍ଥାନକୁ ବାହୁଡ଼ିଲେ । ସୂର୍ଯ୍ୟଙ୍କର

ପ୍ରଖର କିରଣରେ ବାଲି ଉତପ୍ତ ହୋଇଥିବାରୁ ତପସ୍ୱୀ ଦୁଇପୁତ୍ରଙ୍କୁ ଦୁଇ କାଖରେ ବସାଇ ଦୁହିତା ଅଞ୍ଜନାକୁ ଚଲାଇ ଚଲାଇ ଆଣୁଥିଲେ । ପୁତ୍ରୀ ଅଞ୍ଜନା ତପ୍ତ ବାଲିରେ ପାଦ ପୋଡ଼ିଯାଉଥିବାର ଓ ଚାଲି ନ ପାରିବାର ଅଭିଯୋଗ କରନ୍ତେ ଋଷି କହିଲେ, 'ଦେଖୁଛୁ ତ ଦୁଇପୁତ୍ରଙ୍କୁ ଦୁଇକାଖରେ ବସାଇଛି, ତୋତେ କେଉଁଠି ଆଉ ବସାଇବି ?' ଏକଥା ଶୁଣି ଅଞ୍ଜନା କନ୍ୟା କହିଲା, 'ପିତା, ତମ ପରି ତପସ୍ୱୀର ମଧ ଭ୍ରମ ହୋଇଛି କିପରି ? ପର ପୁଅକୁ କାଖରେ ବସାଇ ନିଜ ପୁତ୍ରୀକୁ ତାତିଲା ବାଲିରେ ଚଲାଇ ନେଉଛ । ମା' ପର ଔରଷରେ ଏ ଦୁଇ ପୁତ୍ରଙ୍କୁ ଜନ୍ମ ଦେଇଛନ୍ତି । କିନ୍ତୁ ମୁଁ ତମର ସଦ୍‌ବୀର୍ଯ୍ୟରୁ ଜାତ ହୋଇଛି । ଅଥଚ ତମେ ମୋତେ ଅନାଦାର କରୁଛ, ଦୁଇ ପର ପୁଅଙ୍କୁ ଆଦର ସ୍ନେହ କରୁଛ ।' ଦଶବର୍ଷର ଝିଅ ଅଂଜନା ମୁହଁରୁ ଏପରି କଥା ଶୁଣି କ୍ରୋଧରେ ଗୌତମଙ୍କ ମଥା ଘୁରିଗଲା । ଯେଉଁ ଅହଲ୍ୟାର ପଞ୍ଚ ଆତ୍ମା ସର୍ବଦା ସଂଯତ, ତାକୁ ପୁଣି ଏପରି କେଉଁ ଦୁରାତ୍ମା ହରଣ କଲା ବୋଲି ଭାବି ଗୌତମ ସ୍ତମ୍ଭୀଭୂତ ହୋଇଗଲେ । ଅଂଜନା କହିଲା, 'ବାପା, ଆକାଶ ମାର୍ଗରୁ ଦିନେ ଏ ଧରାଧାମକୁ ଦୁଇଜଣ ପୁରୁଷ ଖସିଲେ । ମୁଁ କୁଟୀର ଦ୍ୱାରରେ ଜଗି ବସିଥିଲି । ମାତ୍ର ତାଙ୍କର ତେଜ ସହି ନ ପାରି ମୁଁ ଆଡ଼ ହୋଇ ଦ୍ୱାର ଛାଡ଼ିଦେଲି । ସେମାନେ କୁଟୀର ମଧରେ ପ୍ରବେଶ କରି ଜନନୀଙ୍କୁ କ'ଣ କହିଲେ କେଜାଣି, କିନ୍ତୁ ସେହି ଦୁଇ ପୁରୁଷଙ୍କ ଠାରୁ ଏହି ପୁତ୍ର ଦୁଇ ଜାତ ହୋଇଛନ୍ତି । ତୁମେ ତ ଯୋଗେଶ୍ୱର, ତୁମେ କ'ଣ ଏକଥା ଜାଣି ପାରୁନାହଁ ?

ଦୁହିତା ଅଂଜନା ମୁହଁରୁ ଏତକ ଶୁଣି ଭଗବନ୍ତ ଗୌତମ ଅତୀବ କ୍ରୋଧରେ ଦୁଇ ପୁତ୍ରଙ୍କର ହାତ ଧରି କହିଲେ, 'ଯେବେ ମୋ ବୀର୍ଯ୍ୟରୁ ଜନ୍ମ ହୋଇଥିବ, କୁମ୍ଭୀର ପରି ପହଁରି ଆସି କୂଳରେ ପହଞ୍ଚିଯିବ, ଯେବେ ଜାରଜ ସନ୍ତାନ ହୋଇଥିବ, ତେବେ ଏହି ରୂପ ଛାଡ଼ି ମର୍କଟ (ବାନର) ରୂପ ଧାରଣ କରିବ । ଏତକ କହି ଗୌତମ ଦୁଇପୁତ୍ରଙ୍କୁ ସମୁଦ୍ର ଗର୍ଭକୁ ଫିଙ୍ଗି ଦେଲେ । ଦୁହେଁ ଚବିଶ ଯୁଣ ଦୂରରେ ଷାଠିଏ ହଜାର ଗଭୀର ଜଳରେ ପଡ଼ି ବୁଡ଼ିଗଲେ । ଗୌତମ ବାକ୍ୟ ଅନୁସାରେ ଦୁଇପୁତ୍ର ଉବୁରି ଆସିଲେ ସତ, ମାତ୍ର ଦୁଇଜଣଙ୍କର ବାନର ରୂପ, ବାନର ମୁଖ, କର ଚରଣ ଲାଞ୍ଜ ଆଦି ମର୍କଟଙ୍କ ପରି ହୋଇଯାଇଥିଲା । ଏହା ଦେଖି ଗୌତମ ଆଶ୍ଚର୍ଯ୍ୟ ହୋଇଗଲେ ଓ ପୁତ୍ରୀ ଅଂଜନାର କଥା ସତ୍ୟ ବୋଲି ବୁଝିଗଲେ । ମୁନୀ ରାଗରେ ଦୁଇ ପୁତ୍ରଙ୍କୁ ତ୍ୟାଗକରି ଅଂଜନାକୁ କାଖରେ ବସାଇ ଆଶ୍ରମ ଅଭିମୁଖରେ ଚାଲିଲେ । ଦୁଇ କପି ପୁତ୍ର ତାଙ୍କ ପଛେ ପଛେ ଗୋଡ଼ାଇ ଆସୁଥାଆନ୍ତି ।

ଆଶ୍ରମରେ ଆସି ଦେଖନ୍ତି ଯେ ଅହଲ୍ୟାଙ୍କର ମୃତପିଣ୍ଡ ଶୋଇରହିଛି । ମୁନି ମୃତ ସଂଜିବନୀ ମନ୍ତ୍ରରେ ଅହଲ୍ୟାଙ୍କୁ ଜୀବନଦାନ କରି ଜୀଆଁଇଲେ ଓ କହିଲେ, 'ଲୋ ପାମରି, ତୁ ଏଡ଼େ ଅନାଚାରୀ ହେଲୁ କିପରି ? ଯମଦଣ୍ଡ ଥାଉଁ ଥାଉଁ ପରକୁ ଦେହଦାନ କଲୁ କିପରି ? ଅଜ୍ଞାନ ପ୍ରସ୍ତର ପରି କିପରି ତୋ ଦେହ କରିପାରିଲୁ ? ତେଣୁ, ତୋର ଦେହ ପଥର ହୋଇଯାଉ, ଏହାହିଁ ମୋ ଅଭିଶାପ । ଅହଲ୍ୟା ଅଂଜନାକୁ ପଚାରିଲେ, 'ତୁ ତ ଆସିଲୁ, ମୋର ଦୁଇ ପୁଅ କୁଆଡ଼େ ଗଲେ ?' ଗୌତମ କହିଲେ, 'ତୋରାପ୍ରୀତି କରି ଦୁଇପୁଅ ଜନ୍ମ କରିଥିବାରୁ ମୋ ଅଭିଶାପରେ ସେମାନେ କପି ରୂପ ହୋଇଛନ୍ତି । ତୋତେ ମୋର ଅଭିଶାପ ଏହି ଯେ, ଗୋଟିଏ ଇନ୍ଦ୍ରିୟରେ ତୁ ପରିତୃପ୍ତ ହେଲୁ ନାହିଁ, ଗଙ୍ଗା କୂଳରେ ପଥର ହୋଇ ପଡ଼ିରହି ପ୍ରତିଦିନ ଲକ୍ଷେ ଇନ୍ଦ୍ରିୟ ଦେଖିବୁ ।' ଏହା ଶୁଣି ଅହଲ୍ୟା କହିଲେ, 'ହେ ଋଷି, ନାରୀ ବୋଲି ମୋତେ ଏପରି ଦୁରାପଦ ଶାପ ଦେଲ ସିନା ! ମାତ୍ର, ଏତିକି ପ୍ରାର୍ଥନା, ମୋତେ କହିଦିଅ କେତେଦିନ ପର୍ଯ୍ୟନ୍ତ ମୁଁ ପଥର ହୋଇ ରହିବି ? ତହୁଁ ଗୌତମ ଉତ୍ତର ଦେଲେ, ତୁ ତ୍ରେତୟାଯୁଗରେ ମୁକ୍ତ ହେବୁ । ତ୍ରେତୟାଯୁଗରେ ଶ୍ରୀରାମ ଧରାଧାମରେ ଅବତୀର୍ଣ୍ଣ ହେବେ । ବିଶ୍ୱାମିତ୍ରଙ୍କ ସହିତ ବନକୁ ଯାଇ ଅସୁର ନିଧନ କରି ଯଜ୍ଞ ରକ୍ଷା କରିବେ । ପୁଣି ବିଶ୍ୱାମିତ୍ର ଶ୍ରୀରାମଙ୍କୁ ଗଂଗା ସ୍ନାନକୁ ନେବେ । ଗଂଗାରେ ନିତ୍ୟକର୍ମ ଶେଷ କରି ଶ୍ରୀରାମ ତୋର ପଥର ମୂର୍ତ୍ତି ଉପରେ ବସିବେ । ସେତେବେଳେ ତାଙ୍କରି ଚରଣ ସ୍ପର୍ଶ ପାଇ ତ ମୁକ୍ତଲାଭ କରିବୁ ।' ଅହଲ୍ୟା କହିଲେ, 'ଲୋ ଅଂଜନା ତୋହରି ପାଇଁ ଏତେ କଥା ହେଲା । ମୁଁ ଅଭିଶପ୍ତା ହେଲି, ମୋର

ଦୁଇପୁତ୍ର ବାନର ହେଲେ । ମୁଁ ଯଦି ତୋର ପ୍ରକୃତ ମାତା ତେବେ ମୋ ଅଭିଶାପରୁ ତୋ ଗର୍ଭରୁ ଜାତ ପୁତ୍ର ନିଶ୍ଚୟ ବାନର ହୋଇ ଜନ୍ମ ହେବ ।' ତହୁଁ ଅଂଜନା କହିଲା ''ମାତା, ମୁଁ ବିବାହ କରିବି ନାହିଁ ସ୍ୱାମୀ କରିବି ନାହିଁ, ରତି ଇଚ୍ଛା କରିବି ନାହିଁ ।' ମାଆଙ୍କର ବଚନ ଶୁଣି ଅଂଜନା ଅତିଶୟ କୋପକରି ସକଳ ତ୍ୟାଗ କରି ତପ କରିବା ପାଇଁ ବସିଗଲା । ଗୌତମ ମହର୍ଷି କନ୍ୟାର ଏ ଅବସ୍ଥା ଦେଖି ପ୍ରଚଣ୍ଡ ପବନକୁ ଡ଼ାକି ବ୍ୟବସ୍ଥା କଲେ । ଆଦେଶ ଦେଇ ପବନକୁ କହିଲେ, 'ମୋ କନ୍ୟା ପର୍ବତ ଉପରେ ବସି ତପସ୍ୟା କରିବ । ପ୍ରତିଦିନ ଏହା ସନ୍ନିଧିରେ ଦୁର୍ବାକ୍ଷତ ଦେଉଥିବ ।

ଗୌତମ ମହର୍ଷିଙ୍କର କଥା ଅନୁସାରେ ଅଂଜନା ପବନ ଆହାରୀ ହୋଇ ଆଖି ବୁଜି ଦୁଇ ବାହୁ ଉତ୍ତୋଳନ କରି ପୁରୁଷ ମୁଖ ନ ଚାହିଁ ଦିବାରାତ୍ର ନିରଞ୍ଜନ ଭାବରେ ନିମଗ୍ନ ରହି ନଅ ହଜାର ବର୍ଷ ସତ୍ୟ ଯୁଗରେ ଦୁରାପଦ ତପସ୍ୟା ଆଚରଣ କଲା ।

ସତ୍ୟଯୁଗ, ଶୁକ୍ଳପକ୍ଷ, ତ୍ରୟୋଦଶୀ ତିଥି, ସୋମବାର, ଅନୁରାଧା ନକ୍ଷତ୍ର, ବିଷ୍ଟି ନାମରେ କରଣ, ପ୍ରୀତି ନାମେ ଯୋଗ । ଏହିଦିନ ଉମା ମହେଶ୍ୱର କ୍ରିଡ଼ା କରିବା ନିମନ୍ତେ ବନମାର୍ଗରେ ଗମନ କଲେ । କାକରୂପ ଧାରଣ କରି ହରଗୌରୀ ରଙ୍ଗରସ କଲେ । ସେହି କ୍ରୀଡ଼ାରୁ କାକମାନେ ଜନ୍ମ ନେଲେ । ପୁଷ୍କରିଣୀରେ ରାଜହଂସ ପନ୍ତି ଦେଖି ତହିଁ ଉତ୍ତାରୁ ରାଜହଂସ ରାଜହଂସୀ ରୂପ ଧରି ଈଶ୍ୱରପାର୍ବତୀ ରତିକ୍ରୀଡ଼ା କରନ୍ତେ, ତହିଁରୁ ସୂଚୀମୁଖୀ ଉତ୍ପତ୍ତି ହେଲେ । ପୁଣି ଘୋର ଜଙ୍ଗଲରେ ଭାଲୁ ଆଦିଜୀବ ମେଳରେ କୌତୁହଳ ବଶତଃ ଭାଲୁ ଭାଲୁଣି ରୂପଧରି ସୁରତି କରିବାରୁ ତହୁଁ ଜାମ୍ବବାନ୍ ଜନ୍ମ ଲାଭ କଲେ । ମନୋହର କାନନରେ କପି ପଲ ଦେଖି ଉମା ଓ ମହେଶ୍ୱର କପି ରୂପ ଧରି ଶୃଙ୍ଗାର କରିବାକୁ ଶୂଳଧାରୀ ଦେବ ମହାଦେବ ମହାତେଜ ରେତ ଛାଡ଼ନ୍ତେ ପାର୍ବତୀ କହିଲେ, 'ହେ ଦେବ, ସ୍ୱାମୀ ବିଶ୍ୱନାଥ, ଏ ମହାତେଜ ବୀର୍ଯ୍ୟକୁ ଗର୍ଭରେ ମୁଁ ଧରି ପାରୁନାହିଁ । ମନ୍ଦାଏ ରେତ ସ୍ଖଳିତ ହେବାରୁ ତାହା ପୃଥିବୀରେ ପଡ଼ି ମୁକ୍ତା, ଶଂଖ, କଉଡ଼ି ଆଦିର ସୃଷ୍ଟି ହେଲା । ଆଉ ମନ୍ଦାଏ ଖସିପଡ଼ିବାରୁ ତଦ୍ୱାରା ପୃଥିବୀ ପୃଷ୍ଠରେ ଥିବା ଖାଲ ଖମାର ଆଦି ପରିପୂର୍ଣ୍ଣ ହୋଇଗଲା । ଆଉ ମନ୍ଦାଏ ଗିରି କନ୍ଦରରେ ପଡ଼ିବାରୁ ତହିଁରୁ ଲୌହାଦି ଅଷ୍ଟ ରତ୍ନର ଉତ୍ପତ୍ତି ହେଲା । ଆହୁରି ମହୀ ସହି ନ ପାରନ୍ତେ ଜଗଜ୍ଜନ ସାଇଁ ତାହା ଶ୍ରୀକରରେ ଧାରଣ କରି ତହିଁରୁ ଅଧେ ମର୍କଟ ରାଜାକୁ ଦେଲେ ତହିଁରୁ କପିବୀର ଶତାବଳୀ ଜାତ ହେଲା । ଅବଶିଷ୍ଟାଂଶ ପ୍ରଭୁ ପ୍ରଚଣ୍ଡ ପବନ ହାତରେ ସମର୍ପଣ କଲେ ଓ କହିଲେ, 'ଦେବଙ୍କ ମଧ୍ୟରୁ ତୁ ଅପୁତ୍ରୀକ ଥିବାରୁ ଏତକ ତୋତେ ଦେଲି । ପବନ ଆଶ୍ଚର୍ଯ୍ୟ ହୋଇ ଏହାକୁ କାହାଗର୍ଭରେ ସ୍ଥାପନ କରିବେ ବୋଲି ଉପାୟ ପାଞ୍ଚିଲେ । ଅଂଜନାର ତପସ୍ୟା କଥା ମନେ ପଡ଼ିବାରୁ ସେ ତାହା ନେଇ ଅଂଜନା ହସ୍ତରେ ଦେଲେ । ପ୍ରତିଦିନ ପରି ହାତରେ ଯାହାପାଇଲା ଅଂଜନା ଆଖିବୁଜି ତାହା ଗର୍ଭକୁ କ୍ଷେପଣ କଲା । ଈଶ୍ୱରଙ୍କର ମହାବୀର୍ଯ୍ୟ ଗର୍ଭରେ ପଡ଼ିବାରୁ କ୍ରମଶଃ ତା'ର ଗର୍ଭ ଲକ୍ଷଣ ଉଦୟ ହେଲା । ଯଥା କାଳରେ ପ୍ରସବ ନିମନ୍ତେ ଅଂଜନା ମନ୍ଦର ପର୍ବତକୁ ଉଠିଲା । ମନ୍ଦର ବୋଇଲା ଯେ, 'ମାତା, ତୋର ପୁତ୍ର ଏଠାରେ ଜନ୍ମିଲେ, ମୁଁ ରସାତଳଗାମୀ ହେବି ।' ତେଣୁ ଦୟାକରି ଅଂଜନା ମେରୁ ପର୍ବତ ଶିଖରକୁ ଉଠିଗଲା ।

ମେରୁ ପର୍ବତର ଶୀର୍ଷ ଦେଶ । ଆଶ୍ୱିନ ମାସ, ଶୁକ୍ଳପକ୍ଷ, ପୂର୍ଣ୍ଣିମା ତିଥି, ଅଶ୍ୱିନୀ ଅନ୍ତରେ ଦ୍ୱିଜା ନକ୍ଷତ୍ର ପାହାନ୍ତି, ବାଳବ ନାମେ କରଣ । ଶୁଭ ନାମ ଯୋଗ । ମାହେନ୍ଦ୍ର ବେଳା । କୁମର ଉତ୍ପତ୍ତିର ଯୋଗ । ମର୍କଟ ବଦନ, ମର୍କଟ ଲାଙ୍ଗୁଳ, କଟିରେ ବଜ୍ରକାଛି, କର୍ଣ୍ଣରେ କୁଣ୍ଡଳ । ମହାବୀର ପୁତ୍ର ଜାତ । ଅଂଜନା ଜାତ ପୁତ୍ରକୁ ଦେଖି ବିଶାଦଗ୍ରସ୍ତ ହେଲା । ମାତା ଅହଲ୍ୟାଙ୍କ ଶାପ କଥା ସ୍ମରଣ କରି ବିଶେଷ ଦୁଃଖୀତା ହେଲା । ତହିଁ ବିମୁଖ ହୋଇ ପୁତ୍ରକୁ ତ୍ୟାଗ କରି ସେ ଅନ୍ୟତ୍ର ଗମନ କଲା ।

ବିମୁଖ ହୋଇ ମାତା ବାହୁଡ଼ି ଯାଉଥିବାର ଓ **ବୈରାଗ୍ୟ ବଶତଃ** ଲେଉଟି ନ ଚାହିଁବାର ଦେଖି ନବଜାତ ପୁତ୍ର ମାତାଙ୍କୁ ପଚାରିଲା, 'ମା' ଗୋ, ମୋତେ କ୍ଷୀର ନ ଦେଇ ଚାଲିଯାଉଛ । କାହୁଁ କି ପଦାର୍ଥ ଖାଇ ମୁଁ ଜୀବନ ଧାରଣ କରିବି, ମୋ ଶରୀର ବୃଦ୍ଧିପ୍ରାପ୍ତ ହେବ କିପରି ? 'ରଂଗ ଫଳ ଖାଆ' ବୋଲି ଅଂଜନା ତତ୍‌କ୍ଷଣାତ୍ ସେହି ସ୍ଥାନ ପରିତ୍ୟାଗ କରି ବାହୁଡ଼ି ଗଲା । ଯିବାପୂର୍ବରୁ ଆହୁରି ମଧ୍ୟ କହିଗଲା ଯେ, 'ମୋ ଶାପରୁ ତୁ ଶ୍ରୀରାମଙ୍କୁ ପ୍ରାପ୍ତ ହେବୁ । ଯୁଗ ଯୁଗକୁ ଅମର ହୋଇରହିବୁ । କିଷ୍କିନ୍ଧ୍ୟା ପର୍ବତରେ ଶ୍ରୀରାମଙ୍କ ସହିତ ତୋର ଭେଟ ହେବ ।' ପାହାନ୍ତି ସମୟ, ବ୍ରାହ୍ମମୁହୁର୍ତ୍ତରେ ପୁତ୍ରସନ୍ତାନ ଜାତ ହୋଇଥିଲା । ମାତା ଯିବାପରେ ନବଜାତ ପୁତ୍ର ଦେଖିଲା ଦିଗ୍‌ବଳୟରେ ରଂଗ ଫଳଟିଏ ଶୋଭା ପାଉଛି । ଅର୍ଥାତ୍, ସୂର୍ଯ୍ୟୋଦୟ ସମୟ । କ୍ଷୀର ସମୁଦ୍ର ବିକାଶି ବାଳାର୍କରେ ଆଭାରେ ରଙ୍ଗମୟ ଦିଶୁଛି । ସେ ଶୋଭାର ପଟାନ୍ତର ନାହିଁ । ଆଦିତ୍ୟ ରଥକୁ ବିଜେ କରିଛନ୍ତି ଆକାଶ ମାର୍ଗରେ ପ୍ରଦକ୍ଷିଣ କରିବା ପାଇଁ । ନବୋଦିତ ସୂର୍ଯ୍ୟଙ୍କୁ ଦେଖି ତାହାଙ୍କୁ ରଂଗଫଳ ବୋଲି ପୁତ୍ର ମନେ ମନେ ବିଚାର କଲା । ମେରୁ ପର୍ବତରୁ ଉଦୟଗିରି ୬୪ଯୁଣ ଦୂରତ୍ୱ । ନବଜାତ ପୁତ୍ର କ୍ଷୁଧାରେ ଅତୀବ ଆକୁଳ, ତେଣୁ ସେ ନିମିଷକ ମଧ୍ୟରେ ନବୋଦିତ ସୂର୍ଯ୍ୟଙ୍କୁ ରଂଗ ଫଳମନେ କରି ଡ଼େଇଁ ପଡ଼ିଲା । ଅଂଜନା ପୁତ୍ର ୬୪ଯୁଣ ଦୂରତ୍ୱକୁ ଅବହେଳେ ଅତିକ୍ରମ କରି ସୂର୍ଯ୍ୟଙ୍କ ରଥକୁ ଆକର୍ଷଣ କଲା । ସୂର୍ଯ୍ୟଦେବ ଭୟରେ ପଳାୟନ କଲେ । ଯାଇ ସୁରନାଥ ଇନ୍ଦ୍ରଙ୍କ ସନ୍ନିଧାନରେ ଗୁହାରି କଲେ, 'ଆଜି ତ ରାହୁଗ୍ରାସର ତିଥି ମୋର ନୁହେଁ, କାହିଁକି ରାହୁ ମୋତେ ଗ୍ରାସ କରିବାକୁ ଆସୁଛି, ଏକଥା ବୁଝନ୍ତୁ ।'


ସୂର୍ଯ୍ୟଦେବଙ୍କର ବିନୟ ପ୍ରାର୍ଥନା ଶୁଣି ଦେବ ଆଖଣ୍ଡଳ ଇନ୍ଦ୍ର କ୍ରୋଧରେ କୋପାନଳ ହୋଇ ବଜ୍ରଧାରଣ କରି ବାହାରି ପଡ଼ିଲେ । ଇନ୍ଦ୍ର ପାରିଜାତ ପୁଷ୍ପରେ ଭୂଷିତ ହୋଇଥିଲେ । ପୁଣି ବଜ୍ରତେଜ ଅତ୍ୟନ୍ତ ଲୋହିତ ବର୍ଣ୍ଣରେ ବିକଶିତ ହେଉଥିଲା । ପବନ କୁମାର ସୂର୍ଯ୍ୟଙ୍କ ରଥରୁ ଏହା ଦେଖି ରଂଗଫଳ ମନେକରି ଇନ୍ଦ୍ରଙ୍କ ଆଡ଼କୁ କ୍ଷେପି ଆସି ଗିଳିବା ନିମନ୍ତେ ଉଦ୍ୟମ କରନ୍ତେ ଇନ୍ଦ୍ର ମହାକୋପରେ ବଜ୍ର ପ୍ରହାର କଲେ । ପବନ କୁମାର ଅସାଷ୍ଟମ ହେଲା । ତା'ର ହନୁହାଡ଼ ଭାଙ୍ଗିଗଲା । ସେ ରଥ ତଳେ କଚାଡ଼ି ପଡ଼ିଲା ଓ ତା'ର ପ୍ରାଣବାୟୁ ଉଡ଼ିଗଲା । ପବନ ଏ କଥା ଜାଣି କହିଲେ, 'ମୋତେ ହର ଦେଇଥିବା ବୀର୍ଯ୍ୟରୁ ଏ ପୁତ୍ର ଜାତ ହୋଇଥିଲା । ଇନ୍ଦ୍ର କ'ଣ ଏହାର ସଂହାର କଲେଣି ! ପୁତ୍ର ଶୋକରେ କାତର ପବନ ବାୟୁ ପ୍ରବାହ ବନ୍ଦ କଲେ । ଚରାଚର ଜୀବଜନ୍ତୁ ଶ୍ୱାସରୁଦ୍ଧ ହେଲେ । ଏ ସଂବାଦ ଜାଣି ସ୍ୱୟଂ କୁଶପାଣି ବ୍ରହ୍ମା ଦଶଦିଗପାଳ ଘେନି ବିଜେ କଲେ, ପବନ ପୁତ୍ରକୁ କୋଳ କରି ଧରିଲେ । ପବନକୁ ଜୀବନ୍ୟାସ ଦେବାକୁ କହିଲେ । ''ଆମ୍ଭର ଆୟୁଷ ଘେନି ତୁମର ପୁତ୍ର ବଂଚିଉଠୁ ।'' ଉପସ୍ଥିତ ଦେବଗଣ ପୁତ୍ର ଶରୀରର ବିଭିନ୍ନ ଅଂଶ ମାନ ଧରିଲେ । ପୁତ୍ରକୁ ଆଶୀର୍ବାଦ ଦେଇ ''ତୋର ଅଙ୍ଗ ବଜ୍ର ହେଉ'' ବୋଲି କହିଲେ ଏବଂ ବୋଇଲେ ''ତୋତେ ଦେବତାମାନଙ୍କର ଆୟୁ ପ୍ରାପ୍ତ ହେଉ ।'' ''ସତକଳ୍ପ କଳ୍ପାନ୍ତକ ତୁ ବଂଚି ରହ ।'' ଇନ୍ଦ୍ର କହିଲେ, ''ମୁଁ ତୋତେ ବଜ୍ରାଘାତରେ ମାରିଥିଲି । ତେଣୁ ତୁ ବଜ୍ର ଅଂଗ ହୋଇ ରହ ।'' ବାସୁକୀ ସନ୍ତୋଷ ମନରେ ମର୍କଟ ପୁତ୍ରର ଲାଞ୍ଜରେ ବସି କହିଲା, ''ତୁ ସତ୍‌ରେ ମନପବନରେ ଚଢ଼ିବୁ ।'' ଇନ୍ଦ୍ରଙ୍କର ବଜ୍ରାଘାତରେ ହନୁହାଡ଼ ଭାଙ୍ଗିଥିବାରୁ ସକଳ ଦେବଗଣ ''ହନୁମାନ'' ବୋଲି ନାମ ଅର୍ପଣ କଲେ ।।

ଅଗସ୍ତିମୁନି ଏହିପରି ଭାବରେ ମନୁରାଜାଙ୍କୁ ହନୁମନ୍ତର ଜନ୍ମ ବୃତ୍ତାନ୍ତ ଶୁଣାଇଥିଲେ ।

**(ବି.ଦ୍ର : ଏହାର ତାତ୍ତ୍ୱିକ ମୀମାଂସା 'ରତ୍ନବେଦୀ'ର ପୃ୩୪ଷ୍ଠାରେ 'ଚରମ'ର ଏହି ସଂଖ୍ୟାରେ ପଢ଼ିବାକୁ ପାଇବେ ।।)**

◆❖◆

# ସମ୍ଭବାମି ଯୁଗେ ଯୁଗେ
# ରତ୍ନବେଦୀ



## ଜନନୀ, ଜଠର, ଜରାୟୁ

*ସ୍ଥୂଳ ଜଗତରେ ମାନବ ଲୀଳା ନିମନ୍ତେ ଯୁଗେଯୁଗେ ଭଗବାନ ଜନନୀ, ଜଠର, ଜରାୟୁ ମାଧ୍ୟମରେ ନରତନୁରେ ମହା ମହେଶ୍ୱର ଭାବ ଧାରଣ କରି ଧୂଳିର ଧରଣୀକୁ ଅବତରି ଆସନ୍ତି । ଅନ୍ତକଳିର ଅନ୍ତିମ ଚରଣରେ ପରମକାରୁଣିକ ପରମ ପ୍ରେମମୟ ସଚ୍ଚିଦାନନ୍ଦ ଘନମୂର୍ତ୍ତି ଶ୍ରୀଶ୍ରୀଶ୍ରୀ ଠାକୁର କେଶବଚନ୍ଦ୍ର ସେହି ଅନୁସୃତିରେ ମାତା ସୁକାନ୍ତିଦେବୀଙ୍କ ଗର୍ଭମଣ୍ଡନ କରି ଅବତରଣ କରନ୍ତି । ସେହି ଆବିର୍ଭାବ ଅନୁଭୂତିର ସ୍ୱାକ୍ଷର ବହନ କରେ "ସମ୍ଭବାମି ଯୁଗେଯୁଗେ" ମାୟାଧର ମାୟାକୁ ଧାରଣ କରିଥିଲେ ହେଁ ସେ ମାୟାତୀତ । ମାୟାବନ୍ଧନ ତାଙ୍କୁ ବାନ୍ଧି ପାରେନା । ତେଣୁ ମାତୃଗର୍ଭରେ ଥିବା ସମୟ ଅନୁଭୂତି ତାଙ୍କର ଦିବ୍ୟସ୍ମୃତିରେ ସତତ ସଚେତ । ଅଗଣିତ ଭକ୍ତ ଅନୁଗତଙ୍କର ଅବଗତି ନିମନ୍ତେ 'ଚରମ'ର ଏହି ସ୍ତମ୍ଭରେ ନିୟମିତ ଏହା ପ୍ରକାଶ ହୋଇଆସୁଛି ।।*

*ପୂର୍ବାନୁସ୍ମୃତି : 'ଚରମ' ତୃତୀୟପୁଷ୍ପ : ଚତୁର୍ଥ ପାଖୁଡ଼ା : ଏକାଦଶ ସଂଖ୍ୟାରୁ –*

**(୩୩) ଅନ୍ତୁସ୍ତରବୃନ୍ତକୋଷ** – ଏହା ଥୁଳକ ଶିମ୍ନୁର୍ଣ୍ଣାର ସୂକ୍ଷ୍ମ ଅଂଶ ନେଇ ଚୈତନ୍ୟ ଗୃହରେ ଥାଏ । ସାତ୍ତ୍ୱିକ ଅନୁଭୂତିର ଶିଶୁଜରାୟୁରେ ପୂର୍ଣ୍ଣମନ୍ତ୍ର ଚୈତନ୍ୟରେ ରହି ବ୍ରହ୍ମଃ ସହ ଯୋଗ ହୋଇଥାଏ । ଏହା ପ୍ରାରବ୍ଧ କର୍ମଥିବା ସିଦ୍ଧପୁରୁଷମାନଙ୍କ ଦ୍ୱାରା ସମ୍ଭବ ହୁଏ । ଯେଉଁ ସିଦ୍ଧ ସାଧକ ନିମ୍ନବୃକ୍ଷ ଚେତାରେ ପହଁଚି ପୁଣି କୈବଲ୍ୟପାଦ ପର୍ଯ୍ୟନ୍ତ ଖସି ଆସି ଜୀବବ୍ରହ୍ମର ଦେହାଦି କୋଷରେ ଦୃଷ୍ଟି ରଖିଥାଆନ୍ତି, ସେମାନଙ୍କର ସେହିସ୍ଥାନରେ ମନ୍ତ୍ରଚୈତନ୍ୟ ଦ୍ୱାରା ଅନୁଭୂତ ଜ୍ଞାନ କୋଷର ଗ୍ରନ୍ଥି ହୋଇ ରହିଯାଇଥାଏ । ଏହି ଅବସ୍ଥାରେ ସେ ବ୍ରହ୍ମଃଙ୍କଠାରୁ ରଶ୍ମି ଆସ୍ୱାଦନ ଓ ପାନ କରି ଜରାୟୁ ମଧ୍ୟରେ ଜଳକା ପରି ତାହିଁ ରହିଥାଏ । ଭୂମିଷ୍ଠ ହେଲେ, ଜୀବ ମାୟାର ଜଂଜାଳରେ ଦାହ ପାଇ ପୁଣି ବୈରାଗ୍ୟ ଭାବକୁ ଗ୍ରହଣ କରିଥାଏ । ତପ୍ରେ ଗୁରୁଗ୍ରହଣ କରି ମନ୍ତ୍ରଚୈତନ୍ୟ ଜଗତକୁ ଫେରିଯାଏ । ସେହିଠାରେ ଜ୍ଞାନପ୍ରାପ୍ତ ହୁଏ । ସେହି ଜ୍ଞାନ ବଳରେ ଚକ୍ରଭେଦଜ୍ଞାନ ଅନୁଭୂତ ହୁଏ । ଚକ୍ରଭେଦଜ୍ଞାନ ବ୍ୟତୀତ ଆଉ ସମସ୍ତଜ୍ଞାନ ପ୍ରତି ଜଡ଼ ଥାଏ ।

**(୩୪) ବ୍ରହ୍ମକଣ୍ଠ କୋଷ** – ଏହା ଶବ୍ଦ (ନାଦ)ର ସୂକ୍ଷ୍ମ ରେଣୁ ସ୍ୱରଗୁଡ଼ିକୁ ପିଣ୍ଡ ମଧ୍ୟରେ ସଜାଇରଖିଥାଏ । ସପ୍ତବର୍ଣ୍ଣ ଦ୍ୱାରା ଜରାୟୁରେ ରହି ପରମବ୍ରହ୍ମଙ୍କ ସହ ଯୁକ୍ତ ହୋଇ କାରଣ ଚୈତନ୍ୟର ଲୀଳା ମାନକରେ । ଏହି ବର୍ଣ୍ଣ ଭେଦ କରି କୋଷ ଅନ୍ତୁସ୍ତର ଗ୍ରନ୍ଥିକୁ ନେଇ ଶରୀର ଥିବା କୋଷ ସ୍ଥାନରେ ଅଣୁପରମାଣୁ ହୋଇ ରହି ଯାଆନ୍ତି । ଏହା ସାହାଯ୍ୟରେ ପିଣ୍ଡର ବିକାଶ ହୁଏ । ବିକାଶ ସମୟରେ ପିଣ୍ଡର ବର୍ଣ୍ଣ ଗୋଲାପି ଭଳି ଅନୁଭୂତ ହୁଏ । ସେହି ସମୟରେ ପରମଙ୍କ ଠାରୁ ରେଣୁ ବିଚ୍ଛୁରିତ ଅବସ୍ଥାରେ ପଡ଼ିଥାଏ । ଏହି କୋଷ ପ୍ରକୃତି ଇନ୍ଦ୍ରିୟାଦିଙ୍କ ଠାରୁ ବଳଶାଳୀ ହୋଇ ଜରାୟୁରେ ସୁପ୍ତ ଅବସ୍ଥାରେ ଥାଆନ୍ତି ।

**(୩୫) ସ୍ତମ୍ଭକୁଣ୍ଡଳିନୀକୋଷ** – ଏହି କୋଷ ମାୟାର ଅନେକ ରୂପ ମଧ୍ୟରୁ ଗୈରିକ ବର୍ଣ୍ଣରୂପେ ପଶୁ ପକ୍ଷୀ, ବୃକ୍ଷଲତାଦିର ସୂକ୍ଷ୍ମ କୋଷରେ ଢାଙ୍କି ହୋଇ ରହିଥାଏ । ଏହା ଥୁଳକ ଶିମ୍ଭୁର୍ଣ୍ଣା ଦ୍ୱାରା ଏକାଠି ହୋଇ ଗୈରିକ ଅବସ୍ଥାରେ ଲାଲ୍ ଓ ଧବଳରଂଗ ଧାରଣ କରି ମହାଶୂନ୍ୟରେ ଲୁଚ୍ଚୁ କୁଳା ହୋଇ ଭ୍ରମଣ କରୁଥାଆନ୍ତି । ଭ୍ରମଣ ଅବସ୍ଥାରେ ମହାଶୂନ୍ୟରେ ଥିବା ପିଣ୍ଡପୁରୁଷ ମଣ୍ଡଳକୁ ପରମଙ୍କର ଆଜ୍ଞା ହୁଏ । ପରମ ଏହି ଅଣୁ ଚକ୍ରିକାଗୁଡ଼ିକୁ ସୂକ୍ଷ୍ମରୁ କାରଣ କୋଷରେ ପରିଣତ କରି ପୃଥକୀକରଣ କରୁଥାଆନ୍ତି । ଏହି ପୃଥକୀକରଣ ଅବସ୍ଥା ସୃଷ୍ଟି ପ୍ରାରମ୍ଭରୁ ଏପରିକି କଳ୍ପଭୋଗରେ ମଧ୍ୟ ବିଦ୍ୟମାନ ଥିଲା । କଳ୍ପଭୋଗରେ ଏହି କୋଷଗୁଡ଼ିକ ସ୍ଥାଣୁ ହୋଇ ରହିଥାଏ । ଗ୍ରହନକ୍ଷତ୍ରାଦି ସହ ସଂଯୋଗ ହୋଇ ରହିଥାଏ । ଏହି ସଂଯୋଗ ସ୍ଥଳରେ ପିଣ୍ଡପୁରୁଷ ତ୍ରିଗୁଣର ରଜ୍ଜୁ ତିଆରି କରିଥାଏ । ଏହି ରଜ୍ଜୁ ଧୂମବର୍ଣ୍ଣ ଧାରଣ କରି ବ୍ରହ୍ମ ଚାରିପାଖରେ ବୁଲୁଥାଏ । ଜରାୟୁରେ ସୂକ୍ଷ୍ମବୀଜ ଧାରଣ ଅବସ୍ଥାରେ ଏହା ଗୈରିକ ରଂଗରେ ଜଳକଣା ହୋଇ ରଜ୍ଜୁଗୁଡ଼ିକ ସତ୍ତ୍ୱ, ରଜ, ତମର ପୂର୍ଣ୍ଣ ଅବସ୍ଥାରେ ପହଁଚି ଠୁଳ ହୋଇ ଲହଡ଼ି ଭାଙ୍ଗିଲାଭଳି ଦୋଳୟମାନ ଅବସ୍ଥାରେ ରହିଥାଆନ୍ତି । ଏହି ଦୋଳନ ଅବସ୍ଥାରେ ବ୍ରହ୍ମର ଆଜ୍ଞା ମନ, ପ୍ରକୃତି, ଇନ୍ଦ୍ରିୟାଦି ଗଣ ଗଠନରେ ମଜବୁତ କରିଥାଆନ୍ତି । ସତ୍ୟମକରୁ ଯେଉଁ କଳ୍ପଯୁଗ ଭୋଗ ହୋଇଥିଲା, ପିଣ୍ଡ ଗଠନରେ ବ୍ରହ୍ମାଙ୍କର ଆଶ୍ରୟ ଥିଲା । ଦେଖାଗଲା ଯେ, ପିଣ୍ଡ ସ୍ଥାଣୁ ହୋଇ ପଡ଼ିରହିଲା, ଇଙ୍ଗିତ ମଧ୍ୟ ଦେଲା ନାହିଁ । ପ୍ରାଣର ସ୍ପନ୍ଦନ କେବଳ କାର୍ଯ୍ୟକରି ଚାଲିଥାଏ । ରଜ, ତମ ନିସ୍ତେଜ ହୋଇରହିଥାଏ । ବୟାଳିଶ କଳ୍ପ ସଂଖ୍ୟା ପରେ ପୁଣି ଆଜ୍ଞାବହି ଇନ୍ଦ୍ରିୟାଦି ମାନ ଗଠନ କରାଗଲା । ଏହି କ୍ରିୟା ଚାଳନରେ ସ୍ତମ୍ଭ କୁଣ୍ଡଳିନୀ କୋଷ ସଂପୂର୍ଣ୍ଣ ଦାୟୀ ଅଟେ । ସ୍ତମ୍ଭକୁଣ୍ଡଳିନୀ କୋଷ ରୂପେ ଯୁଗ ଭୋଗ ହୋଇ ପ୍ରାଣଶକ୍ତିର ଚଳନକୁ ଯେଉଁ ସ୍ଥାନରେ ରହିବା ଭୋଗ ସେହି ସ୍ଥାନରେ ରହିବାକୁ ଏହା ଶକ୍ତି ଯୋଗାଇଥାଏ । ଅସ୍ଥି, ମଜ୍ଜା, ଚର୍ମକାର୍ଯ୍ୟର ସୂକ୍ଷ୍ମରୂପ ଗୁଡ଼ିକ ବ୍ରହ୍ମଃ ଆସ୍ଥାନେଇ ଚୈତନ୍ୟ ସ୍ତମ୍ଭକୁଣ୍ଡଳିନୀର ସହଯୋଗିତାରେ ଦେହ ଧାରଣ କରେ । ଏହା ସହିତ ଦେହର ପ୍ରତ୍ୟେକ ଅଙ୍ଗ ପ୍ରତ୍ୟଙ୍ଗ ମଧ୍ୟ କ୍ରମବର୍ଦ୍ଧନଶୀଳ କରିବାରେ ଦାୟୀହୁଏ ।

ସଂକୋଚନ ପ୍ରସାରଣ କ୍ରିୟା ମାଧ୍ୟମରେ ଜୀବବ୍ରହ୍ମ ସ୍ତମ୍ଭ କୁଣ୍ଡଳିନୀ କୋଷରେ ଥିବା କାରଣକୋଷମାନ ଆସ୍ତେ ଅଙ୍କୁରିତ ହୋଇ (ନାଦ) ଶବ୍ଦବ୍ରହ୍ମର ଗତିକୁ ଆଗେଇ ନିଏ ପୁଣି ପଛକୁ ଟାଣି ଧରେ । ଆସୁରିକ ଶକ୍ତି ବହୁକ୍ଷିପ୍ର ଗତିରେ କ୍ରିୟାଶୀଳ ହୁଏ । ଜୀବବ୍ରହ୍ମ ଅଙ୍କୁଶ ଗ୍ରହଣ କରେ ନାହିଁ । ଆସୁରୀ ଶକ୍ତି ଜୀବବ୍ରହ୍ମର ଇନ୍ଦ୍ରିୟାଦିକୁ ଆସି ପ୍ରକୃତି ଭୋଗ ଚାଳନାରେ ସାହାଯ୍ୟ କରେ । ଏହିଠାରେ ଜୀବ ମୋହଗ୍ରସ୍ତ ହୋଇ ସ୍ୱାର୍ଥପର ନୀତି ଗୁଡ଼ିକୁ ଅବଲମ୍ବନ କରେ । ବିବେକ ଶୁଦ୍ଧିମନ୍ତ ହୋଇଥିଲେ, ଆସୁରିକ ଶକ୍ତିକୁ ବିଚାର ଦ୍ୱାରା ଚାପିଧରେ । କିନ୍ତୁ ଦେହ ମଧ୍ୟରେ ତା'ର ଶିହରଣ ଖେଳିବୁଲୁଥାଏ । ଏହି ଶିହରଣ କ୍ରିୟାରେ ଅୟଂ ଶିମ୍ଭୁର୍ଣ୍ଣା ଗୈରିକ ବର୍ଣ୍ଣ ଧାରଣ କରି ସାହାଯ୍ୟ କରୁଥାଏ । କ୍ରୋଧର ମାତ୍ରାକୁ ଗୁଣଜ କୋଷ ଦ୍ୱାରା ବିବେକର ସାହାଯ୍ୟରେ ରହିତ କରି କର୍ମ କରୁଥାଏ । ଏହି ସମୟରେ ବିଜୁଳି ଭଳି ତତ୍‌କ୍ଷଣାତ୍ ଆଧ୍ମୀକୋଷ, ଜରଦମ୍ଭକୋଷ ଗୁଡ଼ିକୁ ଖବର ଜଣାଇବାରେ ପଛଘୁଞ୍ଚା ଦିଏ ନାହିଁ । ଏକାଠି ମିଶି ଶବ୍ଦ ଓ ଭେଦଜ୍ଞାନ ତିଆରି କରନ୍ତି । ଏହି କ୍ରିୟା ଅୟଂ ଶିମ୍ଭୁର୍ଣ୍ଣା କୋଷରୁ ସୃଷ୍ଟି ହୋଇ କୁଣ୍ଡଳିନୀ ଦ୍ୱାରଦେଶରେ ବାଷ୍ପୀୟାକାରରେ ଘୂର୍ଣ୍ଣନ କରୁଥାଆନ୍ତି । କୁଣ୍ଡଳିନୀ ସଦାସର୍ବଦା ନାଦର ସ୍ୱର ସଂରକ୍ଷଣ କରି ଅଭେଦରୁ ଭେଦ ସୃଷ୍ଟିରେ ନିୟୋଜିତ ହୁଏ । ବ୍ରହ୍ମଃ ପିଣ୍ଡ ପୁରୁଷରେ ଅଭେଦ ନାଦ, ଶବ୍ଦ, ବର୍ଣ୍ଣ । ବ୍ରହ୍ମଃ ଜୀବରୂପେ ଅଙ୍ଗପ୍ରତ୍ୟଙ୍ଗକୁ କୁଣ୍ଡଳିନୀ ଜାଗରଣ ଦ୍ୱାରା ଶକ୍ତି ଯୋଗାଇଥାଏ । ଏହି ଶକ୍ତି ଅଭେଦ ସୂତ୍ରରେ ଥାଏ । ଗୁଣାଦି କୋଷଦ୍ୱାରା ଭେଦଜ୍ଞାନକୁ ଗତିଶୀଳ କରେ ।

ଚେତନା ଦ୍ୱାରରେ କୁଣ୍ଡଳିନୀ ବ୍ରହ୍ମଙ୍କ ଠାରୁ ଆଜ୍ଞା ପାଇ ସ୍ଥୂଳଭାବରେ କର୍ମଫଳର ଗତିସୂତ୍ର ତିଆରି କରେ । ଅଧିକ ସାଧନାରେ ସିଦ୍ଧ ଅବସ୍ଥାକୁ ଆସିବା ନିମନ୍ତେ କୁଣ୍ଡଳିନୀ ଆସୁରିକ ପ୍ରବୃତ୍ତିକୁ ପରିବର୍ତ୍ତନ କରି ସ୍ଥିତପ୍ରଜ୍ଞ


ଅବସ୍ଥାକୁ ଆଣିବା ପାଇଁ ପର୍ଯ୍ୟପଟ୍ଟ ଶିମ୍ନୁର୍ଣ୍ଣା, ଅୟଂ ଶିମ୍ନୁର୍ଣ୍ଣା, ଥୁଳକ ଶିମ୍ନୁର୍ଣ୍ଣାର ସାହାଯ୍ୟ ଲୋଡ଼ି ଚୈତନ୍ୟକୁ ଆଦେଶ ଦିଏ । ଚୈତନ୍ୟ ବ୍ରହ୍ମରେ ନୀଳାଭ ଧୂମ୍ରବର୍ଣ୍ଣ ଧାରଣ କରି କୁଣ୍ଡଳିନୀକୁ ଫେରିଆସେ । ଏହା ଦ୍ୱାରା ଶବ୍ଦସୂତ୍ରରେ ସୁସୁମ୍ନାର ସୂକ୍ଷ୍ମ ସଂଯୋଗ ଦ୍ୱାରା ଲଲାଟକୁ ଯୋଗାଇ ଶବ୍ଦରୁ ବର୍ଣ୍ଣ ଧାରଣ କରି ଆଜ୍ଞା ଚକ୍ରରେ ଠୁଳ ହୁଏ । ଏହି ଅବସ୍ଥାରେ ମୋକ୍ଷ ଅନୁଭୂତ ହୁଏ ।

ସିଦ୍ଧ ସାଧକମାନଙ୍କୁ ବାଦ ଦେଇ ସାଧାରଣ ଜୀବମାନଙ୍କର କୋଷ ବୁଦ୍ଧି ବିବେକ ସୂତ୍ରଦ୍ୱାରା 'କୁ' 'ସୁ' ବିଚାର ସୃଷ୍ଟି ହୋଇ କାର୍ଯ୍ୟ ସଂପାଦନ ହୋଇଥାଏ ।

**(୩୬) ନାଦଗର୍ଦ୍ଦଣ କୋଷ –** ବ୍ରହ୍ମଃ ବ୍ୟାପକ ହୋଇ ମାୟାରୂପ ଧାରଣ କରି ବର୍ଣ୍ଣ ବିଶେଷରେ ପଶୁପକ୍ଷୀ, ବୃକ୍ଷଲତା, ସରିସୃପ ଏପରିକି ନର ଶରୀରରେ ଢାଙ୍କି ହୋଇ ସୂକ୍ଷ୍ମ କ୍ରିୟା ସୃଷ୍ଟି କରେ । ଥୁଳକ ଏକତ୍ରୀକରଣ ହୋଇ ଲାଲ୍, ନୀଳ, ଧବଳ ଚମ୍ପା ରଂଗରେ ସୌର ମଣ୍ଡଳର ସୌରଶକ୍ତିମାନ ଟୋକି ନାଦ ଗର୍ଦ୍ଦଣ କୋଷ ତିଆରି କରେ । ଏହି କୋଷ ସତ୍ତ୍ୱଗୁଣକୁ ସଦର ଭାବ, ରଜଗୁଣକୁ ରଜର ଭାବ ଏବଂ ତମଗୁଣକୁ ତମର ଭାବମାନ ପ୍ରଧାନ କରି ପୃଥକୀକରଣ କରେ । ଏହାର ଗତି, ମତିର ଶବ୍ଦ ସ୍ୱରକୁ ବିବେକ ଚୈତନ୍ୟ ପଥ ଦେଇ କାଳୁକାଳୁମାନ ହୋଇ ଶିମ୍ନ ମଞ୍ଜି ଭଳି ସ୍ଥିର ହୋଇ ରହିଥାଏ । ଏହି ଶିମ୍ନମଞ୍ଜି ନୀଳ ବର୍ଣ୍ଣ ଧାରଣ କରି କେବଳ ସାତ୍ତ୍ୱିକ ଭାବ ଗୁଡ଼ିକୁ ଢାଙ୍କି ରଖିଥାଏ । ତା ଉପରେ ମାୟାଜାଲ ଧୂସର ବର୍ଣ୍ଣଧାରଣ କରି ଘୁରି ବୁଲୁଥାଏ । ନାଦ ଚୈତନ୍ୟର ହେତୁ ବାଟକୁ ଫେରିଆସି ଅବରୁଦ୍ଧ ହୋଇଥିବା କୋଷମାନ ଖୋଲି ଚେତା ଜଗତକୁ ଯାଇ ଘଟଜ୍ଞାନ କ୍ଷରଣ କରେ । ଅସୀମ ଜ୍ଞାନ ଠୁଳ ହୋଇଥିବାରୁ ଥୁଳକ ଶିମ୍ନୁର୍ଣ୍ଣା ନାଦ ଗର୍ଦ୍ଦଣ କୋଷର ସୃଷ୍ଟି ସଂରକ୍ଷିତ କରି ମାନସିକ କ୍ରିୟା ଚାଳନ କରେ । ଏହି କ୍ରିୟା ଚାଳନରେ ପିଣ୍ଡନାଦ ବ୍ରହ୍ମ ସାହାଯ୍ୟରେ ସକ୍ରିୟ ହୋଇଥାଏ । ନାଦ ଗର୍ଦ୍ଦଣ ମାୟା ରଜ୍ଜୁର କୋଷକୁ ଆବରଣ କରି ରଖିଥାଏ ବୋଲି ମାଆ ବାସ୍ତବ ରୂପ ଦୃଶ୍ୟମାନ କରିପାରେ ନାହିଁ । ମାୟାରୂପକ ମାଆର ଜରାୟୁରେ ଥାଇ ଶିଶୁ ଯୋଗମାୟା ରୂପ ଦର୍ଶନ କରେ । ସ୍ଥୁଳଦେହଧାରୀ ମାଆ ଏହା ଜାଣିପାରେ ନାହିଁ । ପରୋକ୍ଷ କ୍ରିୟା ଦ୍ୱାରା ଯେଉଁ ସଂଯୋଗ ହୋଇଥାଏ, ଏହି କ୍ରିୟା ନାଦ ଗର୍ଦ୍ଦଣ କୋଷ ବନ୍ଧନ କରେ । ସେତେବେଳେ ଜୀବ କୋଷଦ୍ୱାରା ବାନ୍ଧି ହୋଇଥାଏ । ସେହି ସମୟରେ ଜୀବ ବ୍ରହ୍ମରେ ଥିବା ପଞ୍ଚକୋଷ ଗୁଡ଼ିକ ପ୍ରାଣ ସହିତ ଯୋଗ ବିଯୋଗ କ୍ରିୟାମାନ କରି ଚାଲି ଥାଆନ୍ତି । ଏଭଳି କରିବାର ଆଜ୍ଞା ବ୍ରହ୍ମଙ୍କ ନିକଟରୁ ଅନୁଭୂତି ପ୍ରକାଶ ହୋଇଥାଏ । ବ୍ରହ୍ମ ନାଦଗର୍ଦ୍ଦଣ କୋଷଦ୍ୱାରା ପୁଣ୍ୟଘଟ ଚୈତନ୍ୟମାନଙ୍କୁ ବ୍ରହ୍ମ ଏକାକ୍ଷର ପଥମାନ ଦର୍ଶାଇ ଏକାକ୍ଷର ଯନ୍ତ୍ର, ମନ୍ତ୍ର, ତନ୍ତ୍ରକୁ ଚୈତନ୍ୟରେ ସ୍ଥାନ ଦେଇଥାଏ । ସାଧାରଣ ଜୀବ ଯେ ପର୍ଯ୍ୟନ୍ତ ମନ୍ତ୍ର ଚୈତନ୍ୟ ହୋଇ ନ ଥାଏ, ସେ ପର୍ଯ୍ୟନ୍ତ ସେ କୋଷର ଆବରଣ ଚହଲା ହୋଇ ପର୍ଯ୍ୟପଟ ଶିମ୍ନୁର୍ଣ୍ଣା ଦ୍ୱାରକୁ ଯାଇ ପୁଣି ମନ୍ତ୍ରଚୈତନ୍ୟର ସୂକ୍ଷ୍ମକୋଷରେ ଥିବା ଶବ୍ଦବର୍ଣ୍ଣ ଭେଦକୁ ଧବଳ ଧୂମ୍ର ବର୍ଣ୍ଣଦ୍ୱାରା ଦୋଳାୟମାନ ଅବସ୍ଥା ଧାରଣ କରିଥାଏ । ଏହାର କାରଣ – ଆୟୁ ପରମାୟୁର କ୍ରିୟା ଚଳନ ଦ୍ୱାରା ଜୀବକୁ ଗ୍ରହ ନକ୍ଷତ୍ରରେ ଭୋଗ କରାଇ ପୁଣି ପିଣ୍ଡପୁରୁଷ ପର୍ଯ୍ୟନ୍ତ ସୂକ୍ଷ୍ମ ଓ କାରଣରେ ପ୍ରତ୍ୟେକଟି କୋଷକୁ ସତେଜ ନିସ୍ତେଜରେ ପୂର୍ଣ୍ଣଭାବେ ସାହାର୍ଯ୍ୟ କରେ । ନାଦ ଗର୍ଦ୍ଦଣ କୋଷ ସୂକ୍ଷ୍ମ ସତେଜ ଅବସ୍ଥା ଧାରଣ କରି ଲାଲ୍ବର୍ଣ୍ଣ ହେଲେ, ଜୀବର ପରମାୟୁ କୋଷ ଉଣା ହୁଏ । ଜୀବ କର୍ମଫଳ ଜନିତ ଅଳ୍ପାୟୁ ଭୋଗରେ ଦେହ ନାଶ କରେ ।।

(କ୍ରମଶଃ)

◆❖◆



# କଲ୍ୟାଣ ଦେଲି ତୋତେ

ଘୂର୍ଣ୍ଣୟମାନ କାଳର କରାଳଚକ୍ରରେ ଆଜି ଏ ବିଶ୍ୱ ବିଷ ହରା । ହଜିଲା ଦିଗନ୍ତର ମରିଚୀକାରେ ଅମୃତମୟ ପାରିବାରିକ ଜୀବନ ବିଷ କୁମ୍ଭରେ ପୂର୍ଣ୍ଣ । ଆଜ ସେହି ବିଷର ପ୍ରଚଣ୍ଡ ଜ୍ୱାଳାରେ ଆକ୍ରାନ୍ତ ହୋଇ ପ୍ରତ୍ୟେକଙ୍କର ହୃଦୟରେ ହତାଶର ବହ୍ନି । କରୁଣାମୟ, ଅନ୍ତର୍ଯ୍ୟାମୀ ସେ, ଭକ୍ତର ଆକୁଳତାରେ କାନ୍ଦିଉଠିଛି ତାଙ୍କର ମନ, ପ୍ରାଣ । ସେଇଥି ପାଇଁ ଏ ବିଷଜ୍ୱାଳାରୁ ରକ୍ଷାପାଇ ଅନନ୍ତ ଶାନ୍ତି ଲାଭ କରିବାର ପଥ ଦେଖାଇ କଲ୍ୟାଣ ଅଜାଡି ଦେଉଛନ୍ତି ଏଇ ଛନ୍ଦରେ...

## ଚରମରେ !

ଗେହ୍ଲା ନନ୍ଦନ ମୋର । ଏ ମର୍ତ୍ତ୍ୟ ଭୂମିକୁ ଓହ୍ଲାଇବା ପରଠାରୁ ତୁ ଆଜିଯାଏ ମାତ୍ର ଏଗାର ପାଦ ଯାଇଛୁ । ଏହି ଯାତ୍ରା ତୋର କେବଳ ରାଜ ରାସ୍ତାରେ ହିଁ ହୋଇଛି । ମନେଥିବ ତୋର, ଏହା ପୂର୍ବରୁ ଥରେ ତୋତେ କହିଥିଲି, ଧୀରେ ଧୀରେ ତୁ କଣ୍ଟକିତ ରାସ୍ତାରେ ପାଦ ପକାଇବାକୁ ଯାଉଛୁ । ଆଜି ସେହି ପଥମାନଙ୍କ ମଧ୍ୟରୁ ଗୋଟିଏ ତୋତେ ବୁଝାଇବାକୁ ସ୍ଥିର କରିଛି । ମନ ଦେଇ ଶୁଣିବୁ ଓ ଅତି ସାବଧାନତା ସହକାରେ ଆଗେଇ ଯିବୁ । ମୁଁ ତୋର ପାଖେ ପାଖେ ଛାଇ ପରି ଅଛି । ଚିନ୍ତା କରିବୁ ନାହିଁ ।

ତୁ ଯେଉଁ ପରିବାରରୁ ଆସିଛୁ, ସେଇଟି ହେଉଛି ତୋର ପିତାଙ୍କର ବ୍ରହ୍ମାଣ୍ଡ ପରିବାର । ଆଜି ଯେଉଁ ପରିବାର ସବୁ ଦେଖୁଛୁ, ଯେଉଁ ପରିବାରରେ ତୁ ନିଜେ ପ୍ରବେଶ କରିଛୁ, ସେ ସବୁ ହିଁ ତୋରି ମୂଳ ପରିବାରର କେତୋଟି ଅଂଶ । ତୋରି ପିତା ତାଙ୍କର ସ୍ୱଇଚ୍ଛାରେ ଏହି ଛୋଟ ଛୋଟ ପରିବାର ସୃଷ୍ଟି କରାଇ ନିଜେ ତାରି ଭିତରେ ବିଭିନ୍ନ ଭୂମିକାରେ ଅଭିନୟ କରି ତାଙ୍କର ଲୀଳା ରଚନା କରିଯାଉଛନ୍ତି । ତେଣୁ ସେଠାରେ ଘଟୁଥିବା ଘଟଣାବଳୀରେ ହତବତେଇ ଯିବୁ ନାହିଁ । ସତର୍କତାର ସହ ଅତିକ୍ରମ କରିଯିବୁ । ସବୁଥିରେ ତୋରି ପିତାଙ୍କର ଲୀଳା ଉପଭୋଗ କରି ଯାଉଥିବୁ । ନିଜେ ଆନନ୍ଦିତ ହେବୁ ଓ ତୋର ପ୍ରିୟ ଭାଇ, ଭଉଣୀମାନଙ୍କୁ ଅସଲ ରହସ୍ୟ ବୁଝାଇ ଦେଇ ସେମାନଙ୍କୁ ମଧ୍ୟ ତୋରି ଆନନ୍ଦରେ ଭାଗିଦାର କରାଇବାକୁ ଚେଷ୍ଟା କରିବୁ । ସେଥିପାଇଁ ଆଜି ସେହି ପରିବାର ସଂପର୍କରେ କିଛି କହୁଛି ଶୁଣ୍ ।

ଗୋଟିଏ ପରିବାରରେ ପରସ୍ପର ମଧ୍ୟରେ ସଂପର୍କ ହେଉଛି ବାପା, ମାଆ, ଭାଇ, ଭଉଣୀ, ସ୍ୱାମୀ ଓ ସ୍ତ୍ରୀ । ବିଭିନ୍ନ ସୂତ୍ରରେ ଆବଦ୍ଧ ଥାଇ ସେମାନେ ନିଜ ନିଜର ଭୂମିକା ନିଭାଇ ଥାଆନ୍ତି । ଯଦି ସେଥିରୁ ବ୍ୟତିକ୍ରମ ହୁଏ, ତେବେ ପରିବାରଟି ଭୁଶୁଡି ପଡେ । ସେଥିରେ ଥିବା ବ୍ୟକ୍ତିମାନେ ପଥହରା ହୋଇ ଯାଆନ୍ତି ଓ ନାନାଦି ଅପକର୍ମରେ ଜଡିତ ହୋଇ ପତନ ମୁଖରେ ପଡିଯାଆନ୍ତି । ଆଜି ସେଇସବୁ ଅଘଟଣ ଦେଖି ତୁ ବିଚଳିତ ହୋଇଯାଉଛୁ । ସେଇଥିପାଇଁ ଧନରେ ! ପରିବାରରେ ବିଭିନ୍ନ ଭୂମିକା ତୋତେ ବୁଝାଇବାକୁ ଯାଉଛି । ବାଉଳା ହେବୁ ନାହିଁ । ଧୀର ସ୍ଥିର ଭାବରେ ଶୁଣିବୁ ଓ ଅକ୍ଷରେ ଅକ୍ଷରେ କାମରେ ଲଗାଇବାକୁ ଚେଷ୍ଟା କରିବୁ ।

**ବାପା** – ତୋର ପରିବାରରେ ବାପା ହିଁ ମୁଖ୍ୟ କର୍ତ୍ତା । ସେ ତୁମ ସମସ୍ତଙ୍କର ଦାୟିତ୍ୱ ବହନ କରିଅଛନ୍ତି । ହୃଦୟରେ ତୁମ ପ୍ରତ୍ୟେକଙ୍କ ପାଇଁ ମମତାର ପାହାଡ ରଖିଛନ୍ତି । କିନ୍ତୁ କେବଳ ଶାସନ କରି ତୁମକୁ ଠିକ୍ ପଥରେ ପରିଚାଳିତ କରି ତୁମ ଚଲାପଥରେ କୁସୁମଫୁଲ ବିଛାଇବାର ଲକ୍ଷ୍ୟ ରଖି ମୁହଁରେ କଠୋରତା ପ୍ରକାଶ କରୁଛନ୍ତି ; ସେ ଚାହାଁନ୍ତି, ପୁଅ ତାଙ୍କର ସୁଶିକ୍ଷିତ ହେଉ, ଜ୍ଞାନୀ ହେଉ, ବିନୟୀ ହେଉ, ସହିଷ୍ଣୁ ହେଉ, ଦୟାଶୀଳ ହେଉ ଏବଂ ଶେଷରେ ଏହି ଧରା ବକ୍ଷରେ କାଳ ଜୟୀ ହୋଇ ବିଶ୍ୱକଲ୍ୟାଣ ପାଇଁ ପ୍ରସ୍ତୁତ ହୋଇଯାଉ । ଏହି ବାସନା ରଖି ସେ ଉପଯୁକ୍ତ ଶିକ୍ଷକ ନିର୍ବାଚନ କରନ୍ତି ଓ ତାଙ୍କରି ତତ୍ତ୍ୱାବଧାନରେ ଛାଡିଦିଅନ୍ତି । ତଥାପି ସେଥିରେ ସେ ନିଶ୍ଚିନ୍ତ ହୋଇ ରହିପାରନ୍ତି ନାହିଁ । ପ୍ରତିମୁହୂର୍ତ୍ତରେ ନଜର ରଖନ୍ତି । ଆବଶ୍ୟକ ହେଲେ ହାତରେ ଛାଟ ଧରି ପ୍ରହାର କରନ୍ତି । ପ୍ରହାର ସମୟରେ ତୋତେ ହୋଇଥିବା କଷ୍ଟ ପାଇଁ ଗୋପନରେ ଲୁଚି ଲୁଚି କାନ୍ଦନ୍ତି । ଏ ସବୁ ସେ କରନ୍ତି କେବଳ ତୁମରି ମଙ୍ଗଳ ପାଇଁ । ତାକୁ ଯଦି ତୁମେ ଭୁଲ୍ ବୁଝି ମନରେ ରାଗ, କ୍ରୋଧ, ହିଂସା ଓ ଅସୂୟାଭାବ ତୋଳି ଦୂରେଇ ଯାଅ, ସେଥିରେ ତାଙ୍କର କିଛି କ୍ଷତି ହେବନାହିଁ । ସେ ମାନସିକ ଦୁଃଖ କେବଳ ପାଇବେ । ହତାଶ ହେବେ ଯେ, ତାଙ୍କର ସନ୍ତାନ ତାଙ୍କର ଆଦର୍ଶ ରଖିଲା ନାହିଁ ! ଆଉ ତାଙ୍କର କିଛି ହେବ ନାହିଁ । କିନ୍ତୁ ଅପୂରଣୀୟ କ୍ଷତି ତୁମର ହୋଇଯିବ । ତୁମେ ତାଙ୍କଠାରୁ ଦୂରକୁ – ଅନେକ ଦୂରକୁ ଚାଲିଯିବ । ଆଉ ଖୋଜିଲେ ମଧ୍ୟ ପାଇବ ନାହିଁ । ଆଉ ତୁମକୁ ଉପଦେଶ ଦେବାକୁ, ଆଦର୍ଶ ଶିଖାଇବାକୁ, ପରାମର୍ଶ ଦେବାକୁ କେହି ନ ଥିବେ । ତେଣୁ ବେଳହୁଁ ସାବଧାନ ହେବୁ । ଯଦି ତୋର ପରିବାରରେ ତୋର ବାପାଙ୍କୁ ଉପଯୁକ୍ତ ସମ୍ମାନ, ଶ୍ରଦ୍ଧା, ବିଶ୍ୱାସ ଦେଇ ତାଙ୍କର ଉପଦେଶରେ ଚାଲିବୁ, ଦେଖିବୁ ତୋ'ର ରାସ୍ତାରେ କୌଣସି କଣ୍ଟା ରହିବ ନାହିଁ ।

ତୁ ସିନା ମୋତେ ଭୁଲ୍ ବୁଝିଛୁ ! ନୀରବରେ ବସିଛି ବୋଲି ମନ ଊଣା କରି ଦୂରେଇ ଯାଉଛୁ । ହେଲେ ମୋର ଅନ୍ତର କ'ଣ ବୁଝିବାକୁ ଚେଷ୍ଟା କରିଛୁ ? ଏ ହୃଦୟର ପ୍ରତିଟି ତନ୍ତ୍ରୀ ପରା କେବଳ ତୋରି ମଙ୍ଗଳ ପାଇଁ ସବୁବେଳେ ଏକଲୟରେ ଚାହିଁ ରହିଛି । ମମତାରେ ପୂର୍ଣ୍ଣହୋଇ ରହିଛି । ମୁଁ କ'ଣ ଚାହେଁ ? ତୁ ଏ ପର୍ଯ୍ୟନ୍ତ ବୁଝିପାରିଲୁ ନାହିଁ । ମୁଁ ଚାହେଁ ମୋର ସନ୍ତାନ ଠିକ୍ ମୋରି ପରି ହୋଇଯାଉ । ଏ ଜଗତର ସମସ୍ତଙ୍କ ଶ୍ରଦ୍ଧା, ସ୍ନେହ ତଥା ଭକ୍ତିର ପାତ୍ର ହୋଇଯାଉ । ବିନୟ, ସହିଷ୍ଣୁତା ଗୁଣର ଅଧିକାରୀ ହୋଇ ଜ୍ଞାନୀର ପରିଚୟ ନେଇ ଅନ୍ୟର ଓଠରେ ହସ, ମନରେ ଖୁସି ଓ ଆନନ୍ଦର ବନ୍ୟା ଛୁଟାଇ ଦେଉ । ସର୍ବୋପରି ଜଗଦ୍ ପୂଜ୍ୟ ହୋଇଯାଉ ।

ଏ ସୃଷ୍ଟିରେ କଳିର ରାଜତ୍ୱରେ କଣ୍ଟକିତ ହୋଇଥିବା ଜୀବନ ପଥକୁ ପରିଷ୍କାର କରି ଲକ୍ଷ୍ୟ ସ୍ଥଳରେ ପହଞ୍ଚାଇବା ପାଇଁ ପରା ତୋର କାନରେ ମୁଁ ବିଶଲ୍ୟକରଣୀ ଦେଇଛି । ଧାରା ଦେଇ କର୍ମ ଯୋଗ ଶିଖାଇ ଦେଇଛି । ତୁ ତାକୁ କିଭଳି ଭାବରେ କାର୍ଯ୍ୟରେ ଲଗାଉଛୁ ପ୍ରତି ମୁହୂର୍ତ୍ତରେ ତୋର ପ୍ରତିଟି କରଣିକୁ ଲକ୍ଷ୍ୟ ରଖିଛି । ଯଥା ସମୟରେ ତୋତେ ପ୍ରତ୍ୟକ୍ଷରେ ବା ପରୋକ୍ଷରେ ହେଉ ସୂଚାଇ ଦେଉଛି । ତୁ କ'ଣ ଧରି ପାରୁନୁ ? ଟିକେ ସ୍ଥିର ହୋଇ ଲକ୍ଷ୍ୟ କର ବାପା ! ସବୁ ବୁଝି ପାରିବୁ, ସବୁ ଦେଖି ଅନୁଭବ କରି ପାରିବୁ । ରେ ମୋର ଅଲିଅଳ ଧନ ରଙ୍କରତନ ! ଅବ୍ୟକ୍ତ ମଣ୍ଡଳ ଛାଡି ମୁଁ ତୋରି ପାଇଁ, ତୋରି ପରି ଶତଶତ କୋଟି କୋଟି ପିଲାମାନଙ୍କ ପାଇଁ ଓହ୍ଲାଇ ଆସିଛିରେ । ବିଶ୍ୱାସ କର, କ'ଣ ମୋର କଥା ରଖିବୁନି ? ମୋ ପାଇଁ ଟିକେ ବି ସମୟ ଦେବୁ ନାହିଁ ? ତୋ ପିତାର ହୃଦୟରୁ ବେଦନା ଦୂର କରିବାକୁ ସାମାନ୍ୟ ଚେଷ୍ଟା କରିବୁ ନାହିଁ ? ପାରିବୁ, ନିଶ୍ଚୟ ପାରିବୁ । ତୋର ସିନା ତୋ ନିଜ ପ୍ରତି ବିଶ୍ୱାସ ନାହିଁ, ମୋ ପ୍ରତି ଆସ୍ଥା ନାହିଁ କିନ୍ତୁ ମୋର ତୋ ପ୍ରତି ଅଖଣ୍ଡ ବିଶ୍ୱାସ ଅଛି, ଭରସା ଅଛି । ତୁ ନିଶ୍ଚୟ ଦିନେ ନା ଦିନେ ମୋର ଆଦର୍ଶରେ ଅନୁପ୍ରାଣିତ ହୋଇ ଆଗେଇ ଯିବୁ ।

**ମାଆ** – ଧନରେ ! କହିଲୁ ! ଏଇ ''ମାଆ'' ଶବ୍ଦ ଉଚ୍ଚାରଣ କଲା ମାତ୍ରେ ତୋର ମନରେ କି ପ୍ରତିକ୍ରିୟା ସୃଷ୍ଟି ହେଉଛି ? କଥାରେ ଅଛି ''ଯାହାର ମାଆ ନାହିଁ, ତାହାର ନାଆଁ ନାହିଁ ।'' ମାଆର ମମତା ଠାରୁ ମମତା ନାହିଁ । କାରଣ ପୁତ୍ର ସ୍ନେହରେ ସେ ଅନ୍ଧୁଣୀ । ପରିବାରଟିରେ ''ମାଆ''ର ଭୂମିକା ସମସ୍ତଙ୍କ ଊର୍ଦ୍ଧ୍ୱରେ । ସେ ହିଁ ପରିବାରର ସ୍ରଷ୍ଟା, ପାଳନ କର୍ତ୍ତ୍ରୀ । ପରିବାରର ସମସ୍ତଙ୍କୁ ସ୍ନେହ, ପ୍ରେମରଜ୍ଜୁରେ ବାନ୍ଧି ରଖି ଏକତ୍ର ରହିବାର, ରଖିବାର ପ୍ରେରଣାଦାୟିନୀ । ସେ ମମତା ସ୍ନେହଅନ୍ଧୁଣୀ, ପିଲାର ଭୁଲ୍ ଠିକ୍ ବୁଝେନା । କେବଳ ବ୍ୟାକୁଳରେ ଥରେ 'ମାଆ' ବୋଲି ଡାକିଦେଲେ ସେ ସବୁ ଭୁଲିଯାଏ ଏବଂ ଧୂଳି ଧୂସରିତ ସନ୍ତାନକୁ ନିର୍ବିକାର ଚିତ୍ତରେ କୋଳକୁ ଭିଡି ଆଣି ପଣତ କାନିରେ ପୋଛିଦିଏ । ବାପା ତା'ର ସ୍ନେହ ମମତାକୁ ଅନ୍ତର ଭିତରେ ରଖିଥାଏ । କିନ୍ତୁ ମାଆ ? ମାଆର ଅନ୍ତରେ ବାହାରେ ସବୁଠାରେ ସ୍ନେହର ବନ୍ୟା ଛୁଟୁଥାଏ । ନିଜର ଗର୍ଭରେ, ଭିତରେ ଯନ୍ତ୍ରଣା ସହି ତୁମକୁ ଧାରଣ କରେ । ନିଜର ରକ୍ତକୁ କ୍ଷୀର ସଜାଇ ତୁମକୁ ଖୋଇ ବଞ୍ଚାଇ ରଖେ । ତୁମର ଭଲ ପାଇଁ, ସୁଖ ପାଇଁ ସବୁ ତ୍ୟାଗ କରେ । ମନେ ପକାଅ ଥରେ, ତୁମେ ତା ଉପରେ କେତେ ମଇଳା ଆବର୍ଜନାରେ ତାକୁ ବ୍ୟସ୍ତ କରିଛ । ସେ ତୁମକୁ କେବେ ଘୃଣା କରିଛି ? ବାଧ୍ୟରେ ନୁହେଁ ଆନନ୍ଦରେ ହସି ହସି ସବୁ ସହ୍ୟ କରିଛି । ତୁମେ ଯେତେବେଳେ ତୁମର ସାଙ୍ଗ ସାଥୀ ମେଳରେ ଧୂଳିରେ ଖେଳି ଅସନା ହୋଇ ଯାଇଛ ବାପା ଛାଟ ଧରି ମାରିବା ପାଇଁ ଗୋଡେଇ ଯାଆନ୍ତି ସେତେବେଳେ ତୁମେ କ'ଣ କର ? କାନ୍ଦି କାନ୍ଦି ଭୟରେ ଦୌଡି ଯାଇ ଆଶ୍ରୟ ନିଅ 'ମାଆ'ର କୋଳରେ । 'ମାଆ' ସେତେବେଳେ କିଛି ବୁଝେନା । ସଂଗେ ସଂଗେ ବିନାବିଚାରରେ ଟେକି ନିଏ ନିଜର କୋଳକୁ । ତୁମେ ଚିର ଅଭୟ ପାଇ ତାରି କୋଳରେ ମୁହଁ ଲୁଚାଇ ଦିଅ । ସତେ ଯେପରି ଏ ଧରାରେ ଆଉ କାହାରିକୁ ଭୟ ନାହିଁ । କ'ଣ, ଭୁଲ କହିଲି ବାପା ?

ଏଥର ଟିକେ ମନେ ପକାଇଲୁ ବାଉଳା ! ମୁଁ କ'ଣ ତୋର ମାଆ ନୁହେଁ ? ମୋ ପାଖରୁ ତୁ ତାହା ପାଇ ନାହୁଁ ? ମୋ ନିକଟକୁ ଯେତେବେଳେ ତୁ ଆସିଲୁ, ସେତେବେଳେ ମୁଁ ତୋର କୌଣସି କରଣିକୁ ବିଚାରକୁ ନେଇଛି ? ଏଠାକୁ ଆସିଲା ଦିନୁ ଆଜିଯାଏ ତୋତେ ତୋର ଭୁଲ୍ ତୃଟି ବିଷୟରେ କିଛି କହିଛି ? ଯେତେବେଳେ କୌଣସି କାରଣରୁ ଭୟ ପାଇ, ଅଧୈର୍ଯ୍ୟ ହୋଇ ମୋ ପାଖକୁ ଅଭୟ ପାଇବାକୁ ଛୁଟି ଆସିଛୁ ମୁଁ କ'ଣ ତୋତେ କୋଳକୁ ନେଇନାହିଁ ? ବିଷୟାବିଷ ମଇଳା ତୋ ଦେହରେ ଲାଗି ଥିଲେ ବି ମୁଁ କେବେ ଘୃଣା କରିଛି ? ତୋ ସୁଖ ଦୁଃଖ, ଭଲ, ମନ୍ଦ, ଦ୍ୱନ୍ଦ୍ୱ ସମସ୍ୟା କଣ ସମାଧାନ କରିନାହିଁ ? ମୋ ପାଖକୁ ଆସି ଫେରିବା ପରେ ତୋର ମନ, ଅନ୍ତର ଶାନ୍ତି ଲାଭ କରିନାହିଁ ? କ'ଣ କରିବି ? ଜାଣିଛି, ଏହି ଅନ୍ଧୁଣୀ ମାଆର ମମତାରେ ତୋର ଲାଭ ପରିବର୍ତ୍ତେ କ୍ଷତି ହେଉଛି । କାରଣ ବାପାର ଭୂମିକାରେ ତୋତେ ଯେଉଁ ଧାରା ଦେଲି, ଯେଉଁ ପଥ ବତାଇ ଦେଲି, ତାକୁ ଠିକ୍ ଠିକ୍ ପାଳନ ନ କଲେ ତୁ ଏ କଠୋର ରାସ୍ତାକୁ ତୋର ନିଜସ୍ୱ ଶକ୍ତିରେ କଦାପି ଅତିକ୍ରମ କରିପାରିବୁନି । କିନ୍ତୁ ଅନ୍ୟପକ୍ଷରେ, ମୁଁ ଯେ ତୋର ମାଆ ଆଉ ତୁ ମୋର ଅଲିଅଳ, ରଙ୍କୁଣୀଧନ, ଗେଲବସରର ଅବୁଝା ପୁଅ । ତୋର ଦୁଃଖ ସହିପାରୁ ନାହିଁ । ତୁ ଯାହା କହିଲେ ବି ହଁ ମାରି ଦେଉଛି । ଆସି କହୁଛୁ ''ନିର୍ଦ୍ଦିଷ୍ଟ ସମୟରେ ଠିକ୍ ଭାବରେ ଧାରା କରିପାରୁନାହିଁ ।'' ବୁଝୁଛି ଏହା ତୋର ସାଧନା ପଥର କଣ୍ଟା । କିନ୍ତୁ ତୋର ଶୁଖିଲା ମୁହଁ ଦେଖି ପିତୃତ୍ୱର ଶାସନ ଭୁଲିଯାଉଛି । ମାତୃତ୍ୱର ବନ୍ଧନରେ ଅନ୍ଧୁଣୀ ହୋଇ ହିଁ ମାରି ଦେଉଛି । କାରଣ ତୋର ମନରେ କଷ୍ଟ ହେବ । ମୋ ପିଲାର ଶରୀରକୁ କଷ୍ଟ ହେବ । ଧନରେ କହିଲୁ – ତୋର ମନରେ, ତୋର ହୃଦୟରେ କଷ୍ଟ ହେଲେ ମୁଁ ଅଥୟ ହୋଇଯାଉଛି, ସବୁ ବିଧି ବିଧାନ ଓ ବ୍ୟବସ୍ଥା ଭୁଲି ଯାଉଛି । କିନ୍ତୁ ମୋ ମନରେ କଷ୍ଟ ହେଲେ ତୋ ମନ କ'ଣ କିଛି

ହେଉନାହିଁ ? ମୋ ମନରେ କ'ଣ **କଷ୍ଟ** ଜାଣିଛୁ ? ପିଲାଟା ମୋର କିଛି ବୁଝିଲାନି, କେବଳ ମୋରି ମମତାରେ ବାନ୍ଧି ହୋଇଗଲା । ନୀତିରେ ରହିଲାନି, ଧାରାକୁ ଠିକ୍ ଠିକ୍ ପାଳନ କଲା ନାହିଁ । ବାପର ଶାସନ ତଥା ପ୍ରକୃତି ତ ତାକୁ ଛାଡ଼ିବ ନାହିଁ, ମୋକ୍ଷ, ମୁକ୍ତି, ନିର୍ବାଣ ପଥରେ ତ ତାକୁ ଛାଡିବ ନାହିଁ । ତେଣୁ ମୁଁ ସବୁବେଳେ ଅହରହ କେବଳ ତୋରି ପାଇଁ ଚିନ୍ତିତ । ତୋ ପାଇଁ କ'ଣ କରିବି କ'ଣ ନ କରିବି ସ୍ଥିର କରିପାରୁନାହିଁ । ହଁ ସବୁବେଳେ ସେଇ 'ମାଆ'ର ଭାବ ଓ ମମତାର ବନ୍ଧନ ଭଲା ସ୍ଥିର ରଖନ୍ତୁ – ତା ମଧ୍ୟ ରଖୁ ନାହୁଁ । କେତେବେଳେ ବାପା ଡାକି ଆସିଲୁଣି ତ କେତେବେଳେ ମାଆ । ଏମିତି ଅବୁଝା ହୋଇ ଆଉ କେତେ ଦିନ ରହିବୁ ବାଇଆ ? ମୋ ସୁନାଟା ପରା, ତୋ ପାଇଁ ମୋ ପାଖରେ ସବୁ ଅଛି । ଠିକ୍ ପଥକୁ ଚାଲିଆ । ତୋତେ ଯେଉଁ ପଥ ଦେଇଛି ସେଇଥିରେ ବୁଡି ଯାଆ । ଦେଖିବୁ, ତୁ ବ୍ୟାକୁଳ ହୋଇ ମୋ ପାଖକୁ ଆସିବା ଦରକାର ନାହିଁ । ତୋର ଆକୁଳତା ମାତ୍ରେ ମୁଁ ଯାଇ ତୋ ପାଖରେ ପହଞ୍ଚିଯିବି ।

**ଭାଇ** – ବାବୁରେ ! ପରିବାର ମଧ୍ୟରେ ତୋର ଭାଇ ଅଛି । କଥାରେ ଅଛି "କ୍ଷୀର ଯଦି ଖାଇ ବସିବ ଘରେ ଥିବ ଗାଈ, ଶତ୍ରୁ ସଂଗେ ଲଢ଼ିବ ଯଦି ସଂଗେ ଥିବ ଭାଇ" । ଭାଇ ଭାଇକୁ ସାହସ ଦିଏ, ବିପଦରେ ସହାୟ ହୁଏ । ଭାଇର କୌଣସି ଭୁଲ୍ ତ୍ରୁଟି ଦେଖିଲେ ଭାଇ ତାକୁ ଦର୍ଶାଇ ଦେଇ ସୁଧାରି ନିଏ । କ'ଣ ବାପା ! ଭୁଲ୍ କହିଲି ?

ମନେ ପକା ଯେତେବେଳେ ତୁ ଏହି ଭାବ ନେଇ ଆସିଛୁ, ମୁଁ ଠିକ୍ ସେହି ଭାବରେ ତୋର ସମସ୍ୟାର ସମାଧାନ କରିଛି । ସେଇ ଲକ୍ଷ୍ୟ ରଖି ତୁମ ସମସ୍ତଙ୍କୁ ଭାତୃତ୍ୱ ବନ୍ଧନରେ ବାନ୍ଧି, ତୁମ ପ୍ରତ୍ୟେକଙ୍କ ଭିତରେ ସୂକ୍ଷ୍ମ ସତ୍ତା ଭାବରେ ଭାଇର ଭୂମିକା ନେଇ ସମସ୍ୟା ସମାଧାନ ପାଇଁ ବିଶ୍ୱଭ୍ରାତୃତ୍ୱ ପରିଷଦ୍ ଗଠନ କରି ଦେଇଛି । ପ୍ରତ୍ୟେକ ପ୍ରତ୍ୟେକଙ୍କୁ ଭାଇ ଓ ଭଉଣୀ ସମ୍ବୋଧନ କରିବାକୁ ନିର୍ଦ୍ଦେଶ ଦେଇଛି । ହେଲେ ବାଉଳାଗଣ, କ'ଣ କରୁଛ ତୁମେମାନେ ? ମୋର ଅଲିଅଳ, ପ୍ରିୟ ସନ୍ତାନ ହୋଇ ଏତିକି ରହସ୍ୟ ବୁଝିପାରୁ ନାହଁ ଯେ, ଯାହାକୁ ଭାଇ ଡାକୁଛ, ତା ଭିତରେ ମୁଁ ମଧ୍ୟ ଅଛି ବୋଲି ? ଭାଇକୁ ଘୃଣା କଲେ, ଭାଇ ପ୍ରତି ଅବମାନନା କଲେ, ଭାଇକୁ ଦୂରେଇ ଦେଲେ, ମତେ ଅବମାନନା କରୁଛ, ଘୃଣା କରୁଛ, ଦୂରେଇ ଦେଉଛ, ଏତିକି ବୁଝିପାରୁ ନାହଁ ? ରେ, ମୋର ପ୍ରିୟ କଳିକା ! ମତେ ଥରେ ବୁଝିବାକୁ ଚେଷ୍ଟା କର । ମୁଁ ପ୍ରତି ମୁହୂର୍ତ୍ତରେ ପ୍ରତ୍ୟେକ ଭାବରେ ତୋରି ନିକଟରେ – ଅତି ନିକଟରେ ଖେଳୁଛି । ଅନୁଭବ କର, ବାପରେ, ବେଳ ପରା ରତ ରତ ହେଲାଣି, ଆଉ କେତେ ଦିନ ଏମିତି ବାତାଳ ହୋଇ ବୁଲିବୁ ? ତୋ ଠାରୁ ତୋ ପିଲାଙ୍କ ଠାରୁ ଅନ୍ୟକୁ ପୃଥକ ଭାବି ଦୂରେଇ ରହିବୁ ? ବିଶ୍ୱାସ କର – ଏହା ଦ୍ୱାରା ମତେ ଅନେକ ଯନ୍ତ୍ରଣା, କଷ୍ଟ ହେଉଛି । ତୁ ମୋର ଏକାନ୍ତ ପ୍ରିୟ ହୋଇ ମୋର ଏହି ଦୁଃଖ ଦୂର କରିବାକୁ କ'ଣ ସାମାନ୍ୟ ଚେଷ୍ଟା କରିବୁ ନାହିଁ ।

**ଭଉଣୀ** – ତୋର ପରିବାରରେ ତୋର ଭଉଣୀଟି କିଛି ବୁଝେନା । ସେ ସବୁବେଳେ ତୋରି ମଂଗଳ କାମନା କରୁଥାଏ । କାରଣ ସେ ଜାଣିଛି, ତୁ ହିଁ ତା'ର ଏକମାତ୍ର ଭରସା । ତୁ ଯେତେ ଦୂରକୁ ଯାଇଥିଲେ ବି ତୋର ଫେରିବା ବାଟକୁ ସେ ଚାହିଁ ବସିଥାଏ । ଆସିବା ଡେରି ହୋଇ ଗଲେ, ଦିଅଁ ଦେବତାଙ୍କ ନିକଟରେ କେତେ ମାନସିକ କରି ପକାଏ । ରେ ଅବୁଝା ! ତୁ କେବେ ଭଉଣୀର ଏହି ସ୍ନେହ, ଶ୍ରଦ୍ଧା କଥା ଚିନ୍ତା କରିଛୁ ? ତୋ'ର କୌଣସି କାରଣରୁ ସମାଜରେ ବଦନାମ ହୋଇଗଲେ ଭଉଣୀ ମନରେ କେତେ ଦୁଃଖ ଲାଗେ ତାକୁ କେବେ

ଭାବିଛୁ ? ବାର ବାର ଯେତେ ଭଉଣୀର ଏହି ସ୍ନେହର ଡାକ, ଭାବନା ତୋର ନିଷ୍ଠୁରତା ଯୋଗୁଁ ବାଧାପ୍ରାପ୍ତ ହୁଏ, ସେତେବେଳେ ସେ ମଧ୍ୟ ନିଷ୍ଠୁରା ହୋଇଯାଏ ଏବଂ ତୋ ଠାରୁ ଦୂରେଇ ଯାଏ । ଧନରେ, ପୂର୍ବରୁ କହିଛି, ତୋର ଏଇ ଭଉଣୀ ଭିତରେ ମଧ୍ୟ ମୁଁ ଅଛି । ସେହି ରୂପରେ ସର୍ବଦା ତୋ'ର ମଂଗଳ ଚିନ୍ତା କରୁଛି । ତୁ ମୋ ପ୍ରତି ଏତେ ନିଷ୍ଠୁର କିପରି ହୋଇପାରୁଛୁ କହିଲୁ ?

ଥରେ ଆଖି ଖୋଲି ନଜର ପକା ବାପ, ତୋର ପରିବାରରେ ପ୍ରତ୍ୟେକଙ୍କ ଭିତରେ ମୁଁ ସୂକ୍ଷ୍ମ ଭାବରେ ରହି ତୋର ମଂଗଳ ପାଇଁ ବିବିଧ କର୍ମ କରି ଚାଲିଛି । କିନ୍ତୁ ତୁ ବାଉଳା ହୋଇ ପ୍ରତି ମୁହୂର୍ତ୍ତରେ ମୋତେ ଆଘାତ ଦେଇ ଚାଲିଛୁ । ସେଥିରେ ଯଦି ତୁ ଆନନ୍ଦ ପାଉଛୁ ତେବେ ସେଇଆ କର । କାରଣ ତୋର ଆନନ୍ଦ ହିଁ ମୋର କାମ୍ୟ,ହେଲେ ମୁଁ କ'ଣ କରିବି ? କଥା ଦେଇଛି ଯେତେବେଳେ, ମୋର କର୍ତ୍ତବ୍ୟ ମୁଁ କରିଯିବି । ତୁ ଯାହା କରିବୁ, ତାହା ପାଇଁ ତୁ ମୋତେ ଦୋଷ ଦେବୁ ନାହିଁ ।

**ସ୍ୱାମୀ ଓ ସ୍ତ୍ରୀ** – ବାବୁରେ ! ଆଉ ଗୋଟିଏ କଥା କହୁଛି ଧୀର ସ୍ଥିର ମନରେ ଶୁଣିବୁ ଓ କାମରେ ଲଗାଇବୁ । ପ୍ରଥମରୁ କହିଆସୁଛି, ସଂସାରପଥ କଣ୍ଟାରେ ପୂର୍ଣ୍ଣ ହୋଇଯାଇଛି । ଯେଉଁ କଣ୍ଟାକୁ ଉଠାଇ ସାଧନ ସୂତ୍ର ଅନୁସାରେ ଆଗେଇବାକୁ ଆଉ ସମୟ ନାହିଁ । ତୁ ସଂସାର ଧର୍ମ ଗ୍ରହଣ କରିଛୁ । ସଂସାରୀ ହୋଇଯାଇଛୁ । ତାହାରି ମାଧ୍ୟମରେ ଯଦି ସରଳ ସୂତ୍ର ନେଇ ଆଗେଇ ଯିବୁ ତେବେ ଖୁବ୍ ଶୀଘ୍ର ଓ ସହଜରେ ତୋରି ପିତାଙ୍କ ସାନିଧ୍ୟ ଲାଭ କରିବୁ ଓ ତାଙ୍କରି କୋଳରେ ବିଶ୍ରାମ ପାଇ ଚିର ଶାନ୍ତି ଲାଭ କରିବୁ ।

ତୋର ପରିବାରରେ ଆଜି ତୋର ମୁଖ୍ୟ କେନ୍ଦ୍ରବିନ୍ଦୁ ତୋର ସ୍ତ୍ରୀ । ସେ ଏକାଧାରରେ ଅନେକ ଭୂମିକା ଗ୍ରହଣ କରୁଛି । ନାରୀ ହିଁ ଏ ସୃଷ୍ଟିର ଆଧାର ମୂଳସୂତ୍ର । କେବଳ ସୃଷ୍ଟି ରକ୍ଷା ଓ ବଂଶରକ୍ଷା ଉଦ୍ଦେଶ୍ୟ ନେଇ ତାକୁ ତୋ ସହିତ ସଂଯୋଗ କରାଯାଇଅଛି । ମାତୃତ୍ୱର ସରଳ ହୃଦୟ ନେଇ ତାର ସୃଷ୍ଟି । ତେଣୁ ପ୍ରେମ, ପ୍ରୀତି, ସ୍ନେହ ମମତାର ବନ୍ଧନରେ ବାନ୍ଧିରଖି ତୋତେ ସର୍ବଦା ତା'ରି କବଳରେ ଜଡାଇ ରଖିବାଟା ହେଉଛି ତା'ର ଧର୍ମ । ତୁ ଯେତେ ଦୂରେ ଥିଲେ ମଧ୍ୟ ସେ ତା'ର ପାରିବାରିକ ସାଂସାରିକ କର୍ମ କଲା ସମୟରେ କେବଳ ତୋର ଚିନ୍ତା କରୁଥାଏ । ତୋ'ର ବିରହରେ ସେ ବ୍ୟାକୁଳ ହୋଇଉଠେ । ମଥାରେ ସିନ୍ଦୁର ଲଗାଇ ତୋର ଆୟୁ ବୃଦ୍ଧି ପାଇଁ ତାର ଇଷ୍ଟଙ୍କ ପାଖରେ ଅଳି, ଗୁହାରି କରେ । ତୋର ସାମାନ୍ୟ ଅସୁବିଧା ସେ ସହ୍ୟ କରିପାରେ ନାହିଁ । ତୋର ମଧ୍ୟ ଠିକ୍ ସେହି ଅବସ୍ଥା । ଧନରେ ! ଆଗରୁ କହିଛି,ତୋ'ର ପିତା ସେହି ଅପୂର୍ବ ଲୀଳା ବିଧୃତ କଳେବରର ସ୍ରଷ୍ଟା । ତୁମ ଉଭୟଙ୍କ ଭିତରେ ସୂକ୍ଷ୍ମ ସତ୍ତା ଭାବରେ ରହି, ଏହି ପ୍ରେମର ଉତ୍ସ ତିଆରି କରନ୍ତି ଓ ତୁମ ମାଧ୍ୟମରେ ଲୀଳା ଆସ୍ୱାଦନ କରନ୍ତି । କିନ୍ତୁ ତୁମେମାନେ ଯେତେବେଳେ ଆଚରଣ ହୀନ ହୋଇଯାଅ, ନୀତିଭ୍ରଷ୍ଟ ହୋଇଯାଅ, ସେତେବେଳେ ସେ ଅକଥନୀୟ ଯନ୍ତ୍ରଣା ଅନୁଭବ କରନ୍ତି । ଶେଷରେ ନିଜର ଇଚ୍ଛା ବିରୁଦ୍ଧରେ ନିଜକୁ ତୁମମାନଙ୍କ ଠାରୁ ଦୂରେଇ ନିଅନ୍ତି । ତୁ କ'ଣ ନୀତି ରଖିପାରିବୁନି ? ତୋର ପିତାଙ୍କୁ ଟିକେ ଶାନ୍ତିରେ ରହିବାକୁ ଦେବୁ ନାହିଁ ? ମୋର ଭରସା ଅଛି ତୁ ପାରିବୁ । କେବଳ ଠିକ୍ ଭାବରେ ପଥଟି ଜାଣିନାହୁଁ ବୋଲି ବାଉଳା ହୋଇ ପଥବଣା ହେଉଛୁ, କହୁଛି ଶୁଣ୍ ।

୧. ତୁ ନିଜେ ମୋ ଠାରୁ ଧାରା ନେଇ ଯାଇଛୁ । ସେଇଟିକୁ ଜୋର ଜବରଦସ୍ତ ଭାବରେ ତୋ ସ୍ତ୍ରୀ ଉପରେ ଲଦି ଦେଉଛୁ କାହିଁକି ? ସେ ତୋତେ କେତେ ଭଲପାଏ ? ତେଣୁ ନିଜେ ନିଜର ଆଚରଣ ରକ୍ଷା କରି ତାକୁ ସରଳ ଭାବରେ ଧାରାର ଲକ୍ଷ୍ୟ ବୁଝାଇ ଦେ । ଯଦି ବୁଝାଇ ନ ପାରୁଛୁ, ତେବେ ମୋ ନିକଟକୁ ନେଇଆ, ମୁଁ ତାକୁ ବୁଝାଇ ଦେବି ।

୨. ତୁମେ ଦୁଇଜଣ ଯାକ ଧାରା ନେଇଯାଅ । ସଂସାରପଥରେ ଚାଲିବାର କୌଶଳ ଶିଖିଯାଅ । ଯା ଫଳରେ ତୋଡିମାଛ ଯେପରି ପଙ୍କରେ ରହିଲେ ମଧ୍ୟ ତା ଦେହରେ ପଙ୍କ ଲାଗେ ନାହିଁ, ସେହିପରି ତୁମେମାନେ ସଂସାରରେ ରହିଲେ ମଧ୍ୟ ସଂସାର ବିଷୟାର ପଙ୍କ ତୁମ ଦେହରେ ଲାଗିବ ନାହିଁ ।

୩. ଜଣେ ଗୁରୁମୁଖୀ ହୋଇ ଆଗେଇବାକୁ ଯେତିକି ସମୟ ଲାଗେ, ଦମ୍ପତି (ଉଭୟେ ସ୍ୱାମୀ ଓ ସ୍ତ୍ରୀ) ଏକତ୍ର ହୋଇ ଗୁରୁମନ୍ତ୍ର ଗ୍ରହଣ କରି ଆଗେଇଲେ, ବିଜୁଳି ତରଙ୍ଗ ପରି ଗତି କ୍ଷିପ୍ର ହୋଇଯାଏ ଓ ଖୁବ୍ ଅଳ୍ପ ପରିଶ୍ରମରେ ଲକ୍ଷ୍ୟ ସ୍ଥଳରେ ପହଞ୍ଚି ହୁଏ । ପରିବାରର ସମସ୍ତ ଦୁଃଖ ଦୂର ହୋଇ କେବଳ ପ୍ରେମାନନ୍ଦର ବନ୍ୟା ସୃଷ୍ଟି ହୁଏ ।

୪. ଅତି କମ୍‌ରେ ପ୍ରତି ମାସରେ ଥରେ ଉଭୟେ ଏକତ୍ର ଗୁରୁଦ୍ୱାରକୁ ଯାଇ ଶ୍ରୀଗୁରୁଙ୍କୁ ଦର୍ଶନ କଲେ ଅନେକ ସମସ୍ୟାର ସମାଧାନ ହୁଏ ଓ ମୁକ୍ତିର ପଥ ପରିଷ୍କାର ହୋଇଯାଏ । ସାଧନ କ୍ଷେତ୍ରରେ ଥିବା ସମସ୍ତ କଣ୍ଟାକୁ ସେ ଆଡେଇ ଦିଅନ୍ତି ।

ଧନରେ ! ଏ ତ ଗଲା ଶ୍ରୀଗୁରୁବାଦରୁ କିଛି ଅଂଶ । ଏହାକୁ ଛାଡି ତତେ ଆଉ କିଛି କରିବାକୁ ମଧ୍ୟ ହେବ । କଦାପି ଭୁଲିବୁ ନାହିଁ –ତୁ ବିବାହ କରି ସଂସାର କରିବୁ କେବଳ ବଂଶ ରକ୍ଷା କରିବାକୁ । ତାକୁ ମଧ୍ୟ ବୁଝାଇ ଦେବୁ ଯେ, "ତୁ ମଧ୍ୟ ପିତାଙ୍କ ଇଚ୍ଛାରେ ଆସିଛୁ ମାତୃତ୍ୱ ଗରବିଣୀ ହୋଇ ଏ ଧରାକୁ ସୁସନ୍ତାନ ଦାନ ଦେବାକୁ । ତୋରି ମମତା, ସ୍ନେହ, ସହିଷ୍ଣୁତା, ଉଦାରତା ହିଁ ଏ ସୃଷ୍ଟିର ମୂଳ ଉତ୍ସ ।" ତେଣୁ କେବଳ ଶାରିରୀକ ଉପଭୋଗରେ ସୀମିତ ରହିଗଲେ ଏ ସୃଷ୍ଟି ଧ୍ୱଂସ ହୋଇଯିବ । ତେଣୁ ବାବୁରେ ! ପିତା ହୋଇ ମଧ୍ୟ କେବଳ ତୋରି ମଙ୍ଗଳ ପାଇଁ ତୋର ଦୈନନ୍ଦିନ କ୍ରିୟା ପାଇଁ କେତୋଟି ସୂଚନା ଦେଉଛି, ମନେରଖ –

୧. ତୋର ସ୍ତ୍ରୀ ଯେତେବେଳେ ଖାଇବାକୁ ଦେଉଛି ସେତେବେଳେ ତାକୁ ମା' ଅନ୍ନପୂର୍ଣ୍ଣା ରୂପରେ ଜ୍ଞାନ କରିବୁ ।

୨. ପ୍ରାତଃ କାଳରେ ଏକତ୍ର ହୋଇ ପ୍ରାର୍ଥନା କରିବା ସମୟରେ ତାକୁ ମହାଶକ୍ତି ଗାୟତ୍ରୀ ରୂପରେ କଳ୍ପନା କରିବୁ ।

୩. ଯେତେବେଳେ କୌଣସି ଉପଦେଶ ଦେଉଛି ତାହାକୁ ମାଆ ସରସ୍ୱତୀଙ୍କର ଉପଦେଶ ଜ୍ଞାନ କରିବୁ ।

୪. ଯେତେବେଳେ ତୋର ସେବା କାର୍ଯ୍ୟ କରୁଛି ତାକୁ ତୋର ସ୍ନେହମୟୀ ଜନନୀ ରୂପରେ ଗ୍ରହଣ କରିବୁ ।

୫. ଯେତେବେଳେ ଶ୍ରଦ୍ଧା, ଭକ୍ତି ଦେଉଛି ସେତେବେଳେ ଭଉଣୀ ରୂପରେ ଦେଖିବୁ ।

୬. କେବଳ ଯେତେବେଳେ ସୃଷ୍ଟି ରକ୍ଷା ପାଇଁ ଏକତ୍ର ହେଉଛ ସେତେବେଳେ ତାକୁ ସ୍ତ୍ରୀ ରୂପରେ ଗ୍ରହଣ କରିବୁ । ସେଥିରେ କେତୋଟି ନିର୍ଦ୍ଦିଷ୍ଟ ନିୟମ ପାଳନ କରିବୁ । ଯଥା – ସୂର୍ଯ୍ୟ ପରାଗ, ଚନ୍ଦ୍ର ଗ୍ରହଣ, ମାସାନ୍ତ, ପୂର୍ଣ୍ଣିମା, ଅମାବାସ୍ୟା, ଏକାଦଶୀ, ଗୁରୁବାର, ଅଷ୍ଟମୀ ତିଥି, ଚତୁର୍ଦ୍ଦଶୀ ତିଥି, ତୁମମାନଙ୍କର ଅର୍ଘ୍ୟବାରୀ, ଶ୍ରୀଗୁରୁ ଦର୍ଶନ ଦିବସ ଓ ପବିତ୍ର ପର୍ବପର୍ବାଣୀ – ଏହି ଦିନ ମାନଙ୍କରେ କଦାପି ଏକତ୍ର ହେବନାହିଁ । ଦିବସରେ କେବେ କଳ୍ପନା ମଧ୍ୟ କରିବୁ ନାହିଁ । ଏହାକୁ ପାଳନ ନ କଲେ କ'ଣ ହୁଏ ଜାଣିଛ ? ନିଜେ ରୋଗଗ୍ରସ୍ତ ହୋଇଯିବ । ଅଳ୍ପାୟୁ ହୋଇଯିବ, ତୁମ ସଂଗ ଦୋଷରୁ ଯେଉଁ ସନ୍ତାନ, ସନ୍ତତି ଜନ୍ମ

ନେବେ ସେମାନେ ମଧ୍ୟ ରୋଗଗ୍ରସ୍ତ ହୋଇ କ୍ଷୀଣାଙ୍ଗ ଓ ବିକଳାଙ୍ଗ ହେବେ । ସମାଜର ଅଲୋଡ଼ା ଜୀବ ହୋଇ ଅପୂର୍ଣ୍ଣାଙ୍ଗତାର ବିଷରେ ଜଳିଯିବେ ଓ ଏ ସୁନ୍ଦର ସୃଷ୍ଟିକୁ ଜାଳିଦେବେ । ସେଥିପାଇଁ ସ୍ରଷ୍ଟା (ଯେକି ତୁମରି ଭିତରେ ସୂକ୍ଷ୍ମ ସତ୍ତା ଭାବରେ ଅଛନ୍ତି) ଅନେକ ଯନ୍ତ୍ରଣା ପାଇ ତୋର ପିତା ପରି ଛଟପଟ ହେବେ ।

୭. ନାରୀ ସର୍ବଦା ପବିତ୍ର । କାରଣ ମାସିକ ଋତୁସ୍ରାବ ମାଧ୍ୟମରେ ତା'ର ଜରାୟୁ ପବିତ୍ର ହୁଏ । ଏହି କ୍ରିୟା ସମୟରେ ଥରେ ସେ ଅପବିତ୍ର ହୁଏ । ତେଣୁ ପ୍ରତି ମାସରେ ଏହି ଋତୁସ୍ରାବ ହେବାର ପ୍ରଥମ ଦିନଠାରୁ ଛଅଦିନ ପୂର୍ଣ୍ଣ ନ ହେବା ଯାଏ ବି ସ୍ପର୍ଶକରିବୁ ନାହିଁ । କାରଣ ଏହା ଦ୍ୱାରା ତୋର ଯାହା କ୍ଷତି ହେବ, ତାଠାରୁ ଅଧିକ କ୍ଷତି ତା'ର ହୋଇଯିବ । ସେହି ସମୟ ମଧ୍ୟରେ ତା'ର ଶରୀର ଅବସ୍ଥା ଏପରି ହୋଇଯାଏ ଯେ, ଯେ କୌଣସି ବ୍ୟକ୍ତିକୁ ସେ ସ୍ପର୍ଶ କରିବ, ସେହି ବ୍ୟକ୍ତିର ଶରୀରରେ ଥିବା ସମସ୍ତ ରୋଗ ଜୀବାଣୁ ତା ଦେହରେ ଅତି ସହଜରେ ପ୍ରବେଶ କରିଯିବେ ଓ ତାକୁ ରୋଗାକ୍ରାନ୍ତ କରିଦେବେ । ତେଣୁ ତୁ ନିଜେ ସଂଯତ ହେବୁ ଓ ତାକୁ ବୁଝାଇ ଦେବୁ ଏଇ ଛଅଦିନ ସେ ସତର୍କ ହୋଇ ଲୋକ ଲୋଚନର ଦୂରରେ ରହିବାକୁ ଚେଷ୍ଟା କରିବ ।

ରେ ମୋର ରଙ୍କୁଣୀଧନ ! ଏହି ଯେଉଁ କେତୋଟି ଉପଦେଶ ଦେଲି ତାକୁଇ ଯଦି କାୟ, ମନବାକ୍ୟରେ ପାଳନ କରିବୁ ଓ କରାଇବାକୁ ପ୍ରୟାସୀ ହେବୁ ତେବେ ଦେଖିବୁ, ଖୁବ୍ ସହଜରେ ତୁ ମହାସାଧକର ଫଳ ଭୋଗ କରିବୁ ଓ ଏ ଦୁସ୍ତର ସଂସାରର ଭବଜଳକୁ ଅକ୍ଳେଶରେ ପାର ହୋଇଯିବୁ, ଅନ୍ୟକୁ ମଧ୍ୟ ପାର କରାଇ ପାରିବୁ । ମନେ ରଖିବୁ, ଆଜି ତୋର ପିତା ସ୍ୱଦେହରେ ଉପସ୍ଥିତ ଅଛନ୍ତି । ତେଣୁ ଏଇ ମାତ୍ର କେତୋଟି ଆଚରଣ ରଖିଲେ ତୁ ପାର ହୋଇଯିବୁ । ନଚେତ୍ ଯୁଗ କ୍ରିୟା ଓ ଯୁଗତତ୍ତ୍ୱ ଅନୁସାରେ ତୋର ଯୋଗ୍ୟତା ଅନୁସାରେ ବିଚାରର ସମ୍ମୁଖୀନ ହେବୁ । ମୋତେ ଦୋଷ ଦେବୁ ନାହିଁ ।

ଯେଉଁମାନେ ତୋ ପରି ଧାରା ନେଇନାହାନ୍ତି ସେମାନଙ୍କ ପାଖକୁ ମଧ୍ୟ ଆନନ୍ଦରେ ଯିବୁ ଓ ମୋର ଇଚ୍ଛା, ଉପଦେଶ ବୁଝାଇଦେବୁ । ପରିବାର ହିଁ ବୈକୁଣ୍ଠଧାମ, ପରିବାରରେ ରହି ଉପରଲିଖିତ ଆଚରଣ ରକ୍ଷା କରି ଏ କଳି ଯୁଗର ତାରକ ମହାମନ୍ତ୍ର, ''ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ, ହରେ ରାମ ହରେ ରାମ ରାମ ରାମ ହରେ ହରେ'' ଶ୍ରଦ୍ଧାର ସହ ଅହରହ (ସବୁବେଳେ ସମ୍ଭବ ନହେଲେ କେବଳ ସକାଳେ, ସଂଜରେ) ଜପ କଲେ ମୁଁ ସନ୍ତୁଷ୍ଟ ହେବି ଓ ଫଳ ଯାଚି ଦେଇ ଆସିବି ।

ଏଥରକ ଏତିକିରୁ ରହୁଛି, ଆସନ୍ତା ଥରକୁ ତୋର ଆଉ କିଛି ଭ୍ରମ ତୁଟାଇବାକୁ ଚେଷ୍ଟା କରିବି । କଲ୍ୟାଣ କରୁଛି, ଆଚରଣ ସିଦ୍ଧ ହୋଇ ଏହି ଭାବଧାରା ବାଣ୍ଟିବାରେ ସଫଳକାମ ହୋଇ ପୁଣିଥରେ ମୋ କୋଳକୁ ଫେରିଆ ।



।ଇତି।

ତୋର ଚିରମଙ୍ଗଳାକାଂକ୍ଷୀ

ପିତା

# କେଶବ କୈବଲ୍ୟ କଣିକା

*ପରମପ୍ରେମମୟ ଶ୍ରୀଶ୍ରୀଶ୍ରୀ ଠାକୁର ବିଭିନ୍ନ ଅବସରରେ ନାନା ପ୍ରସଂଗରେ ଉପସ୍ଥିତ ଗୁରୁଭାଇଭଉଣୀଙ୍କର ସମସ୍ୟାବଳୀ ସମାଧାନ କାଳରେ ବହୁ ଉପାଦେୟ ବାଣୀ ଦେଇଥାଆନ୍ତି । ପ୍ରଭୁପାଦ ଗୁରୁସ୍ୱାମୀ ଶ୍ରୀଶ୍ରୀଶ୍ରୀ ଠାକୁରଙ୍କର ଶ୍ରୀମୁଖ ନିଃସୃତ ବାଣୀଗୁଚ୍ଛହିଁ କୈବଲ୍ୟ କଣିକା । ଏହି ବାଣୀ ସମୁହକୁ ସଂଗ୍ରହ କରାଯାଇ ବହୁ ଯତ୍ନ ଓ ପ୍ରୟାସରେ ପାଠକ/ପାଠିକା ମାନଙ୍କର ଅବଗତି ନିମନ୍ତେ ଚରମ ପୃଷ୍ଠାରେ ଏହି ସ୍ତମ୍ଭରେ ନିୟମିତ ପ୍ରକାଶ କରାଯାଇଛି । ଏହି ବାଣୀ ସକଳର ଉପାଦେୟତା ସମ୍ପ୍ରତି ଅବଶ୍ୟ ଅନସ୍ୱୀକାର୍ଯ୍ୟ ।*

(୧) ଗୁରୁସ୍ୱାମୀଙ୍କୁ ବରଣ କରି ଭ୍ରଷ୍ଟାଚାର କରନା ଆରେ ।
ଦୁଷ୍ଟବୁଦ୍ଧି ଛାଡ଼ିଦିଅ ତୁ ନଷ୍ଟ ପଥେ ଆଗା ନାହିଁରେ ।।

(୨) ବିଷୟରସରେ ନିଜକୁ ଭସାଇ ଦିଅ ନାହିଁ । ଏହା ସବୁବେଳେ ଅସତ୍ୟ ।।

(୩) ଚିତ୍ତରେ ବିଷୟଜ୍ଞାନ ଅଭ୍ୟାସ କର ନାହିଁ ବା ବିଷୟ ବାସନା ଲକ୍ଷ୍ୟରେ କୁସଂସ୍କାର ଜନିତ ରେଖାପାତ ଚିତ୍ତରେ ନ କରି, ଚିତ୍ତଶୁଦ୍ଧ କର, ଆତ୍ମୋନ୍ନୟନ ହେବ ହିଁ ହେବ ।।

(୪) ଗୁରୁଦ୍ୱାରରେ ନମ୍ରତାର ସହିତ ଉପସ୍ଥିତ ହୋଇ ତତ୍ତ୍ୱଶିକ୍ଷା କର । ଭୌତିକ ଶିକ୍ଷାର୍ଜିତ ଜ୍ଞାନକୁ ପ୍ରୟୋଗ କରି ଅଯଥା ତର୍କ କର ନାହିଁ ।।

(୫) ନିଜର ସୀମିତ ଜ୍ଞାନକୁ ଟାଣ କରନାହିଁ ଓ ଏହାକୁ ଗୁରୁଙ୍କ ନିକଟରେ ପ୍ରକାଶ କରି ନିଜର ପୌଢ଼ି ଦେଖାଅ ନାହିଁ ।।

(୬) ନିଜରୁଚି ପୁସ୍ତକାଦି ପାଠ କରି ଗୁରୁଙ୍କୁ କିମ୍ବା ଗୁରୁଙ୍କର ତତ୍ତ୍ୱକୁ ସମାଲୋଚନା କରନାହିଁ ।।

(୭) ସମ୍ପ୍ରଦାୟଗତ ପୁସ୍ତକ ପଠନ ଓ ଯୋଗ ଅଭ୍ୟାସ କରି ସାମ୍ପ୍ରଦାୟିକ ହୁଅନାହିଁ । ଏହାଦ୍ୱାରା ସମାଧି ସ୍ତରରେ ଲକ୍ଷ୍ୟଚ୍ୟୁତି ଘଟେ । ସାବଧାନ, ମନମୁଖୀ ହୋଇ ତତ୍ତ୍ୱପ୍ରବଚନ ବା ଆଧାତ୍ମିକ ଆଲୋଚନାରେ ଅହଂଭାବ ପ୍ରକାଶ କରି ବା ମିଥ୍ୟା ମନ୍ତବ୍ୟ ଦେଇ ଅନ୍ୟମାନଙ୍କୁ ଲକ୍ଷ୍ୟଭ୍ରଷ୍ଟ କରନାହିଁ କି ନିଜେ ନରକଗାମୀ ହୁଅନାହିଁ ।।

(୮) ମନକୁମନ ନିଜଇଛାରେ ଯୋଗ ପ୍ରଣାଳୀ ଅଭ୍ୟାସ କରନାହିଁ, ତାହାଦ୍ୱାରା କ୍ରମେ ଅହଂଜ୍ଞାନର ପ୍ରକାଶ ପାଇବ ।।

(୯) ବହୁଆଳାପ କରନାହିଁ ବା ଅନ୍ୟନିକଟରେ ନିଜର ଜ୍ଞାନଗାରିମା ଦେଖାଇ ହୁଅନାହିଁ । ଏହାଦ୍ୱାରା ଅହଂଜ୍ଞାନ ବୃଦ୍ଧିପାଇବ । ନିଜର ବାକ୍‌ଶକ୍ତିକୁ ସଂଯମ କରି ଯଥାସମ୍ଭବ ନୀରବତା ରକ୍ଷାକର ଓ ନିଜର ବୀଜମନ୍ତ୍ର ମାନସ ଜପକର ।।

(୧୦) ନିୟମିତ ଅଭ୍ୟାସ କରି ଅଧ୍ୟୟନ କର । କିନ୍ତୁ, ପୁସ୍ତକକୀଟ ହୋଇ ନିଜକୁ ଶାସ୍ତ୍ରଜ୍ଞ ମନେକର ନାହିଁ । ଏଥିରେ ବ୍ରହ୍ମଜ୍ଞାନଲାଭ ହୋଇପାରେ ନାହିଁ, ବରଂ ଅହଂଜ୍ଞାନ ବୃଦ୍ଧିପାଏ ।।

(୧୧) ନାନାଦି ଶାସ୍ତ୍ରରେ ଜଗତକଲ୍ୟାଣ ପାଇଁ ନୀତିନିୟମମାନ ଅଛି । କ୍ଷୁଦ୍ରମନା ଜୀବ ସେ ସକଳ ନୀତିନିୟମରେ ବ୍ରତୀ ହୋଇ ପାରିବ ନାହିଁ । ତେଣୁ, ସେସବୁକୁ ଦୃଢ଼ ନ କରି ଗୁରୁଙ୍କର ଉପଦେଶକୁ ଲକ୍ଷ୍ୟ କର ।।

(୧୨) ମଧ୍ୟେମଧ୍ୟେ ଗୁରୁଙ୍କ ନିକଟରେ ବସି ବିଭିନ୍ନ ପ୍ରସଂଗକୁ ବୁଝି ତତ୍ତ୍ୱର ସାର ମର୍ମ ସ୍ଥିର କର । କୁତର୍କରେ ଅଜ୍ଞାନତାକୁ ବୃଦ୍ଧିକର ନାହିଁ ।।

(୧୩) ଚରିତ୍ର ଗଠନ ପାଇଁ ଆଗଭର ହୋଇ ନିଜେ ନିଷ୍ପତ୍ତି ନିଅନାହିଁ । ଗୁରୁଜ୍ଞାନଦାତା, ତାଙ୍କୁ ନମ୍ରତାର ସହ ଅନୁସରଣ କର । ସେ ତୁମ ଜୀବନର ନିଷ୍ପତ୍ତି ସୂତ୍ର ପ୍ରଦାନ କରିବେ ।।

(୧୪) ନିଜ ହୃଦୟ ମଧ୍ୟକୁ ଆସୁଥିବା ନିଷ୍ପତ୍ତି ଗୁଡ଼ିକୁ ଗ୍ରହଣ କରିବା ପୂର୍ବରୁ ଗୁରୁଙ୍କ ନିକଟରେ ତାହା ବ୍ୟକ୍ତ କରି ତାଙ୍କରି ପରାମର୍ଶରେ ନିଷ୍ପତ୍ତିସୂତ୍ରକୁ ଆଚରଣରେ ବାସ୍ତବରୂପେ ପ୍ରତିପାଦନ କର । ଏହାଦ୍ୱାରା ଅହଂଭାବ ଲୋପ ପାଇଯିବ । ବିଷମ ସଂସାର ପଥରେ ନିଜ ନିଷ୍ପତ୍ତିକୁ ସାର କଲେ, ଅହଂଜ୍ଞାନ ବୃଦ୍ଧି ପାଇବ ।।

(୧୫) ଏକମାତ୍ର ଗୁରୁଙ୍କୁ ହିଁ ଜୀବର ନିଷ୍ପତ୍ତିସୂତ୍ର ଜଣା । ଅନ୍ୟ ସମସ୍ତଙ୍କୁ ଅଜଣା । ତାଙ୍କୁ ଠିକ୍‌ରୂପେ ଧରିପାରିଲେ, ଜୀବ ପ୍ରଥଭ୍ରଷ୍ଟ ହୁଏ ନାହିଁ କି ଦୁଷ୍ଟବୁଦ୍ଧି ଓ କୁଟକପଟ ପ୍ରୟୋଗ କରେ ନାହିଁ ।

(୧୬) ହତାଶମନେ ନିରାଶା ଭରି ଶାନ୍ତି ଡୋଳି ହୃଦୟେ ତୋର ।
ଅଣାକାରରେ ଲୟରଖି ତୁ ଅଣାକ୍ଷରକୁ ଭଜନା କର ।।

(୧୭) ମନ ମଧ୍ୟରୁ ସମସ୍ତ ଅହଂକାରୀଜ୍ଞାନକୁ ପରିତ୍ୟାଗ କର । ଅହଂକାର ଶିକ୍ଷାଲାଭର କଣ୍ଟା, ପ୍ରେମଭକ୍ତିର ବାଧକ ଏବଂ ଆଧ୍ୟାତ୍ମିକବାଦର ପରିପନ୍ଥୀ । ମନେରଖ, ଅହଂକାରୀ କାହାରିକୁ ସଦ୍‌ଶିକ୍ଷା ଦେଇପାରେ ନାହିଁ କି ନିଜେ ମଧ୍ୟ ସଦ୍‌ଶିକ୍ଷା ଲାଭ କରିପାରେ ନାହିଁ ।।

(୧୮) ଧନ, ଯଶ, ମାନ, ଗୌରବ, ପଦପଦବୀ ଓ ଉଚ୍ଚଆସନର ଐଶ୍ୱର୍ଯ୍ୟରେ ବୁଡ଼ି ଅହଂକାରୀ ହୁଅନାହିଁ ! ଅହଂକାରରେ ଅନ୍ୟମାନଙ୍କ ଉପରେ ତତ୍ତ୍ୱଦର୍ଶୀ ସାଜି ପ୍ରତିପତ୍ତି ବିସ୍ତାର କରିବାକୁ ଚେଷ୍ଟା କରନାହିଁ । ଯୁଗେଯୁଗେ ଧର୍ମ ଏବଂ ଆଧ୍ୟାତ୍ମିକ କ୍ଷେତ୍ରରେ ବହୁ ବୀରପୁରୁଷ ଏହି ଅହଂକାରକୁ ଆପଣାଆପେ ନାଶହୋଇ ଯାଇଛନ୍ତି । ଖୁବ୍ ସାବଧାନ୍ ।।

(୧୯) ଅହଂଭାବ ଜୀବର ଈଶ୍ୱରପ୍ରାପ୍ତି ପଥର ଚିର ଶତ୍ରୁ ଅଟେ । ଗୁରୁକ୍ଷେତ୍ରରେ ନିଜକୁ କ୍ଷୁଦ୍ରାଦପିକ୍ଷୁଦ୍ର ବୋଲି ଭାବ ଆଣିବା ଅହଂଜ୍ଞାନ ରୂପକ ବିଷବୃକ୍ଷକୁ ସମୂଳେ ଉତ୍ପାଟନ କର, ଗୁରୁକୃପା ଅବଶ୍ୟ ପାଇବ ହିଁ ପାଇବ ।।

(୨୦) ଅହଂଜ୍ଞାନୀ ଅନ୍ୟମାନଙ୍କଠାରୁ ଶିକ୍ଷାଗ୍ରହଣ କରିବାରେ ଓ ଅନ୍ୟମାନଙ୍କୁ ଶିକ୍ଷାଦେବାରେ ବିଫଳ ହୁଏ । ମନେରଖ, ନିଜର ଅହଂଭାବକୁ ଦୃଢ଼କରି ଅନ୍ୟମାନଙ୍କୁ ଆତ୍ମଜ୍ଞାନ ବା ତତ୍ତ୍ୱଦର୍ଶନ ପ୍ରଦାନ କରିବା ନିରର୍ଥକ ।।

(୨୧) ଅତିଶୟ ଆତ୍ମବଡ଼ିମା ଦେଖାଉଥିବା ବ୍ୟକ୍ତିର ଧର୍ମକ୍ଷେତ୍ର ଗୁରୁକ୍ଷେତ୍ରରେ କାର୍ଯ୍ୟକଳାପର ଦିନେନାଦିନେ ଇତି ହୁଏ । ତେଣୁ ଆତ୍ମବଡ଼ିମା ଦେଖାଇବାରୁ ନିବୃତ୍ତ ହୁଅ ।।

(୨୨) ଧନ, ଜୀବନ, ଯୌବନ ଚିରସ୍ଥାୟୀ ନୁହେଁ । ଏଣୁ ଏଥିରେ ରସି ଆତ୍ମବଡ଼ିମା ଦେଖାଇହେବା ଠିକ୍ ନୁହେଁ । ଗୁରୁଙ୍କର ପରାମର୍ଶ ଓ ନିର୍ଦ୍ଦେଶ ଅନୁଯାୟୀ ଏସବୁ (ଧନ, ଜୀବନ, ଯୌବନ, ଜ୍ଞାନ)ର ସଦୁପଯୋଗ କର ।।

(୨୩) ଗୁରୁହିଁ ତମମାନଙ୍କର ସବୁଠାରୁ ବଡ଼ପ୍ରିୟ ଓ ଆତ୍ମୀୟ । ତାଙ୍କ ନିକଟରେ କିଛି ଗୋପନ ନ ରଖି ସବୁଖୋଲି କୁହ । ଅହଂଜ୍ଞାନ କ୍ରମଶଃ ପତଳା ହୋଇ ମିଳେଇ ଯିବ । ନଚୁବା ଦିନେନାଦିନେ ଏହା ତୁମ ଓ ଗୁରୁଙ୍କ ମଧ୍ୟରେ ପ୍ରତିବଂଧକ ସୃଷ୍ଟି କରିବ ହିଁ କରିବ ।

(୨୪) କାମ, କ୍ରୋଧ, ଲୋଭ, ମୋହ, ମଦ, ପରଶ୍ରୀକାତରତା ରୂପକ ଶତ୍ରୁମାନଙ୍କ କବଳରେ ପଡ଼ି ହୃଦୟକୁ ଦୁର୍ବଳ ଓ ଦୂଷିତ କରନାହିଁ । ଗୁରୁପ୍ରଦତ୍ତ ଜ୍ଞାନଖଡ୍‌ଗ ଦ୍ୱାରା ଏମାନଙ୍କ ପକ୍ଷଗୁଡ଼ିକୁ ଛେଦି ପକାଅ ।।

◆❖◆

# କଳକୀ ଭବିଷ୍ୟତ୍ ଗୀତା – ଦ୍ୱିତୀୟ ଭାଗରୁ ଉଦ୍ଧୃତାଂଶର ବ୍ୟାଖ୍ୟା

(ମୂଳ ଉଦ୍ଧୃତାଂଶ ଶ୍ରୀମନ୍ଦିରର ପୃ୧୨ଷ୍ଠାରେ ପତ୍ରସ୍ଥ ହୋଇଛି)

ଜୀବ ଜଗତରେ ଜାଗତିକ ଇନ୍ଦ୍ରିୟଗ୍ରାହ୍ୟ ସୁଖ ସମ୍ଭୋଗରେ ମାତି ସଂସାର ସାଗରରୁ ପରିତ୍ରାଣ ପାଇବାର ପଥ ହୁଡ଼ି ଜଂଜାଳରେ କ୍ରମଶଃ ଜଳିଜଳି ଅନ୍ତଃସାର ଶୂନ୍ୟ ହୋଇଯାଏ । ଏହାହିଁ ଜଗତରେ ଭୂମିଷ୍ଠ ହୋଇଥିବା ସର୍ବସାଧାରଣ ଲୋକଙ୍କ ପାଇଁ ପ୍ରକୃତି ପୁରୁଷଙ୍କର ନିଷ୍ପତ୍ତି । କିନ୍ତୁ, ଦିବ୍ୟାତ୍ମାମାନେ ପୂର୍ବ ଜନ୍ମଜନ୍ମାନ୍ତରର ସଂସ୍କାରରୁ ସ୍ୱବୈଶିଷ୍ଟ୍ୟ ଅନୁପାତିକ କର୍ମ ସଂପାଦନ ନିମନ୍ତେ ଗୁରୁବରଣ କରି ଶିଷ୍ୟତ୍ୱ ଗ୍ରହଣ କରି ଗୁରୁଙ୍କର ବାକ୍ୟକୁ ଜୀବନ ନୌକାର କର୍ଣ୍ଣଧାର ସ୍ୱରୂପ ସଦାସର୍ବଦା ମନେ କରି ଥାଆନ୍ତି । ଗୁରୁବାକ୍ୟ ପାଳନରୁ ତାଙ୍କର ଅବାଡ଼ (ଅର୍ଥାତ୍ : ନ ବାଡ଼ ବା ବନ୍ଧନ ଶୂନ୍ୟ) ଅବସ୍ଥା ହିଁ ମୁକ୍ତି । ମୁକ୍ତି ମିଳିଗଲେ, ଆପେ ଆପେ ଭକ୍ତିଭାବ ସଂଚରିତ ହୁଏ । ନାମ ବୋଇଲେ ଗୁରୁ ନାମ ଏବଂ ସ୍ୱୟଂ ଗୁରୁଦେବ । ମୁକ୍ତ ଅବସ୍ଥା ପ୍ରାପ୍ତ ଭକ୍ତଗୁରୁଙ୍କ ମଧ୍ୟରେ ଅଣାକାର ( ନ ଆକାର) ବା ନିରାକାର ବ୍ରହ୍ମଙ୍କୁ ସହଜରେ ସାକ୍ଷାତ କରିପାରେ ।।୧।।

ଦିବ୍ୟାତ୍ମା ଭକ୍ତର ଏହି ଅବସ୍ଥା ପ୍ରାପ୍ତ ହେଲେ, ମନ୍ତ୍ର, ଯନ୍ତ୍ର, ତନ୍ତ୍ରର ଆବଶ୍ୟକତା ନ ଥାଏ । ଏହି ଅବସ୍ଥା ପ୍ରାପ୍ତିର ଲକ୍ଷ୍ୟପଥରେ ଆଗେଇ ଯିବା ପାଇଁ ହିଁ ମନ୍ତ୍ର, ଯନ୍ତ୍ର, ତନ୍ତ୍ର, ଶୁଚି ପବିତ୍ର ଭାବ ଏକାନ୍ତ ଭାବରେ ଆବଶ୍ୟକ । ସାକାର ବ୍ରହ୍ମ ସ୍ୱରୂପ ଗୁରୁଦେବଙ୍କ ମଧ୍ୟରେ ନିରାକାର ବ୍ରହ୍ମଙ୍କୁ ଦର୍ଶନ କରିବା ନିମନ୍ତେ ସାଧନାପଥର ଆବଶ୍ୟକତା ଅଛି । ଏହି ଲକ୍ଷ୍ୟ ପୂରଣ ହେଲେ, ସାଧନାର ଲୋଡ଼ା ନାହିଁ । ସେତେବେଳେ ଏହି ଦିବ୍ୟ ଉପଲବ୍ଧିକୁ କେବଳ ବିଶ୍ୱକଲ୍ୟାଣରେ ନିୟୋଜିତ କରିବା ହିଁ ଆବଶ୍ୟକ ।।୨।।

ଜୀବ ଗୁରୁଗ୍ରହଣ କରି ଧାରାଧରି ତ୍ରିକାଳରେ ଶୌଚ ହୋଇ ଶୁଚିମନ୍ତ ଭାବରେ ଯଜ୍ଞ, ହୋମ, ଜପ ଆଦି ସାଧନ ପ୍ରକ୍ରିୟାକୁ ଆଦରି ଥାଏ । ଏହା ନିଷ୍ଠା, ତ୍ୟାଗ ଓ ଆନ୍ତରିକତାର ସହିତ ପ୍ରତିଦିନ ଅଭ୍ୟାସ କଲେ, ପର୍ଯ୍ୟାୟକ୍ରମେ ଜାଗତିକ ବିଷୟା ବନ୍ଧନକୁ କାଟି ମୁକ୍ତ ଅବସ୍ଥା ପ୍ରାପ୍ତ ହୁଏ । ମୁକ୍ତିଲାଭ ପରେ, ଭକ୍ତିଲାଭ ହୁଏ । ଜୀବ ଭକ୍ତ ହୋଇ ଭଗବାନଙ୍କର ଦିବ୍ୟସତ୍ତା ଉପଲବ୍ଧି କରେ । ଏହା ନ କଲେ ଗୁରୁଗ୍ରହଣ, ଧାରା ଗ୍ରହଣ, ସାଧନ ଭଜନାଦି କ୍ରିୟାକଳାପ ଅସତ୍ୟରେ ପରିଣତ ହୁଏ ।।୩।।

ଶିଷ୍ୟ ଗୁରୁବାକ୍ୟରେ ନିଷ୍ଠା ରଖି, ଅତ୍ୟନ୍ତ ଆନନ୍ଦ ଓ ଆନ୍ତରିକତାର ସହିତ ଗୁରୁଙ୍କର ଆଜ୍ଞା, ଆଦେଶ ଓ ଆଶୀର୍ବାଦକୁ ସକଳ ସମସ୍ୟା ଓ ଜଂଜାଳ ମଧ୍ୟରେ ଅଗ୍ରାଧିକାର ଦେଇ ନିଷ୍ଠାର ସହିତ ପାଳନ କଲେ, ଗୁରୁଦେବଙ୍କର କୃପା ଓ କରୁଣାର ପାତ୍ର ହୋଇ ଅଭୟ କଲ୍ୟାଣ ଲାଭ କରେ । ଏହି କୃପା, କରୁଣା ଓ କଲ୍ୟାଣ ନିମନ୍ତେ ଗୁରୁବାକ୍ୟ ପାଳନରେ ନିଷ୍ଠା ଦେଖାଇବା ରୂପକ ପୁରୁଷାର୍ଥ ପ୍ରୟୋଗ କରିବାକୁ ପଡ଼େ । ଏହାହିଁ ନିଷ୍କାମ କର୍ମ । ଏହାରି ଉପରେ ଶିଷ୍ୟର ଅଧିକାର ରହିଛି । ଦୈବୀକୃପା କେବଳ ଗୁରୁଙ୍କର କରୁଣା ଓ କଲ୍ୟାଣରୁ ମିଳେ । ଏହା ଉପରେ ଶିଷ୍ୟ ଦାବି ରଖିବା ଭୁଲ୍ । ଗୁରୁଦେବ ସନ୍ତୁଷ୍ଟ ହେଲେ ଗୋଟିଏ ମୁହୂର୍ତ୍ତରେ ଏହି କୃପା ଢାଳି ଦେବେ । ଏହି କୃପା ପାଇବା ପର୍ଯ୍ୟନ୍ତ ଶିଷ୍ୟ ଅନୁଗତ ହୋଇ ଅକ୍ଷରେ ଅକ୍ଷରେ ଗୁରୁବାକ୍ୟ ପାଳନ କରିବା ଆବଶ୍ୟକ । କୁଂଜ ବିହାରୀ ବୋଇଲେ, ହୃଦୟ ଚକ୍ରରେ ଅଧିଷ୍ଠିତ କୁଂଜର ବିହାରୀ ଶ୍ରୀମନାରାୟଣ ଓ ଶ୍ରୀମତୀ ଲକ୍ଷ୍ମୀ ଦେବୀଙ୍କର ଯୁଗଳ ମୂର୍ତ୍ତି । ଆତ୍ମା ମଧ୍ୟରେ ଆତ୍ମାରାମଙ୍କର ଦର୍ଶନ ମିଳିଗଲେ, ଜୀବ ଏହି ଭବସାଗରରୁ ପାରି ହୋଇଯାଇପାରେ ।।୪।।

କର୍ମକ୍ଷେତ୍ର ବୋଇଲେ ଆମ ଶରୀର । ଏହି ଦୁର୍ଲଭ ମାନବ ଶରୀର ଧରି କର୍ମଧାରାର ଅଭ୍ୟାସ ଯୋଗ ନିୟତ ବା ସଦାସର୍ବଦା ପ୍ରତିଦିନ ମାନସ ସୂତ୍ରରେ ଜପଧ୍ୟାନ ସାଧନା କରିବା ଦ୍ୱାରା ଜୀବ ପିଣ୍ଡବ୍ରହ୍ମାଣ୍ଡର ନାଥ ବା ଶରୀର ରୂପକ କ୍ଷେତ୍ରର ଅଧିପତି କ୍ଷେତ୍ରଜ୍ଞ ପୁରୁଷଙ୍କୁ ଆପଣାର ହୃଦୟରେ ବିରାଜି ଥିବାର ପ୍ରତ୍ୟକ୍ଷ ଓ ପରୋକ୍ଷ (ସ୍ଥୂଳ ଓ ସୂକ୍ଷ୍ମ) ଅନୁଭବ ଅବଶ୍ୟ କରିପାରିବ ।।୫।।

ଶରୀର ଧରି ଦେହ ଭାବକୁ ପାଶୋରି ଦେଇ ପ୍ରତିଦିନ ପ୍ରତିମୂହୁର୍ତ୍ତ ବସିବା, ଚାଲିବା, ଜାଗ୍ରତ ରହିବା, ଶୟନ କରିବା ଆଦି ସକଳ କର୍ମ ମଧ୍ୟରେ ଶ୍ରୀପାଦପଦ୍ମରେ ଲୟସ୍ଥିର ରଖି ସକଳକର୍ମ ପ୍ରଭୁପାଦ ଗୁରୁସ୍ୱାମୀ ଶ୍ରୀଶ୍ରୀ ଠାକୁରଙ୍କୁ ପୂର୍ଣ୍ଣସମର୍ପଣ କରିବା ଦ୍ୱାରା କର୍ମଫଳର ବନ୍ଧନ ରହେ ନାହିଁ । ମନ ହେଉଛି ସୂକ୍ଷ୍ମ । ମନସୂତ୍ରରେ ବା ସୂକ୍ଷ୍ମ ସୂତ୍ରରେ କର୍ମ ତତ୍ପର ରହି ଯୋଗୀ ମାନେ ଅକର୍ମ ବା ନିଷ୍କାମ କର୍ମ ସଂପାଦନ କରି କର୍ମଫଳ ବଂଧନରୁ ମୁକ୍ତି ଲାଭ କରନ୍ତି । ଫଳତଃ ଭକ୍ତିଭାବର ଉଦୟ ହୁଏ । ପ୍ରତ୍ୟେକ ଧାରାଧାରୀ ଏହା ଅଭ୍ୟାସ କରି କର୍ମ ଫଳରୁ ମୁକ୍ତ ହୋଇ ଭକ୍ତ ପଦ ଲାଭ ନିମନ୍ତେ ସାଧନା କରିବା ଆବଶ୍ୟକ ।।୬।।

କାମନା ବା ଫଳ ପ୍ରାପ୍ତିର ଆକାଂକ୍ଷା ରଖି କର୍ମ କଲେ, 'ମୁଁ' କରୁଛି ବୋଲି ଅହଙ୍କାର ଜାତ ହୁଏ । ଏହାଦ୍ୱାରା କର୍ମଫଳର ନିଗୁଢ଼ ବଂଧନରେ ଜୀବ ପଡ଼ି ମୁକ୍ତିର ପଥ ହୁଡ଼ିଯାଏ । ଜନ୍ମଜନ୍ମାନ୍ତରର କର୍ମଫଳ ଠୁଳ ହୋଇ ରହିବାରୁ ଜୀବ ମୁକ୍ତ ହୋଇପାରେ ନାହିଁ କି ଭକ୍ତ ମଧ୍ୟ ହୋଇପାରେ ନାହିଁ । ଅହଂକାର ଦାନା ବାନ୍ଧିଯିବାରୁ ଅହଂକାରୀ ଜୀବ ଗୁରୁଗ୍ରହଣ କରି ଗୁରୁଙ୍କୁ ଫାଙ୍କି ଦେବାକୁ ଚେଷ୍ଟା କରି ନିଜେ ହିଁ ଠକିଯାଏ । ଇହ ଜନ୍ମ ପରଜନ୍ମ ନଷ୍ଟଭ୍ରଷ୍ଟ ହୁଏ । ତେଣୁ କାମନାକୁ ସମୂଳେ ବିନାଶ କରିବା ପାଇଁ ସୂକ୍ଷ୍ମସୂତ୍ରୀ ମାନସ ପ୍ରକ୍ରିୟାର ସ୍ୱର ସାଧନା (ନାସିକାରନ୍ଧ୍ରଦ୍ୱୟ ପଥରେ ବାୟୁ ଚଳାଚଳ ନିୟନ୍ତ୍ରଣ) ଦ୍ୱାରା ସୂକ୍ଷ୍ମ ପ୍ରାଣାୟମ ସୂତ୍ରରେ ପଞ୍ଚପ୍ରାଣ ବାୟୁକୁ ସୁନିୟନ୍ତ୍ରଣ କରି ଷଡ଼ଚକ୍ର ଭେଦତତ୍ତ୍ୱରେ ବ୍ରହ୍ମରନ୍ଧ୍ର (ସୂକ୍ଷ୍ମରନ୍ଧ୍ର) ଉନ୍ମୋଚନ କରି ହସ୍ତୀ ବୋଇଲେ ପାଗଳା ମନକୁ ତହିଁରେ ଗଳାଇ ପାର କରିବା ଦ୍ୱାରା ଚିତ୍ତଶୁଦ୍ଧି ହୋଇଥାଏ । ଏହା ଏକ ଦୀର୍ଘ ପର୍ଯ୍ୟାୟର ନିଗୁଢ଼ ସାଧନାତତ୍ତ୍ୱ । ଏହା ମାଧ୍ୟମରେ ଶ୍ୟାମ ସୁନ୍ଦର ଶ୍ରୀଭଗବାନଙ୍କୁ ଭକ୍ତ ଅନୁଭବରେ ଆଣି ଈଶ୍ୱରୀୟ ସତ୍ତା ଆପଣା ମଧ୍ୟରେ ଉପଲବ୍ଧ କରେ ।।୭।।

ସାଧନା ପଥରେ ଚଳି ଥୋକେ ଭକ୍ତ ଛାୟା, ଅବାଡ଼, ଜ୍ୟୋତିରେ ନୀରବରେ ପ୍ରୀତି କରି ନିଷ୍କର୍ମା ହୋଇ ବସି ରହନ୍ତି । ସେମାନେ ଏହାଦ୍ୱାରା ଦୁର୍ଲଭ ମାନବ ଶରୀର ଧରି ନା ନିଜର ମଙ୍ଗଳ ସାଧନ କରିପାରନ୍ତି ନା ଜଗତ କଲ୍ୟାଣକର କର୍ମ କରିପାରନ୍ତି ! କେବଳ ଭାବ ଭଳିକିରେ ମାତି ବାକ୍‌ପଟୁତା ଦ୍ୱାରା ବଚନ ସର୍ବସ୍ୱ ହୋଇ ବାଚାଳ ଭଳି ଏଣୁତେଣୁ ଗପନ୍ତି । ମାତ୍ର ଏତାଦୃଶ କର୍ମ ପଦ୍ଧତି ଦ୍ୱାରା ସେମାନଙ୍କର ମନ ସ୍ଥିର ଭାବରେ ବ୍ରହ୍ମରେ (ପ୍ରଭୁ ଗୁରୁସ୍ୱାମୀ ଶ୍ରୀଶ୍ରୀଶ୍ରୀ ଠାକୁରଙ୍କର ଶ୍ରୀପଦ୍ମ ପାଦରେ) ସ୍ଥିତ ହୋଇପାରେ ନାହିଁ । ତେଣୁ ପ୍ରେମ ଭକ୍ତିଭାବ ସହିତ ନିଷ୍ଠା, ତ୍ୟାଗ, ଅନୁରକ୍ତିର ସହିତ ଗୁରୁସ୍ୱାମୀଙ୍କ ଆଜ୍ଞାନୁସାରେ ସକଳ ଜଂଜାଳ ମଧ୍ୟରେ ଇଷ୍ଟ କର୍ମ କରିବା ହିଁ ପ୍ରକୃତ କର୍ମଯୋଗ ।।୮।।

ସାଧନାର ଉଚ୍ଚତର ସୋପାନରେ ଯୋଗୀ ଅଣାକ୍ଷର ଯନ୍ତ୍ରାଦି ସାଧନ କରନ୍ତି । ତତ୍ପରେ ଏକାକ୍ଷର ମନ୍ତ୍ର ମଧ୍ୟ ସାଧନ କରନ୍ତି । ଏକାକ୍ଷର ମନ୍ତ୍ର ଅନେକ ପ୍ରକାରରେ ରହିଛି । ଜଣେ ଜଣେ ଯୋଗୀ ଏକାଧିକ ଏକାକ୍ଷର ମନ୍ତ୍ର ଓ ଅଣାକାର ଯନ୍ତ୍ର ମଧ୍ୟ ସାଧନ କରି ପାରନ୍ତି । ବ୍ରହ୍ମଛାୟା, ଅବାଡ଼ ଛାୟା, ଜ୍ୟୋତି ବିନ୍ଦୁ ଦର୍ଶନ କରି ଆତ୍ମ ବିଭୋର ହୋଇ ଯାଆନ୍ତି । ମାତ୍ର ଏ ସକଳ ସାଧନ ଓ ସିଦ୍ଧି ସତ୍ତ୍ୱେ ଜନକଲ୍ୟାଣକର କର୍ମ ନ କଲେ, ତାହା କୁହୁକ ବା

ଯାଦୁବିଦ୍ୟା ଭଳି ଭେଳିକିରେ ପର୍ଯ୍ୟବସିତ ହୁଏ । ସାଧନଫଳ ବା ସିଦ୍ଧିର ଫଳ ବିଶ୍ୱର ମଂଗଳ ସାଧନ କରିପାରେ ନାହିଁ । ତେଣୁ ସବୁ ପର୍ଯ୍ୟାୟରେ ସବୁ ଅବସ୍ଥାରେ ଶ୍ରୀଗୁରୁସ୍ୱାମୀଙ୍କ ପରାମର୍ଶ ଅନୁସାରେ ଜନକଲ୍ୟାଣକର କର୍ମ କରିବା ହିଁ ଈଶ୍ୱରୋପଲବ୍ଧିର ସାଫଲ୍ୟ ।।୯।।

ଭାବ ଏକ ସୂକ୍ଷ୍ମ ତତ୍ତ୍ୱ । ଏହି ସୂକ୍ଷ୍ମ ଭାବରେ ପ୍ରକୃତି ସହିତ ଭାବ ଲଗାଇବାକୁ ହୁଏ । ସୂକ୍ଷ୍ମଭାବ ବିନିମୟ ନିମନ୍ତେ ସୂକ୍ଷ୍ମସୂତ୍ର ଅବଲମ୍ବନ କରି ପର୍ଯ୍ୟାପ୍ତ ମାନସ ଜପ, ପଦ୍ମପାଦରେ ଲୟ ସ୍ଥିର ରଖିବା ଏକାନ୍ତ ପ୍ରୟୋଜନ ।

କାମନା ବିହୀନ କର୍ମ ସଂପାଦନ କରି ନିଷ୍କାମ ଭାବକୁ ସୂକ୍ଷ୍ମ ମାନସ ସୂତ୍ରରେ ଧରି ପ୍ରଭୁପାଦ ଗୁରୁସ୍ୱାମୀଙ୍କ ସହିତ ଭାବ ଲଗାଇବାକୁ ହେଲେ ସାଂସାରିକ ସମସ୍ୟାମାନ ପ୍ରଭୁଙ୍କ ସନିଧାନରେ ଉତ୍ଥାପନ କରିବା ଆଦୌ ଉଚିତ୍ ନୁହେଁ । ଭକ୍ତ ଏହି ଭାବରେ ଦୃଢ଼ ରହିଲେ, ଅଜର ଅମର ଆତ୍ମାର ସାକ୍ଷାତ୍କାର ଲାଭ କରି ନିଜେମଧ୍ୟ ନିଜକୁ ଅଜର ଅମର (ଅଜର + ଅମର = ଅଜରାମର) ବୋଲି ଅନୁଭବ କରିପାରେ ।୧୦।

ପ୍ରଭୁହିଁ ଆମ୍ଭମାନଙ୍କର ପରମପ୍ରେମାସ୍ପଦ । ତାଙ୍କରି ପ୍ରେମ ଫାଶ (ପ୍ରେମବଂଧନ)ରେ ଆମ୍ଭେମାନେ ବାନ୍ଧିହୋଇଯାଇ ପାରିଲେ, ସବୁ ଅବସ୍ଥାରେ ସାଧନା ସହଜ ହୋଇଯାଏ । ଆପଣାର ପ୍ରେମଭକ୍ତିରେ ପ୍ରଭୁଙ୍କର ପ୍ରେମକୁ ମଜାଇ ରଖିବାହିଁ ଅସଲ ସାଧନ । ଏଥି ନିମନ୍ତେ ସକଳ ଅବସ୍ଥାରେ ପ୍ରଭୁଙ୍କର ଆଜ୍ଞାବାହୀ ହେବା ଆବଶ୍ୟକ । ସଂପୂର୍ଣ୍ଣ ଆନୁଗତ୍ୟର ସହିତ ଆନ୍ତରିକ ଆନନ୍ଦ ମନରେ ପ୍ରଭୁଙ୍କର ଆଦେଶ ପାଳନ ନିମନ୍ତେ ସର୍ବଦା ପ୍ରସ୍ତୁତ ରହିବା ଏକାନ୍ତ ବାଞ୍ଛନୀୟ । ଏହାଦ୍ୱାରା ସହଜ ସୂତ୍ରରେ ସୂକ୍ଷ୍ମ ପ୍ରାଣାୟାମ ସୂତ୍ର ସାଧନ ହୋଇ ଯିବା ଆସିବା (ଅର୍ଥାତ୍ ନାକ ପୁଡ଼ାରେ ଶ୍ୱାସ ପ୍ରଶ୍ୱାସର ଗତି ବେଗ ନିୟନ୍ତ୍ରଣ) ପର୍ଯ୍ୟାପ୍ତ ପରିମାଣରେ ନିଶ୍ୱାସପ୍ରଶ୍ୱାସର ତାଳେତାଳେ ସହଜ ସରଳ ଭାବରେ ସଂଘଟିତ ହୋଇଥାଏ । ଏହା ଫଳରେ ଅନ୍ତରରେ (ହଜ = ହରିଜନ୍ତୁ) ପ୍ରଭୁଙ୍କର ଉପସ୍ଥିତି ସହଜରେ ଅନୁଭବରେ ଆସିଥାଏ ।।୧୧।।

ଊର୍ମି ବୋଇଲେ ତରଙ୍ଗ, ଧୂର୍ମ ବୋଇଲେ ଧୂସର ବର୍ଣ୍ଣ, ଜ୍ୟୋତି ବୋଇଲେ ବିନ୍ଦୁ ଏବଂ ଜ୍ୱାଳା ବୋଇଲେ ଉଜ୍ଜ୍ୱଳ । ପ୍ରତ୍ୟେକ ଜୀବର ତ୍ରିକୁଟରେ ଧୂସର ବର୍ଣ୍ଣର ତରଙ୍ଗ ସ୍ୱରୂପ ଜ୍ୟୋତିବିନ୍ଦୁ ବିରାଜିତ ଥିବାରୁ ପ୍ରତ୍ୟେକ ବ୍ୟକ୍ତି କାମ କାମନାର ବଶବର୍ତ୍ତୀ ହୋଇ ବିଷୟାରସରେ ଇନ୍ଦ୍ରିୟ ପରିତୃପ୍ତ କରି ଉଜ୍ଜ୍ୱଳ ନୀଳାଭ ଜ୍ୟୋତି ବିନ୍ଦୁର କାନ୍ତି ଦର୍ଶନ କରି ପାରିନଥାନ୍ତି । ଏହି ଉଜ୍ଜ୍ୱଳ ନୀଳଜ୍ୟୋତି ଅଖଣ୍ଡ ଗୋଲାକାର ସଦୃଶ ହେଲେ ବ୍ୟକ୍ତି ସାଧନ ପଥରେ ଯାଇ ତାହା ଦର୍ଶନ କରିବାକୁ ସକ୍ଷମ ହୁଏ । ସେଥି ନିମନ୍ତେ କାମନା ବିହୀନ କର୍ମ କରିବାକୁ ପଡ଼େ । ମାନସ ଜପ ଓ ଶ୍ରୀପାଦପଦ୍ମରେ ଲୟସ୍ଥିରକରି ଚଞ୍ଚଳ ମନକୁ ନିୟନ୍ତ୍ରଣରେ ଆଣି ବଶୀଭୂତ କରିବାକୁ ହୁଏ । ଫଳରେ ଧୂସର ବର୍ଣ୍ଣର ତରଙ୍ଗାୟିତ ଜ୍ୟୋତି କ୍ରମଶଃ ଉଜ୍ଜ୍ୱଳ ନୀଳାଭ ଅଖଣ୍ଡ ଗୋଲାକାର ହୋଇ ସ୍ପଷ୍ଟ ଦୃଶ୍ୟମାନ ହୁଏ ।।୧୨।।

ସାଧନା ପଥରେ ଜୀବ ଯୋଗୀ ହୋଇ ଯୋଗ ମାଧ୍ୟମରେ ପ୍ରଭୁଙ୍କ ସହିତ ଯୋଗଯୁକ୍ତ ହେଲେ ସେହି ଉଜ୍ଜ୍ୱଳ ନୀଳାଭ ଅଖଣ୍ଡ ଗୋଲାକାର ମଧ୍ୟରେ ହୀରାର କାନ୍ତି ବା ବର୍ଣ୍ଣ ସଦୃଶ ବିଜୁଳିର ଝଟକ ପରି ଅତ୍ୟନ୍ତ ଉଜ୍ଜ୍ୱଳ ଜ୍ୟୋତି ବିନ୍ଦୁ ନୀଳାଲୋକ ମଧ୍ୟରେ ବିରାଜମାନ କରିଥିବାର ଦର୍ଶନ ଆପଣାର ତ୍ରିକୁଟରେ କରିଥାଆନ୍ତି ।।୧୩।।

ଯୋଗୀ ଯୋଗ ସାଧନ ପଥରେ ଜ୍ୟୋତି ଦର୍ଶନ ପର୍ଯ୍ୟାୟରେ ପହିଁଚିଗଲେ ସ୍ତମ୍ଭୀଭୂତ ବା ଆଶ୍ଚର୍ଯ୍ୟ ଚକିତ ହୋଇଯାଆନ୍ତି । ସେହି ଯୋଗାରୂଢ଼ ଅବସ୍ଥାରେ ତ୍ରିକୁଟ ରୂପକ ନୀଳ ଆକାଶରେ ଚାନ୍ଦ ସଦୃଶ ଜ୍ୟୋତି ଦର୍ଶନ ସମ୍ଭବ ହୁଏ । ସେ ସମୟରେ ମନ ନିଶ୍ଚଳ ହୋଇ ଚୈତନ୍ୟରେ ସ୍ଥିର ହୁଏ । ଜୀବର ଜଡ଼ ଅବସ୍ଥା ଦୂରୀଭୂତ ହୁଏ ।।୧୪।।।

ମନ ଏବଂ ଚୈତନ୍ୟ ଏକ ବିନ୍ଦୁରେ ମିଳିତ ହେବା ଅବସ୍ଥା ହିଁ ସମାଧି ଅବସ୍ଥା । ଏହି ସମାଧି ଅବସ୍ଥାରେ ଯୋଗୀ ସ୍ତମ୍ଭୀଭୂତ ହୋଇ ରହିଯାଆନ୍ତି । ଜଗଦ୍‌ବ୍ରହ୍ମମୟ ବୋଧ ହୁଏ । ସକଳ ଘଟରେ ନାରାୟଣ ଶ୍ରୀକେଶବ ଚନ୍ଦ୍ରଙ୍କୁ ଦର୍ଶନ କରି ହିଂସା, ଈର୍ଷା, ଛନ୍ଦ, କପଟ, ପରଶ୍ରୀକାତରତା, ଶତ୍ରୁତା ପ୍ରତିଶୋଧ ପରାୟଣତା ଆଦି ସକଳ ଦୁଷ୍ଟଗୁଣ ଦୂରୀଭୂତ ହୋଇଯାଇଥାଏ । ନିଶ୍ଚଳ ମନ ଚୈତନ୍ୟପୁରରେ ପ୍ରବେଶ କରି ନିଖିଳ ବିଶ୍ୱକୁ ଅମୃତମୟ ଅନୁଭବ କରେ । ଏହି ପୀୟୁଷ ପଥରେ ଚାଲି ଜୀବ କ୍ରମଶଃ ବିଷୟାବିଷ ବଂଧନରୁ ମୁକ୍ତି ପାଇଯାଏ । ବିଷୟାରସ ତଥା ଇନ୍ଦ୍ରିୟଗ୍ରାହ୍ୟ ବିଷୟ ସୁଖକୁ ତ୍ୟାଗ କରି ନିଶ୍ଚଳ ଭାବରେ ଏକାଗ୍ରଚିତ୍ତ (ଶୁଦ୍ଧଚିତ୍ତ) ଅବସ୍ଥାରେ ଯୋଗୀମାନେ ପ୍ରଭୁଙ୍କର ଅପୂର୍ବକର୍ମ କରି ଦିବ୍ୟରୂପ ଦର୍ଶନ କରନ୍ତି । ତ୍ରିକୁଟସ୍ଥ ଗୋଲହାଟ ବା ବଙ୍କନାଳରେ ନିତ୍ୟରସ ଅର୍ଥାତ୍ ଜୀବ ଓ ପରମଙ୍କର ଅପୂର୍ବ ଦିବ୍ୟମିଳନ ଅନୁଭବରେ ଆଣି ଦିବ୍ୟଦର୍ଶନ କରି ପରମାନନ୍ଦ ବା ବ୍ରହ୍ମାନନ୍ଦ ପ୍ରାପ୍ତି କରନ୍ତି ।।୧୫।।

ପ୍ରତ୍ୟେକ ଜୀବ ହୃଦୟରେ ସେହି ଦିବ୍ୟ ହୃଦ ବିହାରୀ ପ୍ରଭୁଙ୍କର ଅପୂର୍ବମୂର୍ତ୍ତି ବିରାଜିତ । ସେଠାରେ ତାଙ୍କୁ (ଦୟା, କ୍ଷମା, ସତ୍ୟ ଓ ଧର୍ମ) ସର୍ବଦା ସେବା କରୁଛନ୍ତି । ଏହି ମୂର୍ତ୍ତି ଦର୍ଶନ କଲାପରେ ଯୋଗୀ ଦୟା, ଧର୍ମ, ସତ୍ୟ ଓ କ୍ଷମାଗୁଣରେ ଆପଣାର କର୍ମସକଳକୁ ସଂପାଦାନ କରିଥାଆନ୍ତି । ସେଠାରେ ବା ସେହି ଅବସ୍ଥାରେ ଦିବାରାତି ବା ସୁଖଦୁଃଖର ଲେଶମାତ୍ର ନଥାଏ । ଯୋଗୀ ପ୍ରଭୁ ଭାବରେ ଭାବିତ ଓ ପ୍ରଭାବିତ ହୋଇ ସ୍ତମ୍ଭୀଭୂତ ଅବସ୍ଥାରେ ସମାଧିସ୍ଥ ଭାବରେ ଜନମଂଗଳକର ଓ ବିଶ୍ୱକଲ୍ୟାଣକର ସଂପାଦାନରେ ପରମ ଆନନ୍ଦ ଲାଭ କରନ୍ତି । ଏତାଦୃଶ ଅମୀୟ ଆନନ୍ଦ ଯେଉଁ ଯୋଗୀ ଥରେ ଆସ୍ୱାଦନ କରନ୍ତି, ସେ ସେହି ପଥରେ ରହି ବ୍ରହ୍ମର ସଂଧାନ କହିପାରନ୍ତି । ଏହା ବ୍ୟତୀତ ବ୍ରହ୍ମର ସଂଧାନ ଅଗୋଚରରେ ରହିଯାଏ । ଏ ଭାବ କେବଳ କହିବା କଥାରେ ବା ପ୍ରବଚନରେ ନ ଥାଏ, ଗୀତା ଭାଗବତ ଆଦିରେ ମଧ ନ ଥାଏ, କେବଳ ଗୁରୁକୃପା ବଳରେ ଏହା ପ୍ରାପ୍ତ ହୁଏ । ଶାସ୍ତ୍ର, ପୁରାଣ ଆଦି ପାଠ କରି, ଅଭ୍ୟାସ ଦ୍ୱାରା ତାହା ମୁଖସ୍ତ କରି ଅନର୍ଗଳ ପ୍ରକାଶ କରି ଥୋକେ ଲୋକ ନିଜକୁ ଜ୍ଞାନୀ ଓ ପଣ୍ଡିତ ସଜାଇ କେବଳ ପାଲା ଗାୟକ ସାଜି ଥାଆନ୍ତି । ବ୍ରହ୍ମବୋଧ ତାଙ୍କର ତିଳେମାତ୍ର ନ ଥାଏ । ନିସ୍ୱାର୍ଥ ଜନମଙ୍ଗଳ କର୍ମ ଏବଂ ନିଷ୍କାମ ବିଶ୍ୱକଲ୍ୟାଣ ବ୍ରତ ବ୍ୟତୀତ ବ୍ରହ୍ମ ଉପଲବ୍ଧି ବା ବ୍ରହ୍ମଦର୍ଶନ ସମ୍ଭବ ହେବା କଠିନ । ଆଜିର ଅନ୍ତିମ କଳିର ଦୁର୍ଦ୍ଦିନରେ ରକ୍ଷା ପାଇବାର ଏକମାତ୍ର ସହଜ, ସରଳ, ସୁନ୍ଦର ପଥ ହେଉଛି, ଜୀବ ପ୍ରତି ଦୟା, ଜନମଙ୍ଗଳକର କର୍ମ ବିଶ୍ୱକଲ୍ୟାଣକର ବ୍ରତ ସାଧନ କରିବା । ହେ, ସାଧୁଜନେ; ଏହା ବ୍ୟତୀତ ବ୍ରହ୍ମଉପଲବ୍ଧି ଓ ବ୍ରହ୍ମଦର୍ଶନର ଅନ୍ୟ ପନ୍ଥା ନାହିଁ କିମ୍ବା ଅକାଳ ମୃତ୍ୟୁ ମୁଖରୁ ରକ୍ଷା ପାଇବାର ଅନ୍ୟଗତି ନାହିଁ ।।୧୬।।

◆❖◆

*ରେ ବାଚାଳ ;*

*ଦିନ ବିତିଯାଉଛି, ବାଲ୍ୟଦିନୁ ବୁଢ଼ା ହେବା ପର୍ଯ୍ୟନ୍ତ ହିଂସା କପଟାଚାରରେ ଦିନ ଚାଲିଗଲା । ଏବେବି ସମୟ ଅଛି, ଏ ଖଳ ବୁଦ୍ଧି ଛାଡ଼ି ନାମପ୍ରେମରେ ମଜ୍ଜିରହ ।।*

# ଗୌତମ ଋଷିଙ୍କ ଅହଲ୍ୟାଙ୍କୁ ଶାପ ଓ ହନୁମନ୍ତ ଜନ୍ମ ବିବରଣ

## ପୁରାଣ ଗଳ୍ପାଂଶର ମୀମାଂସାଖଣ୍ଡ

ପିଣ୍ଡତତ୍ତ୍ୱ ମତ ଅନୁସାରେ ପୌରାଣିକ ଗଳ୍ପାଂଶର ମୀମାଂସା ଆଧ୍ୟାତ୍ମିକ ଜ୍ଞାନ ଓ ଯୋଗ ସାଧନର ପଥ ଉନ୍ମୁକ୍ତ କରିଥାଏ । ତେଣୁ ଯୋଗୀ ଓ ସାଧକମାନଙ୍କର ଯୋଗ ସାଧନର ଏହା ସହାୟକ । ସେହି ଦୃଷ୍ଟିରୁ ପୁରାଣ ଗଳ୍ପାଂଶର ମୀମାଂସା ଖଣ୍ଡର ଉପସ୍ଥାପନା । ଗଳ୍ପାଂଶ ପୃ୧୬ସ୍ଥା ଦ୍ରଷ୍ଟବ୍ୟ ।।

ସୂକ୍ଷ୍ମ ଜଗତର ଚୈତନ୍ୟଙ୍କୁ ମନୁରାଜା କୁହାଯାଏ । ସେହିପରି କାରଣ ଜଗତର ଚୈତନ୍ୟ ହେଉଛନ୍ତି ଅଗସ୍ତିମୁନି । ସୂକ୍ଷ୍ମ ଜଗତର ଚୈତନ୍ୟଙ୍କ ପ୍ରଶ୍ନଶୁଣି କାରଣ ଜଗତର ଚୈତନ୍ୟ ପିଣ୍ଡତତ୍ତ୍ୱରେ ସାଧନ ପ୍ରକ୍ରିୟାର ସୋପାନ ଶ୍ରେଣୀର ମହିମା ଉତ୍ତର ଛଳରେ ବର୍ଣ୍ଣନା କରୁଛନ୍ତି ।

ପଞ୍ଚଭୂତର ଶରୀରରେ ଥିବା ଇନ୍ଦ୍ରିୟାଦିଗଣର ପ୍ରତୀକ ହେଉଛନ୍ତି ଇନ୍ଦ୍ର ଏବଂ ଦକ୍ଷିଣ ଚକ୍ଷୁର ପ୍ରତୀକ ହେଉଛନ୍ତି ସୂର୍ଯ୍ୟ । ଚକ୍ଷୁ ଓ ଇନ୍ଦ୍ରିୟଗଣ ଗୌତମ ଋଷି ବା ସୂକ୍ଷ୍ମଚିତ୍ତର ଅନୁପସ୍ଥିତରେ କପଟ ଆଚରଣ କରିବା ସ୍ୱାଭାବିକ । ଜୀବ କପଟ ଆଚରଣ କରି ଅହଲ୍ୟା ବା ମହାମାୟା ବା ଅଜ୍ଞାନତାର ମୋହରେ ପଡ଼ିବା ମଧ୍ୟ ସ୍ୱାଭାବିକ ଓ ପ୍ରାକୃତିକ । ମହାମାୟା ଅନ୍ତର ନ ହେଲେ ଜ୍ଞାନ ଉଦୟ ହୁଏ ନାହିଁ । ଜୀବ ଅଜ୍ଞାନତା ଦୋଷରୁ ମୋହଗ୍ରସ୍ତ ହୋଇ କପଟାଚରଣ କରେ; ଫଳତଃ ଯୋଗଭ୍ରଷ୍ଟ ହୁଏ । ସାଧନାରେ ସିଦ୍ଧି ମିଳେ ନାହିଁ । ସୂକ୍ଷ୍ମଚିତ୍ତ (ଗୌତମ ଋଷି)ର ଅବର୍ତ୍ତମାନରେ ଇନ୍ଦ୍ରିୟ ଚକ୍ଷୁର ସାହଚର୍ଯ୍ୟରେ ମାୟା ରୂପକ ଅଜ୍ଞାନତା ଦ୍ୱାରା ମୋହ ଗ୍ରସ୍ତ ହୋଇ କାମକାମନାର ବଶବର୍ତ୍ତୀହୁଏ । ଫଳତଃ ପଞ୍ଚଭୂତର ଯଜ୍ଞାଦି ସ୍ୱରୂପ ସୋମଶୀଳ ଏବଂ ସାତ୍ତ୍ୱିକ ବୃତ୍ତି ଯଥା ଉତ୍ସର୍ଗ, ତ୍ୟାଗବ୍ରତ, ଦାନଯଜ୍ଞାଦି ସ୍ୱରୂପ ଯବଶୀଳର ଜନ୍ମ ହୁଏ ।

ସୂକ୍ଷ୍ମ ଚିତ୍ତର ପ୍ରତୀକ ଗୌତମ ଋଷି ଏବଂ ମହାମାୟାର ପ୍ରତୀକ ଅହଲ୍ୟାଙ୍କ ସଂଯୋଗରୁ ସଦ୍‌ବୀର୍ଯ୍ୟ ବା ଶୁଦ୍ଧ ମାନସର ପ୍ରକ୍ରିୟା ହେତୁ ଅଂଜନା କନ୍ୟା ବା ୬୪ ପ୍ରକାର ମାୟା ମଧ୍ୟରୁ ଗୋଟିଏ ମାୟା ବୃହତୀ ମାୟାର ଜନ୍ମ । ଏହି ବୃହତୀ ମାୟାର ପ୍ରତୀକ ଅଂଜନା କନ୍ୟା ବିବେକର କୁପଥରୁ ଜୀବନକୁ ସୁପଥକୁ ଟାଣି ନିଏ । ଏହା ସତ୍ୟ ପ୍ରକାଶ କରେ । ସତ୍ୟହିଁ ଜ୍ଞାନ, ଜ୍ଞାନହିଁ ଆଲୋକ, ଆଲୋକ ଅନ୍ଧକାର ବିନାଶ କରେ । ଅଜ୍ଞାନତା ଦୂର କରେ । ଈଶ୍ୱର ଉପଲବ୍ଧ ହୁଏ, ଜଗତକଲ୍ୟାଣ ସମ୍ଭବ ହୁଏ ।

ସମୁଦ୍ରସ୍ନାନ ବୋଇଲେ ଷଡ଼ଚକ୍ର ମତରେ ନାଭିମଣ୍ଡଳରୁ ତ୍ରିକୁଟ ପର୍ଯ୍ୟନ୍ତ । ଗୌତମ ବା ସୂକ୍ଷ୍ମଚିତ୍ତ ପଞ୍ଚଭୂତର ଯଜ୍ଞାଦି ସ୍ୱରୂପ ସୋମଶୀଳ ଏବଂ ସାତ୍ତ୍ୱିକ ବୃତ୍ତି ସ୍ୱରୂପ ଯବଶୀଳକୁ ଏବଂ ବୃହତୀ ମାୟା ସ୍ୱରୂପ ଅଂଜନାକନ୍ୟାକୁ ଧରି – ଅର୍ଥାତ୍ ପିଣ୍ଡ ତତ୍ତ୍ୱରେ ସୂକ୍ଷ୍ମଚିତ୍ତ, ଭୋଗ ବୃତ୍ତି, ସାତ୍ତ୍ୱିକ ବୃତ୍ତି ଏବଂ ବୃହତୀ ମାୟା ଚକ୍ରଭେଦରେ ନାଭିମଣ୍ଡଳରୁ ତ୍ରିକୁଟ ପର୍ଯ୍ୟନ୍ତ ବିସ୍ତୃତ ସମୁଦ୍ର ପଥରେ ଯାଇ ଚନ୍ଦ୍ରଭାଗା ବା ସୁପ୍ତ କୁଣ୍ଡଳିନୀରେ ସ୍ନାନ ତର୍ପଣ ଧ୍ୟାନାଦି କରି କୁଟୀରକୁ ଫେରୁଥିଲେ । ପିଣ୍ଡତତ୍ତ୍ୱରେ କୁଟୀର ହେଉଛି ସତ୍ତ୍ୱଗୁଣର ମନ୍ତ୍ର ଚୈତନ୍ୟ ସ୍ଥାନ ।

ଅଂଜନା କନ୍ୟା ବା ବୃହତୀ ମାୟା ଜୀବକୁ କୁପଥରୁ ସୁପଥକୁ ଟାଣିନିଏ । ତେଣୁ, ସେ ସତ୍ୟ ପ୍ରକାଶ କରି ଜ୍ଞାନର ଉଦୟ କରାଏ । ସୋମଶୀଳ ଓ ଯବଶୀଳର ଜନ୍ମ ବୃତ୍ତାନ୍ତ ସୂକ୍ଷ୍ମ ଚିତ୍ତକୁ ବୃହତୀମାୟା ଜଣାଇ ଦିଏ । ପିଣ୍ଡମତରେ ଆକାଶ ମାର୍ଗ ହେଉଛି ଲଲାଟ ଚକ୍ର । ସେଠାରୁ ଦୁଇଜଣ ପୁରୁଷ ସୂର୍ଯ୍ୟ ଓ ଇନ୍ଦ୍ର ଅର୍ଥାତ୍, ଚକ୍ଷୁ ଏବଂ ଇନ୍ଦ୍ରିୟ ତେଜୋଦୀପ୍ତ ହୋଇ ମନ୍ତ୍ର ଚୈତନ୍ୟ ସ୍ଥାନକୁ ଖସି ଅହଲ୍ୟା ବା ମହାମାୟାର ମୋହିନୀ ରୂପରେ ମୋହଗ୍ରସ୍ତ ହୋଇ ବିଷୟ ଭୋଗ କରିବାରୁ ଭୋଗ ପ୍ରକୃତି ଓ ସାତ୍ତ୍ୱିକ ବୃତ୍ତିର ଜନ୍ମ । ପର ଔରସ ବା କାମ ମୋହାଦି କଳୁଷିତ ଭାବରୁ ଏହାର ଜନ୍ମ ହୋଇଥାଏ । ଏହା ସୂକ୍ଷ୍ମ ଚିତ୍ତର ଆପଣାର ନୁହେଁ । କାରଣ, ଏହା ଯୋଗ ସାଧନର ଅନ୍ତରାୟ ଓ ବାଧକ । ଏହି ସତ୍ୟ ବୃହତୀ ମାୟା ସ୍ୱରୂପ ଅଂଜନା ଗୌତମ ଋଷି ବା ସୂକ୍ଷ୍ମଚିତ୍ତକୁ ଜ୍ଞାନ ଛଳରେ ଜଣାଇ ଦେଲା ।

ସୂକ୍ଷ୍ମଚିତ୍ତ ଆପଣାର ଯୋଗ ଶକ୍ତି ବଳରେ ସୋମଶୀଳ ଓ ଯବଶୀଳଙ୍କୁ ଅଗାଧ ସମୁଦ୍ର ରୂପକ ନାଭିମଣ୍ଡଳରୁ ତ୍ରିକୁଟ ପର୍ଯ୍ୟନ୍ତ ବିସ୍ତୃତ ଅଂଚଳକୁ ଫୋପାଡ଼ି ଦେଇ ଅଭିଶାପ ଦେଲେ । ଅଭିଶାପ ସତ୍ୟରେ ପରିଣତ ହେଲା । ଯବଶୀଳ ଓ ସୋମଶୀଳ ତମ ଓ ରଜ ଗୁଣ ମିଶ୍ରିତ ବଳ ବା ଶକ୍ତି ରୂପକୁ କୁମ୍ଭୀର ପରି ପହଁରି ପହଁରି ଆସି କୂଳରେ ପହଁଚିଲେ । ସେମାନେ ଶାପ ହେତୁ ମର୍କଟ(ବାନର) ରୂପ ଅର୍ଥାତ୍ ହେତୁର ହୁମ୍ପନୀତି ବା ମର୍କଟର ଚଂଚଳ ପ୍ରକୃତି ଧାରଣ କରିଥିଲେ । ଫଳରେ ସୂକ୍ଷ୍ମଚିତ୍ତ (ଗୌତମ ଋଷି) ଠାରୁ ପୃଥକୀକରଣ ହୋଇଗଲେ । ଏବେ ସୂକ୍ଷ୍ମଚିତ୍ତ ରୂପୀ ଗୌତମ ଋଷି ବୃହଦ୍ ମାୟା (ଜ୍ଞାନ ସ୍ୱରୂପିଣୀ) ରୂପିଣୀ ଅଂଜନା କନ୍ୟା ସହିତ ଆଶ୍ରମ ବୋଇଲେ ସତ୍ତ୍ୱ ଗୁଣର ମନ୍ତ୍ର ଚୈତନ୍ୟ ସ୍ଥାନକୁ ଗମନ କଲେ । ସୋମଶୀଳ ଓ ଯବଶୀଳ ଅର୍ଥାତ୍ ଭୋଗ ପ୍ରକୃତି ଓ ତ୍ୟାଗବ୍ରତ ତାଙ୍କର ଅନୁସରଣ କରି ଗଲେ ।

କୁଟୀର/ଆଶ୍ରମରେ ଅର୍ଥାତ୍ ସତ୍ତ୍ୱଗୁଣର ମନ୍ତ୍ର ଚୈତନ୍ୟ ସ୍ଥାନରେ ଗୌତମ ଋଷି ଅର୍ଥାତ୍ ସୂକ୍ଷ୍ମଚିତ୍ତ ଅଂଜନା କନ୍ୟା ଅର୍ଥାତ୍ ବୃହତୀମାୟା ସହିତ ଯାଇ ଦେଖିଲେ ଅହଲ୍ୟା ଅର୍ଥାତ୍ ମହାମାୟା ମୃତପିଣ୍ଡ ଅର୍ଥାତ୍ ମାୟା ସୁପ୍ତ (ଏବଂ ଜ୍ଞାନ ଜାଗ୍ରତ) ଅବସ୍ଥାରେ ଅଛନ୍ତି । ସୂକ୍ଷ୍ମଚିତ୍ତ ସାଧନ ପ୍ରକ୍ରିୟାରେ ବୀଜମନ୍ତ୍ର ଶକ୍ତି ପ୍ରୟୋଗରେ ପୁନଶ୍ଚ ସୁପ୍ତମାୟା ଅହଲ୍ୟାଙ୍କୁ ଜାଗ୍ରତ କରାଇ ଅଭିଶାପ ଦେଲେ । ଅଜ୍ଞାନ ପ୍ରସ୍ତର ପରି ଦେହ ଅର୍ଥାତ୍ ଅଜ୍ଞାନତା ରୂପକ ମାୟା ମୋହଗ୍ରସ୍ତ ହୋଇ ସୁପ୍ତ ଅବସ୍ଥାରେ ଗଂଗା ନଦୀ କୂଳରେ ଅର୍ଥାତ୍ ଇଡ଼ା ସୁଷୁମ୍ନା ପିଙ୍ଗଳା ମଧ୍ୟରୁ ପିଙ୍ଗଳା ପାର୍ଶ୍ୱରେ ପଡ଼ି ରହିବ । ଦୈନିକ ଲକ୍ଷେ ଇନ୍ଦ୍ରିୟ ଅର୍ଥାତ୍ ସତ୍ତ୍ୱରଜଗୁଣ ମିଶ୍ରିତ ଇନ୍ଦ୍ରିୟ ଭୋଗରେ ଜୀବନଶୀଳ ଅତିବାହିତ ହେବ । ଫଳତଃ ସୂକ୍ଷ୍ମଚିତ୍ତଠାରୁ ମାୟା ଅନ୍ତର ହେବା ଓ ସାଧନ ପ୍ରକ୍ରିୟା ବଳବତୀ ହେବା ଏଠାରେ ଦର୍ଶାଯାଇଛି । ତ୍ରେତୟା ଯୁଗରେ ମୁକ୍ତି ଅର୍ଥାତ୍, ପିଣ୍ଡତତ୍ତ୍ୱରେ ତ୍ରେତୟା ଯୁଗ କହିଲେ ହୃଦୟଚକ୍ର । ହୃଦୟ ଚକ୍ରର ଚକ୍ରଦ୍ୱିକ୍ କୋଷରେ ଶ୍ରୀରାମ ଅର୍ଥାତ୍ ଆତ୍ମାରାମଙ୍କର ବିଜେସ୍ଥଳୀ । ଆତ୍ମାରାମ (ଶ୍ରୀରାମ) ଜ୍ଞାନମୟ କୋଷ (ବିଶ୍ୱାମିତ୍ର)ଙ୍କ ସହିତ ଗଂଗାସ୍ନାନ (ପିଙ୍ଗଳା ନାଡ଼ିଭ୍ରମଣ) କାଳରେ ଅହଲ୍ୟାର ପ୍ରସ୍ତର ଶରୀର (ସୁପ୍ତ ମାୟା)ରେ ଚରଣସ୍ପର୍ଶ ଦ୍ୱାରା ମାୟା ପୁନର୍ବାର ସୁପ୍ତ ଅବସ୍ଥାରୁ ଜାଗ୍ରତଅବସ୍ଥାକୁ ଆସିବା ଦ୍ୱାରା ସୂକ୍ଷ୍ମଚିତ୍ତ (ଗୌତମ)ଙ୍କ ସହିତ ମିଳିତ ହୋଇ ଯୋଗମାୟା ରୂପରେ ଯୋଗୀମାନଙ୍କୁ ଯୋଗର ଉର୍ଦ୍ଧ୍ୱତମ ଦେଶକୁ ଟାଣି ନିଅନ୍ତି ।

ମହାମାୟାଙ୍କର ଅଂଜନା କନ୍ୟାକୁ ଶାପ ଦେବା ଅର୍ଥ ବୃହତୀମାୟା (ଜ୍ଞାନ ଗର୍ଭିଣୀ)କୁ ଶାପ ଦେଇ ଗର୍ଭଜାତ ପୁତ୍ର ବାନର ହେବା ବା ହନୁମାନ ବା ଅନୁମାନ ସୂତ୍ରର ଜନ୍ମ ହେବା ଦର୍ଶାଯାଇଛି । ଜ୍ଞାନ ସ୍ୱରୂପିଣୀ ବୃହତୀ ମାୟା ବିବାହ ନ କରିବା ବା ରତି ଇଛା ନ କରିବା ଦର୍ଶାଇ ତପସ୍ୟା ଆଚରଣ ଦ୍ୱାରା ସାଧକର ଯୋଗନିଷ୍ଠା ପ୍ରତିପାଦିତ ହୋଇଛି । ସୂକ୍ଷ୍ମଚିତ୍ତ (ଗୌତମ) ପୀନାକ ଚକ୍ର ବା ପ୍ରଚଣ୍ଡ ପବନକୁ ଆଜ୍ଞା ଦେବା ଯୋଗୀର ଯୋଗ ସାଧନରେ ସୂକ୍ଷ୍ମଚିତ୍ତ ଓ ପୀନାକ ଚକ୍ରର ସହାୟତା ପ୍ରକାଶ ପାଇଛି ।।

ଶିବ ପାର୍ବତୀଙ୍କର କ୍ରୀଡ଼ାତ୍ମକ କଣ୍ଠଚକ୍ର । ଶିବ ବୋଇଲେ ଜ୍ଞାନ ତତ୍ତ୍ୱର ଅଧିକାରୀ ଏବଂ ପାର୍ବତୀ କହିଲେ ଜ୍ଞାନତତ୍ତ୍ୱର ରକ୍ଷାକର୍ତ୍ତ୍ରୀ । ଶିବ ପୁରୁଷ ଏବଂ ପାର୍ବତୀ ପ୍ରକୃତି ସ୍ୱରୂପିଣୀ । ଶିବଙ୍କ ରେତ ବା ଜ୍ଞାନ ତତ୍ତ୍ୱର କ୍ଷରଣରୁ ସୂଚୀମୁଖୀ, ଜାମ୍ବବାନ, ମୁକ୍ତା, ଶଂଖ, କଉଡ଼ି, ଲୌହାଦି ଅଷ୍ଟରତ୍ନ, କପିବୀର ଶତାବଳୀ ଆଦି ସୃଷ୍ଟି ହେଲା । ଏହି ଶତାବଳୀ ହେଉଛି ଜୀବର ଉଗ୍ରସ୍ୱଭାବ ଓ ଚଣ୍ଡ ପ୍ରକୃତି । ପବନ ବା ପ୍ରାଣ କିଛି ରେତ ନେଇ ଅଂଜନା ବା ବୃହତୀମାୟାକୁ ଦିଅନ୍ତେ ତହିଁରୁ କାଳକ୍ରମେ ମହାମାୟାଙ୍କର ଶାପ ଫଳରୁ ହନୁମାନ (ଅନୁମାନସୂତ୍ରିକ ଜ୍ଞାନ ତତ୍ତ୍ୱ)ର ଜନ୍ମ ହେଲା । ଗର୍ଭବତୀ ଅଂଜନା ପ୍ରସବ ନିମନ୍ତେ ପ୍ରଥମେ ମନ୍ଦରପର୍ବତ (ମୋହ) ଓ ପରେ ମେରୁ ପର୍ବତ (ଦୃଢ଼ତା)କୁ ଆଶ୍ରୟ କଲା । ଏହା ବିରାଟ ପୁରୁଷଙ୍କର ସାତ୍ତ୍ୱିକ ମୋହ ଅଟେ । ମେରୁ ପର୍ବତରେ ପୁତ୍ର ପ୍ରସବ କରି ଅଂଜନା ବୈରାଗସୂତ୍ରରେ ପୁତ୍ରକୁ ତ୍ୟାଗ କରି ବାହୁଡ଼ିଲେ । ବାନର ରୂପୀ ଏହି ପୁତ୍ରହିଁ ଅନୁମାନ ସୂତ୍ରିକ ଜ୍ଞାନ । ଏହା ବ୍ୟାପକ, ଖାଦ୍ୟ ମାଗନ୍ତେ ରଂଗଫଳ ବା ତମଗୁଣ (ତମ ଭାବାପନ୍ନ ସ୍ୱଭାବ)କୁ ଆହାର କରିବା ନିମନ୍ତେ ବୃହତି ମାୟା (ଅଂଜନା) ପରାମର୍ଶ ଦେଲେ । ଶ୍ରୀରାମ ବା ଆତ୍ମାରାମଙ୍କୁ ପ୍ରାପ୍ତ ହେବାକଥା କହିଲେ । କିଷ୍କିନ୍ଧ୍ୟା ବୋଇଲେ ସହସ୍ରାର । ସେଠାରେ ଆତ୍ମାରାମ ପ୍ରାପ୍ତି ହେବ ।

ନବୋଦିତ ସୂର୍ଯ୍ୟଙ୍କର ଅରୁଣିମାକୁ ରଂଗଫଳ ବା ତମଗୁଣ ମନେକରି ହନୁମାନ ଅନୁମାନସୂତ୍ରରେ ଖାଦ୍ୟ ବୋଲି ମନେକରି ଲମ୍ଫଦେବା ବା ବ୍ୟାପକ ହେବାରୁ ସୂର୍ଯ୍ୟ ଇନ୍ଦ୍ରଙ୍କର ଶରଣାପନ୍ନ ହେଲେ । ଇନ୍ଦ୍ର କ୍ରୋଧ କରି ପାରିଜାତ ପୁଷ୍ପ ମଣ୍ଡିତହୋଇ ବଜ୍ରହସ୍ତରେ ବାନରକୁ ଆଘାତ କରିବାରୁ ହନୁହାଡ଼ ଭାଙ୍ଗିଗଲା ଓ ବାନର ଅସାଷ୍ଟମ ହୋଇ ମୃତ ହେଲା । ହନୁହାଡ଼ ଭାଙ୍ଗିବାର ଅର୍ଥ ଇନ୍ଦ୍ରିୟାଦି ସଂଯମ ହେବା । ହନୁମାନ ସଂଯମୀ ପୁରୁଷ । ପବନ ରୁଦ୍ଧ ହେବାରୁ ବ୍ରହ୍ମା ସକଳ ଦେବ ଦେବୀଙ୍କ ସ୍ପର୍ଶ, ଆୟୁଷ ଓ ଆଶୀର୍ବାଦରୁ ବାନର ପୁନର୍ଜୀବନ ଲାଭ କଲା । ହନୁମାନ ବୋଲି ନାମ କରଣରୁ ଅନୁମାନ ସୂତ୍ରିକ ଜ୍ଞାନରେ ମହାଜ୍ଞାନୀ ଏବଂ ହନୁହାଡ଼ ଭାଙ୍ଗିଥିବାରୁ ଇନ୍ଦ୍ରିୟ ସଂଯମୀ ହୋଇ ସେ ଚିରଞ୍ଜିବୀ ଅଟନ୍ତି ।




*ସଦେଶ ପତ୍ରଧାରୀ ଭକ୍ତଶିଷ୍ୟମାନଙ୍କର ସାଧନାଜୀବନ ଏବଂ ଶାଖା, ଉପଶାଖା, ପ୍ରସ୍ତାବିତ ଶାଖା, ଅଣଆନୁଷ୍ଠାନିକ ଶାଖା ପରିଚାଳନା ନିମନ୍ତେ ପ୍ରଭୁପାଦ ଗୁରୁସ୍ୱାମୀ ଶ୍ରୀଶ୍ରୀଶ୍ରୀ ଠାକୁରଙ୍କର ପ୍ରଦର୍ଶିତ ପଥ-*

## ପଞ୍ଚବିଂଶତି ସୂତ୍ର

(୧) ଯଥାସମ୍ଭବ ନୀରବତା ରକ୍ଷା କର ।

(୨) ଅଶୌଚ ଅବସ୍ଥାରେ ଘରେ ପ୍ରବେଶ କର ନାହିଁ ।

(୩) ଧୀର ଭାଷା, ମନ୍ଥର ଗତି ନିତାନ୍ତ ଆବଶ୍ୟକ ।

(୪) ଧୂମପାନ ନିଷେଧ, ନିଶା/ମାଦକ ଦ୍ରବ୍ୟ ସେବନ ନିଷେଧ ।

(୫) ଏଠାରେ ସମସ୍ତକାମ ନିଜର ଭାବି କରିବ । ମୁଖ୍ୟ କାମରେ ଥିଲେ ସୁଦ୍ଧା, ଗୌଣକର୍ମ ପ୍ରତି ମଧ୍ୟ ଦୃଷ୍ଟି ଦେବ ।

(୬) ଏ କାମ ମୋର, ସେ କାମ ତା'ର – ଏଭଳି ମନୋବୃତ୍ତି ରଖିବ ନାହିଁ ।

(୭) ଅଶ୍ଳୀଳ / ଅପ୍ରାସଙ୍ଗିକ କଥା କହି ହେଁହେଁ ଫେଁଫେଁ ହେବ ନାହିଁ କିମ୍ବା ଉଚ୍ଚସ୍ୱରରେ ହସିବ ନାହିଁ ।

(୮) ଶୃଙ୍ଖଳିତ ଆଚରଣ ଦୃଷ୍ଟିରୁ ପ୍ରତ୍ୟେକ ବ୍ୟବହାର୍ଯ୍ୟ ଜିନିଷପତ୍ର ଯଥାସ୍ଥାନରୁ ନେଇ ବ୍ୟବହାର ପରେ ପୁଣି ଯଥା ସ୍ଥାନରେ ଯତ୍ନରେ ରଖିବ ।

(୯) ସବୁ ପ୍ରକାର ବିରକ୍ତି ପରିହାର କରି ଆନନ୍ଦର ସହିତ ଇଷ୍ଟ ନିର୍ଦ୍ଦେଶିତ ଆହାର ଗ୍ରହଣ କରିବ ।

(୧୦) ହରିଗୁଣ ଓ ହରିନାମ କୀର୍ତ୍ତନ କରି ଆନନ୍ଦରେ ଗୃହରେ ଅବସ୍ଥାନ କର ।

(୧୧) ଆଳସ୍ୟ ତ୍ୟାଗ କର, କିଛି ନା କିଛି କର୍ମରେ ସର୍ବଦା ନିଯୁକ୍ତି ରୁହ । ପ୍ରତି ଦିନ ନିର୍ଦ୍ଦିଷ୍ଟ ସମୟରେ ବିଶ୍ରାମ ନିଅ ।

(୧୨) ରାତ୍ରୀ ଜାଗରଣ ବା ଅନିଦ୍ରା ବର୍ଜନ କର । ପ୍ରତ୍ୟେକ ରାତ୍ରୀରେ ପୂର୍ଣ୍ଣବିଶ୍ରାମ ନିଅ । ଶୟନ ସମୟରେ ମଧ୍ୟ ବୀଜମନ୍ତ୍ର ମନନ କର ।

(୧୩) ପ୍ରତ୍ୟେକଙ୍କୁ ଭଲପାଅ, ଶ୍ରଦ୍ଧାକର ।

(୧୪) ସେବା ପରାୟଣ ହୁଅ, ଯଥାଯୋଗ୍ୟ ସ୍ନେହ / ଭକ୍ତି ପ୍ରଦର୍ଶନ କର ।

(୧୫) ତ୍ୟାଗ ନିମନ୍ତେ ସବୁବେଳେ ପ୍ରସ୍ତୁତ ରୁହ ।

(୧୬) ଧାରା ଗ୍ରହଣ କରିଛ, ସଂକଳ୍ପ କରିଛ, ଶପଥ କରିଛ, ତେଣୁ ଧାରା ମାନି ପ୍ରତିଦିନ ଜୀବନ ପଥରେ ଚଳ, ମୃତ୍ୟୁକୁ ମଧ୍ୟ ଅତିକ୍ରମ କରିଯିବ ।

(୧୭) ସତ୍‌ସଂଗରେ ଶ୍ରଦ୍ଧାର ସହିତ ନିୟମିତ ଶୁଦ୍ଧ ଆଚରଣରେ ଯୋଗଦିଅ । ସୂକ୍ଷ୍ମ ଅନୁଭୂତିରେ ଆମର ସତ୍ତା ଆପଣା ଭିତରେ ପାଇଯିବ୍ ।

(୧୮) କଦାପି ଅନ୍ୟର ସମାଲୋଚନା କର ନାହିଁ । ଆମ ପ୍ରସଙ୍ଗରେ ଆନନ୍ଦର ସହିତ ପରସ୍ପର ମଧ୍ୟରେ ଆଳାପ ଆଲୋଚନା କର । ଆମ ସୂକ୍ଷ୍ମ ସତ୍ତାର ଉପସ୍ଥିତି ନିଶ୍ଚୟ ଉପଲବ୍ଧ କରିବ ।

(୧୯) ବିକାରଗ୍ରସ୍ତ ହୋଇ କପଟ ଆଚରଣରେ ଗୁରୁ ଭାଇଭଉଣୀମାନଙ୍କ ସହିତ ମିଳାମିଶା କରନାହିଁ । ବିଶ୍ୱାସକର, ଆପଣାର ଭାବି ବିଶ୍ୱଭାତୃତ୍ୱର ବନ୍ଧନରେ ବାନ୍ଧି ହୋଇ ଯାଅ । କିନ୍ତୁ ସାବଧାନ, ଧାରା ବହିର୍ଭୂତ କର୍ମପ୍ରସଂଗକୁ ପ୍ରଶ୍ରୟ ଦିଅ ନାହିଁ ।

(୨୦) ପ୍ରଭୁପାଦ ଗୁରୁସ୍ୱାମୀଙ୍କ ବ୍ୟତୀତ ଅନ୍ୟ କାହରିକୁ ସାଷ୍ଟାଙ୍ଗ ପ୍ରଣାମ କରନାହିଁ । ପ୍ରଣାମ କରିପାର, ନଚେତ୍ ଭ୍ରାତୃତ୍ୱ ପ୍ରଣାମହିଁ ଯଥେଷ୍ଟ ।

(୨୧) ସାଙ୍ଗଠନିକ କାର୍ଯ୍ୟରେ ସର୍ବଦା ସାଧ୍ୟମତେ ସହଯୋଗ କର । ସାଙ୍ଗଠନିକ କର୍ମକର୍ତ୍ତାଙ୍କ ସହିତ ଯଥା ସମ୍ଭବ ସମ୍ପର୍କ ରକ୍ଷାକର ଓ ଭାବ ବିନିମୟ କରି ସମସ୍ୟା ସମାଧାନରେ ସାହାଯ୍ୟ ସହଯୋଗ କର ।

(୨୨) ପ୍ରଭୁମୁଖୀ ହୁଅ, ପ୍ରଭୁଙ୍କର ଶରଣାଗତ ହୁଅ, ପ୍ରଭୁଙ୍କ ନିମନ୍ତେ ଯଥାସମ୍ଭବ ସାମର୍ଥ୍ୟ ଅନୁସାରେ ତ୍ୟାଗ କର, ଉପଲବ୍ଧ କରି ଭାବ ଅନୁସାରେ ଯାହା ପାରୁଛ ପ୍ରଭୁଙ୍କୁ ସମର୍ପଣ କର । କ୍ଷେତ୍ରର ଉତ୍ତରୋତ୍ତର ଉନ୍ନତି ଓ ପ୍ରଗତି ପାଇଁ ସମର୍ପଣ ଭାବାପନ୍ନ ହୋଇ ସାହାଯ୍ୟ ସହଯୋଗ କର । କଦାଚ କୁଣ୍ଠିତ ହୁଅ ନାହିଁ ।

(୨୩) ପ୍ରଭୁପାଦ ଗୁରୁସ୍ୱାମୀଙ୍କ ନିର୍ଦ୍ଦେଶିତ ଭାବଧାରାର ପ୍ରସାର ଓ ପ୍ରଚାର ନିମନ୍ତେ ଗୁରୁସ୍ୱାମୀଙ୍କର ଆଶୀର୍ବାଦ ଭିକ୍ଷା କରି କର୍ମତତ୍ପରତା ସହିତ ଅକୁଣ୍ଠିତ ଦେହମନରେ କାମରେ ଲାଗି ପଡ ।

(୨୪) ପ୍ରଭୁ ତୁମ ଭିତରେ ସୃଜନୀ ଶକ୍ତି ଦେଇଛନ୍ତି । ସେହି ସ୍ୱର୍ଗୀୟ ସୃଜନୀ ଶକ୍ତିକୁ ଆଶ୍ରମ ସଂଗଠନ, ଶାଖାସଂଗଠନ ଓ ସତ୍‌ସଂଗ ନିମନ୍ତେ ଶ୍ରଦ୍ଧା, ତ୍ୟାଗ, ନିଷ୍ଠା ଓ ଶୃଙ୍ଖଳାର ସହିତ ବିନିଯୋଗ କରି ଗୁରୁସ୍ୱାମୀଙ୍କର ପ୍ରସାଦର ପାତ୍ର ହୁଅ । ପ୍ରଭୁପାଦ ଗୁରୁସ୍ୱାମୀ ତୁମ ଭିତରେ ସତତ ବିଦ୍ୟମାନ । ଏହା ଉପଲବ୍ଧ କରି ଅନୁଭୂତିରେ ଆଣିବାକୁ ଚେଷ୍ଟାକର ।

(୨୫) ଶାଖା ସତ୍‌ସଙ୍ଗରେ ଯଥା ସମୟ ପୂର୍ବରୁ ଉପସ୍ଥିତ ହୋଇ ପରିଚାଳକଙ୍କ ନିର୍ଦ୍ଦେଶ ଅନୁସାରେ ସକଳ କାର୍ଯ୍ୟ ଶୃଙ୍ଖଳାର ସହିତ କର । ଶାଖା ତୁମର, ଏହାର ସବୁକିଛି ଦାୟିତ୍ୱ ତୁମମାନଙ୍କୁ ହିଁ ବହନ କରିବାକୁ ହେବ । ଶାଖା ସତ୍‌ସଙ୍ଗରେ ଅନୁପସ୍ଥିତ ନ ହେବାକୁ ଚେଷ୍ଟାକର । ଶାଖା କାର୍ଯ୍ୟ କରିବା ଦ୍ୱାରା ହିଁ ତମେ ତମ ପ୍ରଭୁଙ୍କର ସେବା କରୁଛ । ମନେ ରଖ, ଆମେ ତମ ଶାଖାରେ ତମ ଗହଣରେ ସୂକ୍ଷ୍ମରେ ଉପସ୍ଥିତ ରହୁଁ ।

ଏହି ପଞ୍ଚବିଂଶ (୨୫) ସୂତ୍ର ସମ୍ବଳିତ ପଥରେ ଚଳି ପଞ୍ଚବିଂଶତି ପ୍ରକୃତିକୁ ବିଶ୍ୱକଲ୍ୟାଣରେ ବିନିଯୋଗ କର । ଗୁରୁକୃପା ଓ କଲ୍ୟାଣ ତମକୁ ଅବଶ୍ୟ ପ୍ରାପ୍ତ ହେବ । ତମେ ଉପଲବ୍ଧ କରିପାରିବ ।

◆❖◆

ଆମର ଲକ୍ଷ୍ୟ : ଚରମପ୍ରାପ୍ତି